ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୧୬
୧୩ ଡିସେମ୍ବର, ୨୦୨୫ ଶନିବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 216
13th December, 2025 Saturday
Kendrapara

ODISHA EXPRESS  SIGHTS TRUTH WRITES TRUTH  ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in  E-mail : odishaexpress@gmail.com  RNI Regd. No. ODIODI/2009/28880  ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ




### ନୀତି ବାଣୀ

**ହରିଣାପି ହରେଣାପି ବ୍ରହ୍ମଣାପି ସୁରୈରପି**
**ଲଲାଟଲିଖିତା ରେଖା ପରିମାର୍ଷ୍ଟୁଂ ନ ଶକ୍ୟତେ ।**

ଲଲାଟରେ ଯାହା ଲେଖାଥିବ ତାକୁ ହରି, ହର, ବ୍ରହ୍ମା ଓ ଦେବତାମାନେ ମଧ୍ୟ ଅନ୍ୟଥା କରିବାକୁ ସମର୍ଥ ନୁହନ୍ତି ।

## ବିଜେପି ଖାତାରେ କଂଗ୍ରେସ ତୁଳନାରେ ୭୫ ଗୁଣ ଅଧିକ ଅର୍ଥ

**ନୂଆଦିଲ୍ଲୀ,୧୨।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତୀୟ ଜନତା ପାର୍ଟି (ବିଜେପି) ଏବଂ କଂଗ୍ରେସର ବ୍ୟାଙ୍କ ଖାତାରେ କେତେ ଟଙ୍କା ଅଛି ? ଏବଂ ଦୁଇ ବଡ଼ ଦଳ ପାଖରେ ଥିବା ସମ୍ବଳର ଅନ୍ତର କେତେ ? ଏନେଇ ଖୁଲାସା କରିଛନ୍ତି କଂଗ୍ରେସର ରାଜ୍ୟସଭା ସାଂସଦ ଅଜୟ ମାକନ। ଗୁରୁବାର ରାଜ୍ୟସଭାରେ ନିର୍ବାଚନୀ ସଂସ୍କାର ଉପରେ ଚର୍ଚ୍ଚା ଭିତରେ ବ୍ୟାଙ୍କ ବାଲାନ୍ସର ତଥ୍ୟ ଦେଇଛନ୍ତି କଂଗ୍ରେସ ନେତା। ବିଜେପି ଖାତାରେ



କଂଗ୍ରେସ ତୁଳନାରେ ୭୫ ଗୁଣ ଅଧିକ ଅର୍ଥ ରହିଛି। ଦୁଇଟି ବଡ଼ ଦଳରେ ସମ୍ବଳର ଏତେ ବଡ଼ ଅସମାନତା ଏକ ସୁସ୍ଥ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ସେ କହିଛନ୍ତି।

ସେ କହିଛନ୍ତି, ଗଣତନ୍ତ୍ର ପାଇଁ ତିନୋଟି ମୌଳିକ ସର୍ତ୍ତ, ସମାନ ସୁଯୋଗ, ସ୍ୱଚ୍ଛତା ଏବଂ ବିଶ୍ୱସନୀୟତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ଦାବି କରିଛନ୍ତି ଯେ, ଏନଡିଏ ସରକାର ଏହି ମାନଦଣ୍ଡଗୁଡ଼ିକୁ ପୂରଣ କରୁନାହିଁ। ସେ କଂଗ୍ରେସ ଦଳର କୋଷାଧ୍ୟକ୍ଷ ଥିବାରୁ ଗତ ଦୁଇରୁ ତିନି ବର୍ଷ ଧରି ଦଳୀୟ ହିସାବ, ଅର୍ଥାତ୍ ଆୟ ଏବଂ ଖର୍ଚ୍ଚ ବିବରଣୀ ପ୍ରଦାନ କରିଆସୁଛନ୍ତି। ସେ ନିର୍ବାଚନ କମିଶନଙ୍କ ୱେବସାଇଟରେ ଅନ୍ୟ ଦଳର ହିସାବ ମଧ୍ୟ ଯାଞ୍ଚ କରନ୍ତି ବୋଲି *(ଶେଷ ପୃଷ୍ଠା ଦେଖନ୍ତୁ)*

## ରାଜଧାନୀରେ ନାବାଳିକାକୁ ଦୁଷ୍କର୍ମ !

**ଭୁବନେଶ୍ୱର,୧୨।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜଧାନୀରେ ଲଜ୍ଜା। ୧୧ ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ। ଅଭିଯୋଗ ପାଇବା ପରେ ମହିଳା ଥାନା ପୁଲିସ ଏକ ମାମଲା ରୁଜୁକରି ଦୁଷ୍କର୍ମକାରୀକୁ ଧରିବାକୁ ତନାଘନା ଆରମ୍ଭ କରିଛି।

ଗଞ୍ଜାମ ଅଞ୍ଚଳର ନାବାଳିକା ଜଣକ ବାପା-ମା'ଙ୍କ ସହ ଭୁବନେଶ୍ୱରରେ ରୁହନ୍ତି। ପ୍ରଥମେ ଗତ ୪ ତାରିଖରେ ସ୍ଥାନୀୟ ଅଞ୍ଚଳର ଜଣେ ପାନ ଦୋକାନୀ ନାବାଳିକାକୁ ଏକୁଟିଆ ପାଇ ଦୁଷ୍କର୍ମ ଉଦ୍ୟମ କରିଥିଲା। ତେବେ ନାବାଳିକା ପାଟି କରିବାରୁ ଖସି ପଳାଇଥିଲା ।

ବୁଧବାର ପୁଣିଥରେ ନାବାଳିକା ଏକୁଟିଆ ଘରେ ଥିବାର ସୁଯୋଗ ନେଇ ଜୋର ଜବରଦସ୍ତ ଦୁଷ୍କର୍ମ କରିଥିଲା। କାହାକୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇ ଫେରାର ହୋଇଯାଇଛି। ବାପା-ମା' ଝିଅଠୁ ସବୁ କଥା ଜାଣିବା ପରେ ମହିଳା ଥାନାରେ ମାମଲା ରୁଜୁ କରିଛନ୍ତି। ଅଭିଯୁକ୍ତକୁ ଗିରଫ କରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

## ବଦଳିଲା ମନରେଗାର ନାଁ

**ନୂଆଦିଲ୍ଲୀ,୧୨।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ମହାତ୍ମା ଗାନ୍ଧି ନିଶ୍ଚିତ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା ବା ମନରେଗାର ନାଁ ବଦଳାଇ ଦେଇଛନ୍ତି କେନ୍ଦ୍ର ସରକାର। ଏମଜିନରେଗାର ନାଁ ବଦଳାଇବା ନିଷ୍ପତ୍ତି ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କେନ୍ଦ୍ର କ୍ୟାବିନେଟ ମୋହର ମାରିଛନ୍ତି। ଏବେ ଏହି ଗ୍ରାମୀଣ ନିଯୁକ୍ତି ଯୋଜନା ପୂଜ୍ୟ ବାପୁ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟୀ ଯୋଜନା ଭାବେ ପରିଚୟ ହାସଲ କରିଛି।

କେନ୍ଦ୍ର ସରକାର କେବଳ ନାଁ ବଦଳାଇ ନାହାନ୍ତି, ନିଶ୍ଚିତ କର୍ମ ନିଯୁକ୍ତି



ଯୋଜନାରେ କାର୍ଯ୍ୟ ଦିବସକୁ ମଧ୍ୟ ବୃଦ୍ଧି କରିଛନ୍ତି। ପୂର୍ବରୁ ଏହି ଯୋଜନା ଅଧୀନରେ ଗ୍ରାମାଞ୍ଚଳର ଲୋକଙ୍କୁ ନିଶ୍ଚିତ ୧୨୫ ଦିନର କାର୍ଯ୍ୟ ଦିବସ ମିଳୁଥିଲା। ଏବେ ଏହାକୁ ୨୪୦ ଦିନକୁ ବୃଦ୍ଧି କରାଯାଇଥିବା ଜଣାପଡିଛି।

ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟ ଆଇନ ୨୦୦୫ ନାଁ ଅନୁସାରେ ପ୍ରଥମେ କଂଗ୍ରେସ କ୍ଷମତାସୀନ ୟୁପିଏ ସରକାର ଏହାକୁ ଲଞ୍ଚ କରିଥିଲେ। ଏହା ନରେଗା ନାଁରେ ପ୍ରଥମ ପରିଚିତ ଥିଲେ। ପରବର୍ତ୍ତୀ ଅବସ୍ଥାରେ ଏହା ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟୀ ଆଇନ ବା ଏମଜିନରେଗା ବା ମନେରଗା ନାଁକୁ ପରିବର୍ତ୍ତନ କରାଯାଇଥିଲା। ଏବେ ୨୦୨୫ରେ ଏହି ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ନାଁ ପୁଣି ବଦଳିଛି। ଏଥିସହ ଏହାର କାର୍ଯ୍ୟ ଦିବସ ମଧ୍ୟ ବଢ଼ିଛି।

ଗ୍ରାମାଞ୍ଚଳର ଲୋକଙ୍କୁ ବର୍ଷକ ମଧ୍ୟରେ ଅତିକମରେ ଏତିକି ଦିନ କାର୍ଯ୍ୟ ଯୋଗାଇ ଦେଇ ସେମାନଙ୍କ ସାମାଜିକ *(ଶେଷ ପୃଷ୍ଠା ଦେଖନ୍ତୁ)*

## ତୃତୀୟ ବିଶ୍ୱଯୁଦ୍ଧ ପରିସ୍ଥିତି

**ନ୍ୟୁୟର୍କ,୧୨।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେଇଛନ୍ତି ଯେ ରୁଷ-ୟୁକ୍ରେନ ଯୁଦ୍ଧ ତୃତୀୟ ବିଶ୍ୱଯୁଦ୍ଧରେ ପରିଣତ ହୋଇପାରେ। ଆମେରିକା ରାଷ୍ଟ୍ରପତି କହିଛନ୍ତି ଯେ କେବଳ ଗତ ମାସରେ ଯୁଦ୍ଧରେ ୨୫,୦୦୦ ଲୋକ, ଅଧିକାଂଶ ସୈନିକ ପ୍ରାଣ ହରାଇଛନ୍ତି। ସେ ରୁଷ-ୟୁକ୍ରେନ ସଂଘର୍ଷରେ ମୃତ୍ୟୁ ପାଇଁ ଦୁଃଖ ପ୍ରକାଶ କରିଛନ୍ତି।

ରୁଷ-ୟୁକ୍ରେନ ସଂଘର୍ଷର ତୁରନ୍ତ ସମାପ୍ତି ପାଇଁ ଆହ୍ୱାନ ଦେଇ ଟ୍ରମ୍ପ କହିଛନ୍ତି, 'ମୁଁ ଏଠାରେ ହତ୍ୟା ବନ୍ଦ ହେବାକୁ ଚାହୁଁଛି। ଗତ ମାସରେ ପ୍ରାୟ ୨୫,୦୦୦ ସୈନିକ ପ୍ରାଣ ହରାଇଥିଲେ। ଆମେ ଏହାକୁ ବନ୍ଦ କରିବା ପାଇଁ କଠିନ ପରିଶ୍ରମ କରୁଛୁ। ଏହିପରି ଘଟଣା ଶେଷରେ ତୃତୀୟ ବିଶ୍ୱଯୁଦ୍ଧକୁ ନେଇପାରେ। ମୁଁ କହିଥିଲି



ଯେ, ଯେ ପର୍ଯ୍ୟନ୍ତ ଏହି ଯୁଦ୍ଧ ଚାଲୁଥିବ, ଆମେ ଶେଷରେ ତୃତୀୟ ବିଶ୍ୱଯୁଦ୍ଧରେ ଫସିଯିବା ଏବଂ ଆମେ ତାହା ଦେଖିବାକୁ ଚାହୁଁନାହୁଁ।'

ବିଶ୍ୱବ୍ୟାପୀ ଯୁଦ୍ଧବିରତିର ଗର୍ବ କରୁଥିବା ଟ୍ରମ୍ପ, ସବୁବେଳେ ରୁଷ-ୟୁକ୍ରେନ ବିବାଦକୁ ଦୂରରୁ ଦେଖିବା ପାଇଁ ବାଧ ହେଉଛନ୍ତି କାରଣ କୌଣସି ଦେଶ ପଛକୁ ହଟିବାକୁ ଇଚ୍ଛୁକ ନୁହଁନ୍ତି। ପୂର୍ବରୁ, ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ କାରୋଲିନ୍ ଲିଭିଟ୍ କହିଥିଲେ ଯେ ଟ୍ରମ୍ପ୍ ରୁଷ ଏବଂ ୟୁକ୍ରେନ ପ୍ରତି ଗଭୀର ନିରାଶ ଥିଲେ କାରଣ ଉଭୟ ଦେଶ ଯୁଦ୍ଧବିରତି କରିବାକୁ ଇଚ୍ଛୁକ ନଥିଲେ।

ଟ୍ରମ୍ପ୍ ବୁଧବାର ୟୁରୋପୀୟ ନେତାମାନଙ୍କ ସହିତ ଆଲୋଚନା କରିଥିଲେ ଏବଂ ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟକଫ ଏବଂ ତାଙ୍କ ଦଳ ଏପର୍ଯ୍ୟନ୍ତ ଉଭୟ ପକ୍ଷ ସହିତ ସିଧାସଳଖ ଯୋଗାଯୋଗ କରୁଛନ୍ତି। ଡୋନାଲ୍ଡ ଟ୍ରମ୍ପ୍ ଏହା ମଧ୍ୟ କହିଛନ୍ତି ଯେ ଆମେରିକା ରୁଷ ସହିତ ଯୁଦ୍ଧ ଶେଷ କରିବା ପାଇଁ ଏକ ସୁରକ୍ଷା ଚୁକ୍ତିର ଅଂଶ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଜନଗଣନାରେ ଖର୍ଚ୍ଚ ୧୧,୭୧୮ କୋଟି

**ନୂଆଦିଲ୍ଲୀ,୧୨।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ଶୁକ୍ରବାର ତିନୋଟି ପ୍ରମୁଖ ନିଷ୍ପତ୍ତି ନେଇଛି। ଜନଗଣନା ପାଇଁ ୧୧,୭୧୮ କୋଟି ଟଙ୍କାର ବଜେଟ ଆବଣ୍ଟନ ହୋଇଛି, ସେହିପରି କୋପ୍ରା ଏମଏସପି ବୃଦ୍ଧି କରାଯାଇଛି।

ଏ ସମ୍ପର୍କରେ ସୂଚନା ଦେଇ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, '୨୦୨୭ ଜନଗଣନା ସମ୍ପର୍କରେ ଏକ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ୧୧,୭୧୮ କୋଟି ଟଙ୍କାର ବଜେଟ୍ ଆବଣ୍ଟନ ହୋଇଛି। ଦ୍ୱିତୀୟତଃ, କୋଇଲା କିମ୍ବା ଶକ୍ତି



କ୍ଷେତ୍ରରେ ଏକ ପ୍ରମୁଖ ସଂସ୍କାର କରାଯାଇଛି। ତୃତୀୟତଃ, କୃଷକମାନଙ୍କ ସହ ଜଡିତ ଏକ ନିଷ୍ପତ୍ତି ନିଆଯାଇଛି।'

କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, '୨୦୨୭ ଜନଗଣନା ପ୍ରଥମ ଡିଜିଟାଲ ଜନଗଣନା ହେବ। ତଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଜନଗଣନାର ଡିଜିଟାଲ ଡିଜାଇନ୍ ପ୍ରସ୍ତୁତ କରାଯାଇଛି। ଏହା ଦୁଇଟି ପର୍ଯ୍ୟାୟରେ କରାଯିବ। ପ୍ରଥମ ପର୍ଯ୍ୟାୟ ୧ ଏପ୍ରିଲରୁ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଘର ତାଲିକା ଏବଂ ଗୃହ ଗଣନା *(ଶେଷ ପୃଷ୍ଠା ଦେଖନ୍ତୁ)*

## ନିର୍ମାଣାଧୀନ ପାଣିଟାଙ୍କିରୁ ଖସି ଶ୍ରମିକ ମୃତ

**ରାଜନଗର,୧୨।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଗୁପ୍ତି ପଚାଂୟତ ଦେବେନ୍ଦ୍ରନାରାୟଣ ଗ୍ରାମରେ ଓଭରହେଡ ପାଣିଟାଙ୍କି ନିର୍ମାଣ କରାଯାଉଛି। ଏହି ନିର୍ମାଣାଧିନ ପାଣି ଟାଙ୍କିର ଉପରେ କାମ କରୁଥିବା ଜଣେ ଶ୍ରମିକ ଖସି ପଡି ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ମୃତ ଶ୍ରମିକ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ମହୁଲପାଟଣା ଗ୍ରାମର କ୍ରିଷ୍ଣା ରାଉତ(୩୦)।

ସୂଚନାଯୋଗ୍ୟ, ଦିନ ପ୍ରାୟ ୧୧ଟା ସମୟରେ ନିର୍ମାଣାଧିନ ପାଣି ଟାଙ୍କିରେ ଉପରେ ବିନା ସିଟବେଲ୍ଟରେ ଅସୁରକ୍ଷିତ ଭାବେ ଶ୍ରମିକମାନେ ଚଢି କାମ କରୁଥିଲେ। କ୍ରିଷ୍ଣା ହଠାତ୍ ତଳକୁ ଖସି ପଡିଥିଲା। ପ୍ରାୟ ୪୦ ଫୁଟ ତଳକୁ ଖସି ପଡି ଅଚେତ ହୋଇଯାଇଥିଲା। ନିକଟରେ ଥିବା ଅନ୍ୟ ଶ୍ରମିକମାନେ କ୍ରିଷ୍ଣାକୁ ଉଠାଇ ଗୁରୁତର ଅବସ୍ଥାରେ ଗୁପ୍ତି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଅତ୍ୟଧିକ ଗୁରୁତର ଥିବାରୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଆସିଥିଲେ। ଡାକ୍ତର ପରୀକ୍ଷା ନିରୀକ୍ଷା କରିବା ପରେ ମୃତ ଘୋଷଣା କରିଥିଲେ। ମାତ୍ର ସପ୍ତାହେ ପୂର୍ବରୁ କ୍ରିଷ୍ଣା ଏଠାକୁ ଆସିଥିଲା ଓ ଲକ୍ଷ୍ମୀ କନଷ୍ଟ୍ରକସନ ସିଭିଲ ଇଞ୍ଜିୟରିଙ୍ଗ୍ ପ୍ରାଇଭେଟ୍ *(ଶେଷ ପୃଷ୍ଠା ଦେଖନ୍ତୁ)*

## ସୁନାମ ଅର୍ଜିଥିବା ପାଇପ ମିସ୍ତ୍ରୀଙ୍କ ପ୍ରତି କେହି ସମ୍ବେଦନଶୀଳ ନୁହଁନ୍ତି

**କେନ୍ଦ୍ରାପଡ଼ା,୧୨।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଗୋଟିଏ ପଟେ କେନ୍ଦ୍ରାପଡ଼ା ଜିଲ୍ଲା ଦାଦନ ଶ୍ରମିକଙ୍କ ପାଇଁ ଦୁର୍ନାମ ମୁଣ୍ଡାଇଥିବାବେଳେ ଅନ୍ୟପଟେ ଦେଶ ବିଦେଶକୁ କୁଶଳୀ ପାଣିପାଇପ ମିସ୍ତ୍ରୀ ଯୋଗାଇ ଚାରିଆଡ଼େ ସୁନାମ ଅର୍ଜନ କରିଛି । ହେଲେ ଏହି ସୁନାମ ଦେଇଥିବା ପାଣି ପାଇପ୍ ମିସ୍ତ୍ରୀମାନଙ୍କ ପ୍ରତି ନା' ଜିଲ୍ଲା ପ୍ରଶାସନ ନା' ରାଜ୍ୟ ସରକାର କାହାର ସମ୍ବେଦନଶୀଳତା ନାହିଁ । ଆବଶ୍ୟକ ବେଳେ ପ୍ରବାସରେ ସେମାନଙ୍କ ସମସ୍ୟାର ସମାଧାନ କରିବା ଏବଂ ପ୍ରୋତ୍ସାହିତ କରିବାର ଉତ୍ତର ଦାୟିତ୍ୱ ଠାରୁ ପ୍ରଶାସନ ଓ ସରକାର ବହୁ ଦୂରରେ । ଦେଶ ବିଦେଶରେ କେନ୍ଦ୍ରାପଡ଼ା ଜିଲ୍ଲାର ପାଣି ପାଇପ୍ ମିସ୍ତ୍ରୀ ଭରି ରହିଛନ୍ତି । ଏମାନଙ୍କ ସଂଖ୍ୟା ଏକ ଲକ୍ଷରୁ ଉର୍ଦ୍ଧ୍ୱ ହେବ । ଦି ଇଣ୍ଡିଆନ ପ୍ଲମ୍ବିଂ ସ୍କିଲ କାଉନସିଲର ସର୍ଭେ ଅନୁଯାୟୀ ଦେଶରେ କାର୍ଯ୍ୟରତ ପାଣିପାଇପ ମିସ୍ତ୍ରୀଙ୍କ ମଧ୍ୟରୁ ଓଡିଆ ଭାଷାଭାଷୀ ୭୦ ଭାଗ । ସେମାନଙ୍କ ମଧ୍ୟରୁ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଅଂଚଳର ସର୍ବାଧିକ । ହେଲେ ଜିଲ୍ଲାରେ କେହି ସେମାନଙ୍କର ଖୋଜଖବର ରଖୁନାହାଁନ୍ତି । ଏହି କୁଶଳୀ କାରିଗରଙ୍କ ତଥ୍ୟ ଜିଲା ପ୍ରଶାସନ ନିକଟରେ ନାହିଁ । ଦେଶ ବିଦେଶରେ ସେମାନେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ସେମାନଙ୍କୁ ତତ୍କାଳ ସହଯୋଗ କରାଯିବା ସମ୍ଭବ ହେଉନାହିଁ । ଏମାନଙ୍କ ଡାଟାବେସ ପ୍ରସ୍ତୁତି ସହ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ଟୋଲ ଫ୍ରି ନମ୍ବର ଜାରି କରିବା ଦିଗରେ କୌଣସି ଉଦ୍ୟମ ହେଉନାହିଁ । ଏଠାରେ ଥିବା ଜିଲ୍ଲା ଶ୍ରମ ବିଭାଗ ଚୁପ୍ ହୋଇ ବସିଛି ।

ଉଲ୍ଲେଖଯୋଗ୍ୟ ଯେ, ଜିଲ୍ଲାର ଏହି କୁଶଳୀ କାରିଗର କେବଳ ଭାରତ ଭିତରେ ନୁହଁନ୍ତି ଆରବ, କୁଏତ, ଶ୍ରୀଲଙ୍କା ଆଦି ଦେଶରେ ସର୍ବାଧିକ ଗ୍ରହଣୀୟ ହୋଇଛନ୍ତି । ଗତ ୨୦୧୦ ମସିହାରୁ ପଟ୍ଟାମୁଣ୍ଡାଇଠାରେ ଷ୍ଟେଟ ଇନଷ୍ଟିଚ୍ୟୁଟ ଅଫ ପ୍ଲମ୍ବିଂ ଟେକ୍ନୋଲୋଜ (ଏସଆଇପିଟି) ଆରମ୍ଭ ପରେ ଏହି କୁଶଳୀଙ୍କ ସଂଖ୍ୟା ଅଧିକ ହେବାରେ ଲାଗିଛି । ଏକ ବେସରକାରୀ ସଂସ୍ଥାର ଆକଳନ ଅନୁଯାୟୀ, ୨୦୧୧ ଜନଗଣନା ଅନୁଯାୟୀ ପଟ୍ଟାମୁଣ୍ଡାଇ ପୌରାଂଚଳ ସହିତ ଆଳି, ରାଜନଗର, ରାଜକନିକା ଓ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଜାତୀୟ ଆୟର ୫୮% ନେଇ ଯାଉଛନ୍ତି ୧୦% ଧନୀ

**ନୂଆଦିଲ୍ଲୀ,୧୨।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତରେ ଆୟ ଏବଂ ସମ୍ପତ୍ତି ଅସମାନତା ପହଞ୍ଚିଯାଇଛି ରେକର୍ଡ ସ୍ତରରେ। ଆୟ ଅସମାନତାର ଏକ ଦାରୁଣ ଚିତ୍ର ଦେଖିବାକୁ ମିଳିଛି ୱାର୍ଲଡ ଇନ୍‌ଇକ୍ୱାଲିଟି ରିପୋର୍ଟ-୨୦୨୬ରେ। ଧନୀ ସମ୍ପତ୍ତି ଯୋଡିଚାଲିଛି ଆଉ ଗରିବ ତଳକୁ ତଳକୁ ଯାଉଛି। ରିପୋର୍ଟ ମୁତାବକ, ଭାରତର ଜାତୀୟ ଆୟର ୫୮% ଶ୍ରେଷ୍ଠ ୧୦% ଧନୀ ଲୋକଙ୍କ ପାଖକୁ ଚାଲିଯାଉଛି। ଅନ୍ୟପକ୍ଷରେ, ନିମ୍ନ ସ୍ତରରେ ଥିବା ୫୦% ଲୋକଙ୍କୁ ମାତ୍ର ୧୫% ହିଁ ମିଳୁଛି। ସମ୍ପତ୍ତି ମାମଲାରେ ବି ସମାନ ସ୍ଥିତି। ଦେଶର ଶ୍ରେଷ୍ଠ ୧୦% ଧନୀଙ୍କ ପାଖରେ ୬୫% ସମ୍ପତ୍ତି ଅଛି ଏବଂ ଟପ୍ ୧%ଙ୍କ



ପାଖରେ ପାଖାପାଖି ୪୦%।

ବୁଧବାର ଜାରି ହୋଇଥିବା ଏ ରିପୋର୍ଟରେ କୁହାଯାଇଛି ଯେ, ଭାରତରେ ବ୍ୟକ୍ତି ପିଛା ହାରାହାରି ବାର୍ଷିକ ଆୟ(ପିପିପି) ୬.୫୬ ଲକ୍ଷ ଟଙ୍କା। ଏଥିରେ ଶ୍ରେଷ୍ଠ ୧୦%ଙ୍କୁ ୫୮% ଆୟ ଭାଗ ମିଳୁଛି। ୨୦୨୧ରେ ଏହା ଥିଲା ୫୭%। ଅନ୍ୟପକ୍ଷରେ, ନିମ୍ନ ସ୍ତରରେ ଥିବା ୫୦% ଲୋକଙ୍କୁ ଜାତୀୟ ଆୟର ମାତ୍ର ୧୫% ମିଳୁଛି, ଯାହାକି ପୂର୍ବରୁ ୧୩% ଥିଲା। ରିପୋର୍ଟ ଅନୁସାରେ, ସମ୍ପତ୍ତି କ୍ଷେତ୍ରରେ ଅସମାନତା ଚିନ୍ତାର ବିଷୟ । ଭାରତରେ ଶ୍ରେଷ୍ଠ ୧୦% ଲୋକଙ୍କ ପାଖରେ ମୋଟ ସମ୍ପତ୍ତିର ୬୫% ଭାଗ ରହିଛି। ସେହିଭଳି ବ୍ୟକ୍ତି ପିଛା ହାରାହାରି ସମ୍ପତ୍ତି ୨୯.୬୨ ଲକ୍ଷ ଟଙ୍କା । ନିମ୍ନ ସ୍ତରରେ ଥିବା ୫୦% ଜନସଂଖ୍ୟାଙ୍କ ନିକଟରେ ପ୍ରତି ବ୍ୟକ୍ତି ପିଛା ମାତ୍ର ୬.୮୮ ଲକ୍ଷ ଟଙ୍କାର ହାରାହାରି ସମ୍ପତ୍ତି ରହିଛି । ସେହିଭଳି ଶ୍ରେଷ୍ଠ ୧୦% ଧନୀ ବ୍ୟକ୍ତିମାନେ ପ୍ରତ୍ୟେକ ହାରାହାରି ୧୦.୫୮ କୋଟି ଟଙ୍କା ସମ୍ପତ୍ତିର ମାଲିକ। ଶ୍ରେଷ୍ଠ ୦.୦୦୧% ବା ପାଖାପାଖି ୫୬,୦୦୦ ଲୋକଙ୍କ ପାଖରେ ପ୍ରତି ବ୍ୟକ୍ତି ୧୦ କୋଟି ୟୁରୋ *(ଶେଷ ପୃଷ୍ଠା ଦେଖନ୍ତୁ)*




# ବୁଢ଼ାପଙ୍କ-ସୁକିନ୍ଦା ମଧ୍ୟରେ ଯାତ୍ରୀବାହୀ ଟ୍ରେନ ଚଳାଚଳ ପାଇଁ ଦାବି

**ଢେଙ୍କାନାଳ: ଏକ୍ସପ୍ରେସ ନ୍ୟୁଜ୍**

ବୁଢ଼ାପଙ୍କ ସୁକିନ୍ଦା ରେଳ ଲାଇନ ମଧ୍ୟରେ ଯାତ୍ରୀବାହୀ ଟ୍ରେନ ଚଳାଚଳ କରାଇବାକୁ ସଂସଦରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଦାବି ଉପସ୍ଥାପନା କରି ବିଭାଗୀୟ ରେଳ ମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ଅନଗୁଳ ଜିଲ୍ଲା ବୁଢ଼ାପଙ୍କ ଷ୍ଟେସନ ଠାରୁ ରେଳ ଲାଇନ ବାହାରି ଢେଙ୍କାନାଳ ଜିଲ୍ଲା ପରଜଙ୍ଗ, କାମାକ୍ଷାନଗର ଓ ଏସିଆ ମହାଦେଶର ସର୍ବବୃହତ ଗ୍ରାମ ଭୁବନ ଦେଇ ଯାଜପୁର ଜିଲ୍ଲାର ସୁକିନ୍ଦା ଅଂଚଳକୁ ଯାଇଛି ବୋଲି ଶ୍ରୀ ପାଣି ଗୃହକୁ ଜଣାଇଛନ୍ତି। ଦୀର୍ଘ ୩ବର୍ଷ ଧରି ଏହି ରେଳ ଲାଇନ କାର୍ଯ୍ୟକ୍ଷମ ହୋଇ ସେଥିରେ ମାଲବାହୀ ଟ୍ରେନ ଚଳାଚଳ କରିଆସୁଛି। ଏହି ରେଳ ଲାଇନରେ ମାଲବାହୀ ଟ୍ରେନ ଯୋଗେ କେବଳ କୋଇଲା ଆଉ ଆଇରନ ପରିବହନ କରାଯାଉଛି। ଏହି ରେଳ ପଥରେ ଅଦ୍ୟାବଧି ଯାତ୍ରୀବାହୀ ଟ୍ରେନ ଚଳାଚଳ ହୋଇପାରିନଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ୧୯୯୭ମସିହାରେ ଏହି ପ୍ରକଳ୍ପଟିର ଶିଳାନ୍ୟାସ ହୋଇଥିବା ବେଳେ ଦୀର୍ଘ ବର୍ଷ ବ୍ୟବଧାନ ପରେ ୨୦୨୨ମସିହା ଅର୍ଥାତ ମୋଦି ସରକାରଙ୍କ ଦ୍ୱିତୀୟ ପାଳି ଏହା କାର୍ଯ୍ୟକ୍ଷମ ହୋଇଥିଲା। ୧୯୯୭ମସିହାରେ ଏହି ରେଳପଥ ପାଇଁ ଜମି ଅଧିଗ୍ରହଣ ସମୟରେ ଅଞ୍ଚଳବାସୀ ତାଙ୍କ ଗ୍ରାମ ଦେଇ ଯାତ୍ରୀବାହୀ ଟ୍ରେନ ଚଳାଚଳ ହେବ ବୋଲି ଆଶା ରଖିଥିଲେ। ଦୀର୍ଘ ବର୍ଷ ବିତିଯାଇଥିଲେ ବି ଲୋକଙ୍କ ସ୍ୱପ୍ନ ଆଜି ପର୍ଯ୍ୟନ୍ତ ଅସଂପୂର୍ଣ୍ଣ ରହିଯାଇଛି ବୋଲି ସାଂସଦ ଶ୍ରୀ ପାଣି ଗୃହରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ରେଳପଥ ଦେଇ ହାଉଡ଼ାରୁ ସମ୍ବଲପୁରକୁ ଦେଶର ସର୍ବକନିଷ୍ଠ ସହୀଦ ବାଜିରାଉତଙ୍କ ନାମରେ ଯାତ୍ରୀବାହୀ ଟ୍ରେନ ଚଳାଚଳ କରାଇବାକୁ ସାଂସଦ ଶ୍ରୀ ପାଣି ଦାବି କରିଛନ୍ତି।


# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

କେନ୍ଦ୍ରାପଡ଼ା ୧୩ ଡିସେମ୍ବର ୨୦୨୫ । ଶନିବାର




## ମହିଳାଙ୍କର ମୃତଦେହ ଉଦ୍ଧାର



**ଢେଙ୍କାନାଳ: ଏକ୍ସପ୍ରେସ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଅନ୍ତର୍ଗତ କୁକୁଟା ପଞ୍ଚାୟତର ବସଲା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ବସଲା ଗ୍ରାମର ଜଟିଆମଲ୍ଲ ପୀଢ ନିକଟରେ ଥିବା ଏକ ବିଲ ଭିତରେ ଜଣେ ମାନସିକ ବିକୃତ ମହିଳାଙ୍କର ମୃତଦେହ ପଡ଼ିଥିବା ଲୋକମାନେ ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ଏ ସଂପର୍କରେ ରାସୋଳ ଥାନାକୁ ଜଣାଇବାରେ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଶବକୁ ଜବତ କରି ପୋଷ୍ଟମର୍ଟମ ପାଇଁ ହିନ୍ଦୋଳ ମେଡିକାଲ୍ ପଠାଇଥିବା ଜଣାପଡିଛି। ମୃତ୍ୟୁର କାରଣ ଜଣାପଡିନଥିବାବେଳେ ଅତ୍ୟଧିକ ଶୀତର ପ୍ରକୋପ କିମ୍ବା ହୃଦଘାତ୍ କାରଣରୁ ତାର ମୃତ୍ୟୁ ହୋଇଥାଇପାରେ ବୋଲି ପୋଲିସ୍ ପକ୍ଷରୁ ସୂଚନା ମିଳିଛି।

## ୯ଜଣ ୱାର୍ଡ଼ ସଭ୍ୟଙ୍କ ପଦ ରଦ୍ଦ କଲେ ଜିଲ୍ଲାପାଳ

**ଯାଜପୁର: ଏକ୍ସପ୍ରେସ ନ୍ୟୁଜ୍**

ଯାଜପୁର ଜିଲ୍ଲା ବରୀ ବ୍ଲକ ଅରଙ୍ଗାବାଦ ଗ୍ରାମ ପଞ୍ଚାୟତର ୯ଜଣ ୱାର୍ଡ଼ ସଭ୍ୟଙ୍କ ପଦ ରଦ୍ଦ କରିଛନ୍ତି ଜିଲ୍ଲାପାଳ। ପଞ୍ଚାୟତର ୯ଜଣ ୱାର୍ଡ଼ ମେମ୍ବର କ୍ରମାଗତ ଭାବେ ୩ଟି ସାଧାରଣ ବୈଠକରେ ଜାଣିଶୁଣି ଯୋଗ ନଦେଇ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟକୁ ବିରୋଧ କରି ଆସୁଥିଲେ। ଏହାକୁ ବିରୋଧ କରି ପଞ୍ଚାୟତର ସରପଞ୍ଚ ନିରୁପମା ମଲ୍ଲିକ ଯାଜପୁର ଜିଲ୍ଲାପାଳଙ୍କ କୋର୍ଟରେ ପଞ୍ଚାୟତ ମିଶ୍ କେଶ ନଂ. ୦୨/୨୦୨୫ ଗ୍ରାମ ପଞ୍ଚାୟତ ଆଇନଧାରା ୨୫(୨) ଓ ଧାରା ୨୬ ଅନୁସାରେ ଦାଖଲ କରିଥିଲେ। ଜିଲ୍ଲାପାଳ ଅମ୍ବର କୁମାର କର ମାମଲାକୁ ଗ୍ରହଣ କରି ସଂପୃକ୍ତ ୱାର୍ଡ଼ ମେମ୍ବରଙ୍କୁ ନୋଟିସ ଜାରି କରିଥିଲେ। ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କୁ ତଦନ୍ତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ପଞ୍ଚାୟତ ଅଧିକାରୀ ନିଜେ ତଦନ୍ତ କରି ରିପୋର୍ଟ ପ୍ରଦାନ କଲା ପରେ ଜିଲ୍ଲାପାଳ ଦସ୍ତଖତକାରିଣୀ ନିରୁପମା ମଲ୍ଲିକଙ୍କ ଓକିଲ ଏବଂ ଅପରପକ୍ଷ ୱାର୍ଡ଼ ମେମ୍ବରଙ୍କ ଓକିଲ ତଥା ସରକାରୀ ଓକିଲଙ୍କ ଜବାବ ଶୁଣାଣି ପରେ ପଞ୍ଚାୟତର ୱାର୍ଡ଼ମେମ୍ବର ଦମୟନ୍ତୀ ମଲ୍ଲିକ (ରଜାପୁର ୱାର୍ଡ଼ ମେମ୍ବର-୧), ସଂଯୁକ୍ତା ପାଗଳ (ୱାର୍ଡ଼ମେମ୍ବର-୩), ବନ୍ଦନା ମଲ୍ଲିକ (ୱାର୍ଡ଼ମେମ୍ବର-୫), କବିତା ଜେନା (ୱାର୍ଡ଼ମେମ୍ବର-୬), ସୁବାସ ଚନ୍ଦ୍ର ପଣ୍ଡା (ୱାର୍ଡ଼ମେମ୍ବର-୮), ମାନସୀ ଦାସ (ୱାର୍ଡ଼ମେମ୍ବର-୯), ପୂଜା ଜେନା (ୱାର୍ଡ଼ମେମ୍ବର-୧୦), ଶ୍ରୀକାନ୍ତ ଜେନା (ୱାର୍ଡ଼ମେମ୍ବର-୧୧), ସୁସ୍ମିତା ଦାସ (ୱାର୍ଡ଼ମେମ୍ବର-୧୨)ଙ୍କ ସଭ୍ୟ ପଦ ରଦ୍ଦ କରାଯାଇଛି। ଏହି ମାମଲାକୁ ସରପଞ୍ଚ ନିରୁପମା ମଲ୍ଲିକଙ୍କ ପକ୍ଷରୁ ବିରଜା ପ୍ରସାଦ ପରିଡ଼ା ଓ ବିଭୂ ପ୍ରସାଦ ପରିଡ଼ା ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ ଯେ, ଗତ କିଛିଦିନ ହେବ ଅରଙ୍ଗାବାଦ ପଞ୍ଚାୟତରେ ରାଜନୈତିକ ଅସ୍ଥିରତା ସୃଷ୍ଟି ହୋଇଥିଲା। ଯାହାଫଳରେ ପଞ୍ଚାୟତରେ ଅଚଳାବସ୍ଥା ଲାଗି ରହିବା ସହ ଉନ୍ନୟନମୂଳକ କାର୍ଯ୍ୟ ଏକପ୍ରକାର ଠପ୍ ହୋଇଯାଇଥିଲା। ଏବେ ୯ଜଣ ୱାର୍ଡ଼ ସଭ୍ୟଙ୍କ ପଦ ରଦ୍ଦ ହେଲା ପରେ ରାଜନୈତିକ ପରିସ୍ଥିତି କିପ୍ରକାର ମୋଡ଼ ନେବ ତାକୁ ଦେଖିବାକୁ ପଞ୍ଚାୟତବାସୀ ଚାହିଁ ବସିଛନ୍ତି।

## ତହସିଲ ପକ୍ଷରୁ ଚଢ଼ାଉ, ବାଲି ବୋଝେଇ ଡମ୍ଫର ଜବତ

**ସୋର: ଏକ୍ସପ୍ରେସ ନ୍ୟୁଜ୍**




ସୋର ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ଏକ ବାଲି ବୋଝେଇ ଡମ୍ଫର ଜବତ କରାଯାଇଛି। ଶୁକ୍ରବାର ସକାଳେ ବାଲି ଚୋରା ଚାଲାଣ ହେଉଥିବା ନେଇ ଖବର ମିଳିବା ପରେ ସୋର ତହସିଲଦାର ଦୈତାରି ମଲ୍ଲିକ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ କଲେଜ ଛକ ନିକଟରେ ଚଢ଼ାଉ କରିଥିଲେ। ଏହି ସମୟରେ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଓଡି ୨୨ ଜି ୨୧୦୯ ନମ୍ବର ବିଶିଷ୍ଟ ଏକ ବାଲି ବୋଝେଇ ଡମ୍ଫରକୁ ଜବତ କରି ପୋଲସକୁ ହସ୍ତାନ୍ତର କରିଛନ୍ତି।

ଖଣି ବିଭାଗର କୌଣସି ଅଧିକାରୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ନଥିବା ହେତୁ ସ୍ଥାନୀୟ ଅଞ୍ଚଳରେ ଉଦବେଗ ପ୍ରକାଶ ପାଇଛି। ଏଣେ ୪୦ରୁ ଅଧିକ ବାଲି ଗାଡି ଅନ୍ୟ ବାଟଦେଇ ଫେରାର ହୋଇଯାଇଥିବା ଜଣାପଡିଛି। ଅଧିକ ବ୍ୟାପକଭାବେ ଚଢ଼ାଉର ଆବଶ୍ୟକତା ଥିବା ଲୋକେ କହିଛନ୍ତି।


ସୂଚନାଯୋଗ୍ୟ, ଗତ ୨୯ ତାରିଖରେ ସୋର ତହସିଲ ଓ ଖଣି ବିଭାଗ ପକ୍ଷରୁ ପୃଥକ ଭାବେ ଚଢ଼ାଉ କରାଯାଇ ୧୦ଟି ପଥର ଓ ୫ଟି ବାଲି ବୋଝେଇ ଗାଡିକୁ ଜବତ କରାଯାଇଥିଲା। ବାଗୁଡିରୁ ପଥର ଚୋରା ଚାଲାଣର ଖବର ପାଇ ବାଲେଶ୍ୱର ଖଣି ବିଭାଗ ପକ୍ଷରୁ ବିନ୍ଦୁ ନିକଟରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ୮ଟି ପଥର ବୋଝେଇ ଗାଡିକୁ ଖଣି ବିଭାଗ ପକ୍ଷରୁ ଜବତ କରାଯାଇ ଥାନାରେ ଜିମା ଦିଆଯାଇଥିଲା।

ଅନ୍ୟପଟେ ସୋର ତହସିଲଦାର ଦୈତାରି ମଲ୍ଲିକ ବିଳମ୍ବିତ ରାତିରେ ରୁଷୋ ଛକ ନିକଟରୁ ଦୁଇଟି ପଥର ବୋଝେଇ ଡମ୍ଫର ଜବତ କରିବା ସହ ଜାତୀୟ ରାଜପଥରେ ଚଢ଼ାଉ କରିଥିଲେ। ଏହି ସମୟରେ ବେଆଇନ ଭାବେ ଚାଲାଣ ହେଉଥିବା ୫ଟି ବାଲି ବୋଝେଇ ହାଇୱାକୁ ମଧ୍ୟ ଜବତ କରି ଥାନାରେ ଜିମା ଦେଇଥିଲେ।

ଏହି ଚଢ଼ାଉ ପରେ ମାଫିଆଙ୍କ ମନରେ ଭୟର ବାତାବରଣ ଖେଳିଯାଇଛି। ଚଢାଉ ହେଉଥିବା ଜାଣିପାରି ଅନେକ ଗାଡି ରାସ୍ତା ବଦଳାଇ ଫେରାର ହୋଇଯାଇଥିଲେ।

ଏଣେ ଗତ ଅକ୍ଟୋବର ୨୭ ତାରିଖରେ ବାଲେଶ୍ୱର ଖଣି ବିଭାଗ ଓ ସୋର ତହସିଲ ପକ୍ଷରୁ ମିଳିତ ଭାବେ ଚଢାଉ କରାଯାଇ ତିନୋଟି ବାଲି ବୋଝେଇ ଗାଡି ଜବତ କରାଯାଇଥିଲା। ସକାଳେ ସୋର ତହସିଲଦାର ଦୈତାରି ମଲ୍ଲିକ ଓ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ଏକ ଟିମ ସହ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଆସୁଥିବା ବେଆଇନ ବାଲି ବୋଝେଇ ଗାଡିର କାଗଜପତ୍ର ଯାଞ୍ଚ କରୁଥିଲେ ଏହି ସମୟରେ ଓଡି ୨୯ ଇ ୮୮୬୨, ଓଆର ୦୧ ପି ୪୮୦୭ ଓ ଓଡି୨୨ ଡବ୍ଲୁ୮୮୪୫ ନମ୍ବର ବିଶିଷ୍ଟ ତିନୋଟି ବେଆଇନ ବାଲି ବୋଝେଇ ଗାଡିକୁ ଜବତ କରି ସୋର ପୁଲିସକୁ ହସ୍ତାନ୍ତର କରିଥିଲା। ଚଢ଼ାଉ ହେଉଥିବା ଜାଣିପାରି ୨୫ରୁ ଅଧିକ ଗାଡି ରାସ୍ତା ବଦଳାଇ ଫେରାର ହୋଇଯାଇଥିଲେ।

## ଭାରସାମ୍ୟ ହରାଇ ଓଲଟିଲା ହାଇୱା



**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**

କଣ୍ଟାପଡା ତହସିଲ ଅଧୀନରେ ଚାଲିଛି ତୀର୍ଥପଡା, ପଶ୍ଚିମଖରଭଙ୍ଗା ବାଲି ଘାଟ, ଏମିତିକି ଉକ୍ତ ତହସିଲ ଅଧୀନରେ ଅନେକ ଜାଗାରେ ଖୋଲିଛି ଚୋରାବାଲିଘାଟ। ବୁଧବାର ରାତିରେ କଣ୍ଟାପଡା ତହସିଲ ଅଧୀନରେ ଘାଟ ଥିବା ଅଞ୍ଚଳରେ ଜିଲ୍ଲା ଖଣିବିଭାଗ ପହଞ୍ଚି ଥିବାରୁ ବାଲି ବୋଝଇ ହାଇବା ଗୁଡିକ ଯିଏ ଯୁଆଡେ ପଳାଇଥିଲେ। ଝାରପଡାରୁ ଇଚ୍ଛାପୁର ବାଲି ବୋଝେଇ ହାଇବା ଦ୍ରୁତଗତିରେ ଆସୁଥିବାବେଳେ ବିପରୀତ ଦିଗରୁ ଇଚ୍ଛାପୁର, ଝାରପଡା ରାସ୍ତାରେ ଯାଉଥିବା ହାଇୱା ଓଡି୦୫ ବିୱାଇ ୨୧୩୯ ଭାରସାମ୍ୟ ହରାଇ ବ୍ରହ୍ମଣ ସାଇଲୋ ପଞ୍ଚାୟତ ଖେରସ ଗ୍ରାମର କେନାଲ ବନ୍ଧରୁ ଖସିପଡ଼ିଥିଲା। ଚାଳକ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ଖବର ପାଇ ଘଟଣାସ୍ଥଳରେ ଗୋବିନ୍ଦପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ ଝାରପଡା ଇଚ୍ଛାପୁର କେନାଲ ରାସ୍ତାରେ ପ୍ରତ୍ୟେକ ଦିନ ରାତ୍ରିରେ ଶହ ଶହ ଟ୍ରିପ ହାଇବା ବାଲି ଦେବୀ ଓ କନ୍ଦଳ ନଦୀରୁ ନେଇ ଯାତାୟତ କରୁଥିବା ବେଳେ ଗୋବିନ୍ଦପୁର ପୋଲିସ ଓ ଘାଟ ମାଲିକଙ୍କ ପକ୍ଷରୁ ଉକ୍ତ ରାସ୍ତାରେ ଥିବା ଛକ ଓ ଦୈନନ୍ଦିନ ଘଟୁଥିବା ଦୁର୍ଘଟଣା ଅଞ୍ଚଳରେ କେହିବି ରାତ୍ରିରେ ଜାଗୁନାହାନ୍ତି। ଯାହା ଫଳରେ ଦୁର୍ଘଟଣା ଦୈନନ୍ଦିନ ଘଟୁଛି।

## ବୁଗୁଡ଼ାରେ ଶୀତର ପ୍ରକୋପ, ଜନଜୀବନ ଅସ୍ତବ୍ୟସ୍ତ



**ବୁଗୁଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ଏବେ ପାଞ୍ଚ ଦିନ ହେଲା ବୁଗୁଡ଼ା ଅଞ୍ଚଳରେ ଶୀତର ପ୍ରକୋପ ଅନୁଭୂତ ହେଉଛି। ଏହି ଅଞ୍ଚଳର ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ପ୍ରବଳ ଜାଡ ଅନୁଭୂତ ହେଉଥିବା ବେଳେ ସହରାଞ୍ଚଳରେ ମଧ୍ୟ ଶୀତର ପ୍ରଭାବ ପଡୁଛି। ତାପମାତ୍ରା ୧୧ରୁ ୧୩ ଡିଗ୍ରୀ ମଧ୍ୟରେ ରହିବା ସାଙ୍ଗକୁ କୋହଲା ପବନ ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଶୀତୁଆ ସକାଳରେ କୌଣସି କାମରେ ଘରୁ ପଦାକୁ ବାହାରିବାକୁ କଷ୍ଟ ଲାଗୁଥିବା ବେଳେ ରାତିରେ ଶୀଘ୍ର ବଜାର ଘାଟ ଖାଲି ହୋଇଯାଉଛି। ଶୀତର ପ୍ରକୋପରେ ଆବାଳବୃଦ୍ଧବନିତା ପ୍ରଭାବିତ ହେଉଛନ୍ତି। ବିନା ଶୀତ ବସ୍ତ୍ରରେ ପଦାକୁ ବାହାରିବା ମୁସ୍କିଲ ହୋଇପଡୁଥିବା ବେଳେ ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ଠାଏଁ ଠାଏଁ ନିଆଁର ଆଶ୍ରୟ ନେଉଥିବା ଦେଖିବାକୁ ମିଳୁଛି।

## ଚୋରା ମଦ ବେପାରୀଙ୍କୁ ଘେରିଲେ ମହିଳା ଗୋଷ୍ଠୀ


**ବାଲିପାଟଣା: ଏକ୍ସପ୍ରେସ ନ୍ୟୁଜ୍**

ଦୀର୍ଘଦିନ ଧରି ଚୋରା ମଦ କାରବାର କରୁଥିବା ଦୁଇଜଣ ଅସାମାଜିକ ବ୍ୟକ୍ତିଙ୍କୁ ଶୁକ୍ରବାର ମହିଳାମାନଙ୍କ ଦ୍ୱାରା ଆକ୍ରୋଶର ଶିକାର ହେବାକୁ ପଡିଛି। ଚୋରା ମଦ ବ୍ୟବସାୟ ଦ୍ୱାରା ଯୁବକମାନେ ଏଥିରେ କବଳିତ ହୋଇ ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବାରୁ ଆଖପାଖ ଅଞ୍ଚଳର ମହିଳାମାନେ ଏକତ୍ରିତ ହୋଇ ଦୁଇ ଅଭିଯୁକ୍ତଙ୍କ ନିକଟରୁ ପ୍ରାୟ ୧୫୦ ବୋତଲ ମଦ ଜବତ କରି ବହୁଦିନ ଧରି ବେପାର କରୁଥିବା ଉଭୟ ପ୍ରମୋଦ ମଲ୍ଲିକ ଓ କବି ମଲ୍ଲିକଙ୍କ ବେପାର ବନ୍ଦ କରିବା ସହିତ ଆଳିଶି ଶାସନ, କଙ୍କଡା ହାଡ ଓ ଢ଼ିଅ ସାହିର ଶତାଧିକ ମହିଳା ଶୁକ୍ରବାର ଧାରଣାରେ ବସି ରହିଥିଲେ। ଖବର ପାଇ ବାଲିପାଟଣା ଥାନା ପୋଲିସ ଓ ଅବକାରୀ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଚୋରା ମଦ ଜବତ କରିବା ସହିତ ମହିଳାଙ୍କ ଏତଲା ଗ୍ରହଣ କରିଛି। ଦୁଇଜଣ ଯାକ ବେପାରୀ ଫେରାର ହୋଇଯାଇଛନ୍ତି। ବାଲିପାଟଣା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚୋରା ମଦ ଠାରୁ ଆରମ୍ଭ କରି ଚରସ, ମଦ, ଗଞ୍ଜେଇ ଇତ୍ୟାଦି ବହୁ ମାତ୍ରାରେ ବିକ୍ରି ହୋଇଥିଲେ ମଧ୍ୟ ପ୍ରଶାସନ ସବୁ ଜାଣି ଚୁପ୍ ରହିବାରୁ ଏହା ଅତ୍ୟଧିକ ବୃଦ୍ଧି ପାଇ ଚାଲିଛି। କିଛିଦିନ ପୂର୍ବେ ଏହି ଗ୍ରାମର ଜଣେ ଯୁବକ ଅତ୍ୟଧିକ ମଦ ପିଇ ମୃତ୍ୟୁ ବରଣ କରିଥିଲେ। କେବଳ ସେତିକି ନୁହେଁ ମଦ ପିଇ ଯୁବକମାନେ ବିଭିନ୍ନ ଅପରାଧ ଘଟାଇବା ସହିତ ରୋଗଗ୍ରସ୍ତ ହେଉଛନ୍ତି। ଅବକାରୀ ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମହିଳାମାନେ ଦାବି କରିଛନ୍ତି।

## ବାଣିଜ୍ୟ

## ଇଣ୍ଡିଗୋକୁ ୫୮.୭୫ କୋଟି ଟଙ୍କାର ଟିକସ ଜରିମାନା

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**




ଘରୋଇ ବିମାନ ଯାତ୍ରାରେ ବାଧା ସୃଷ୍ଟି କରିଥିବା କିଛି ଦିନର ବାଧା ପରେ ସରକାରଙ୍କ କଠୋର ଯାଞ୍ଚ ଅଧୀନରେ ଥିବା କମ ମୂଲ୍ୟର ବିମାନ କମ୍ପାନୀ ଇଣ୍ଡିଗୋକୁ ଦିଲ୍ଲୀ ଦକ୍ଷିଣ କମିଶନରେଟର ସିଜିଏସଟିର ଅତିରିକ୍ତ କମିଶନରଙ୍କ ଦ୍ୱାରା ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ୫୮.୭୫ କୋଟି ଟଙ୍କାର ଟିକସ ଜରିମାନା ନୋଟିସ ମିଳିଛି, ଶୁକ୍ରବାର ଏୟାରଲାଇନ୍ସ କହିଛି।

ଏକ ଏକ୍ସଚେଞ୍ଜ ଫାଇଲିଂରେ, ଇଣ୍ଡିଗୋର ମୂଳ ସଂସ୍ଥା ଇଣ୍ଟରଗ୍ଲୋବ ଆଭିଏସନ୍ ଲିମିଟେଡ୍ କହିଛି ଯେ ଏହା ଗୁରୁବାର (ଡିସେମ୍ବର ୧୧)ରେ ଟିକସ ଜରିମାନା ଆଦେଶ ପାଇଥିଲା, ଯେଉଁଥିରେ ଜରିମାନା ସହିତ ଜିଏସଟି ଦାବି ଅନ୍ତର୍ଭୁକ୍ତ। ଏହି ସମୟରେ, ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଇଣ୍ଡିଗୋର ସୁରକ୍ଷା ଏବଂ କାର୍ଯ୍ୟକ୍ଷମ ମାନଦଣ୍ଡ ଉପରେ ନଜର ରଖିବା ପାଇଁ ଦାୟୀ ଥିବା ଚାରି ଜଣ ବିମାନ ନିରୀକ୍ଷକଙ୍କୁ ବରଖାସ୍ତ କରିଛି।

ଏହି କାର୍ଯ୍ୟାନୁଷ୍ଠାନ ବିମାନ କମ୍ପାନୀର ସମସ୍ୟାକୁ ଆହୁରି ଖରାପ କରୁଛି, ଯାହାର ପରିଣାମ ସ୍ୱରୂପ ଏହି ମାସରେ ଅପର୍ଯ୍ୟାପ୍ତ ଯୋଜନା ଏବଂ ଅଧିକ କଠୋର ସୁରକ୍ଷା ନିୟମ ପାଳନ କରିବାରେ ବିଫଳତା ଯୋଗୁଁ ଶହ ଶହ ବିମାନ ବାତିଲ ହୋଇଛି। ବାତିଲ ଯୋଗୁଁ ଦେଶବ୍ୟାପୀ ହଜାର ହଜାର ଯାତ୍ରୀ ଏବେ ଫସି ରହିଛନ୍ତି। ସୂତ୍ର ଅନୁଯାୟୀ ଡିଜିସିଏ ନିରୀକ୍ଷକମାନଙ୍କ ତଦାରଖ ଏବଂ ନିରୀକ୍ଷଣ ଦାୟିତ୍ୱରେ ଅବହେଳା ଆବିଷ୍କାର କରିବା ପରେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏୟାରଲାଇନ୍ସର କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖିବା ପାଇଁ, ନିୟାମକ ବର୍ତ୍ତମାନ ଇଣ୍ଡିଗୋର ଗୁରୁଗ୍ରାମ କାର୍ଯ୍ୟାଳୟରେ ଦୁଇଟି ସ୍ୱତନ୍ତ୍ର ତଦାରଖ ଦଳ ମୁତୟନ କରିଛନ୍ତି।

ଡିଜିସିଏ ସନ୍ଧ୍ୟା ୬ଟା ସୁଦ୍ଧା ଏହି ଦଳଗୁଡ଼ିକଠାରୁ ଏକ ଦୈନିକ ରିପୋର୍ଟ ପାଇବ। ଗୋଟିଏ ଦଳ ଇଣ୍ଡିଗୋର ଫ୍ଲିଟ୍ ଆକାର, ପାଇଲଟ୍ ଉପଲବ୍ଧତା, କ୍ରୁ ବ୍ୟବହାର ସମୟ, ତାଲିମ ସମୟସୂଚୀ, ସ୍ପ୍ଲିଟ୍-ଡ୍ୟୁଟି ପ୍ୟାଟର୍ଣ୍ଣ, ଅନିର୍ଦ୍ଧାରିତ ଛୁଟି, ଷ୍ଟାଣ୍ଡବାଏ କର୍ମଚାରୀ ଏବଂ କ୍ରୁ ଅଭାବ ଦ୍ୱାରା ପ୍ରଭାବିତ ଉଡ଼ାଣର ପରିମାଣ ଉପରେ ନଜର ରଖିଛି। କାର୍ଯ୍ୟକ୍ଷମ ବିଭ୍ରାଟର ପରିମାଣକୁ ସମ୍ପୂର୍ଣ୍ଣ ଭାବରେ ବୁଝିବା ପାଇଁ, ଏହା ଏୟାରଲାଇନ୍ସର ସାଧାରଣ ପର୍ଯ୍ୟାୟ ଲମ୍ବ ଏବଂ ନେଟୱାର୍କ ମଧ୍ୟ ଯାଞ୍ଚ କରୁଛି।

ଦ୍ୱିତୀୟ ଦଳ ଯାତ୍ରୀମାନଙ୍କୁ କିପରି ପ୍ରଭାବିତ କରେ ତାହା ଉପରେ ଧ୍ୟାନ ଦେଉଛି। ଏଥିରେ ଏୟାରଲାଇନ୍ସ ଏବଂ ଟ୍ରାଭେଲ୍ ଏଜେନ୍ସିଗୁଡ଼ିକରୁ ପରିଶୋଧର ସ୍ଥିତି, ବେସାମରିକ ବିମାନ ଚଳାଚଳ ଆବଶ୍ୟକତା (ସିଏଆର) ଅନୁଯାୟୀ ପ୍ରଦାନ କରାଯାଇଥିବା ପରିଶୋଧ, ସମୟାନୁବର୍ତ୍ତିତା, ଲଗେଜ୍ ଫେରସ୍ତ ଏବଂ ସାଧାରଣ ବାତିଲକରଣ ସ୍ଥିତି ଯାଞ୍ଚ କରିବା ଆବଶ୍ୟକ।

## ପର୍ଯ୍ୟଟନ ବିଭାଗ ଶାସନ ସଚିବଙ୍କ ଯାଜପୁର ଗସ୍ତ

**ଯାଜପୁର: ଏକ୍ସପ୍ରେସ ନ୍ୟୁଜ୍**



ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଳବନ୍ତ ସିଂ ଏକଦିନିଆ ଯାଜପୁର ଗସ୍ତରେ ଆସିଥିଲେ। ପ୍ରଥମେ ସଚିବ ଶ୍ରୀ ସିଂ ବଡ଼ଚଣା ବ୍ଲକ ଅନ୍ତର୍ଗତ ଓଳାଶୁଣି ଗୁମ୍ଫା ଗସ୍ତ କରିବା ସହ ପ୍ରତ୍ନତାତ୍ତ୍ୱିକ ସଂଗ୍ରହାଳୟ ଏବଂ ଲଳିତଗିରି ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଥିଲେ। ଏହା ପରେ ସେ ଜିଲ୍ଲାର ପୁରାତନ ବୌଦ୍ଧ କୀର୍ତ୍ତିରାଜି ଉଦୟଗିରି ଏବଂ ରତ୍ନଗିରି ପରିଦର୍ଶନ କରିବା ସହ ବୌଦ୍ଧଧର୍ମ ଗୁରୁ, ସ୍ଥାନୀୟ ଜନପ୍ରତିନିଧି ଓ ଜନସାଧାରଣଙ୍କ ସହିତ ଆଲୋଚନା କରିଥିଲେ। ଆଗାମୀ ଦିନରେ ଏହି ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକରେ ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ଏହାର ଉନ୍ନତି ପାଇଁ ପ୍ରସ୍ତାବିତ ଭିତ୍ତିଭୂମି ବୁଲି ଦେଖିବା ସହ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ଆଗକୁ ପର୍ଯ୍ୟଟନ ବିଭାଗ ଦ୍ୱାରା ଯାଜପୁର ଜିଲ୍ଲାରେ ଏକ ସମନ୍ୱିତ ବୌଦ୍ଧ ସର୍କିଟ ବିକଶିତ ହେବାକୁ ଯାଉଅଛି। ଏହି ପ୍ରକଳ୍ପ ଅଧୀନରେ ଏଠାରେ ଏକ ଇଣ୍ଟରପ୍ରିଟେସନ କେନ୍ଦ୍ର, ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ସୁବିଧା ସହ ବୌଦ୍ଧ କୀର୍ତ୍ତିରାଜିର ସଂରକ୍ଷଣ, ପ୍ରଚାର ପ୍ରସାର କରାଯିବ। ଆସନ୍ତା ଜାନୁଆରୀ ୨୦୨୬ରେ ବୌଦ୍ଧଗୁରୁ ପଦ୍ମସମ୍ଭବଙ୍କ ଉଦ୍ଦେଶ୍ୟରେ ଉଦୟଗିରିଠାରେ ହେବାକୁ ଥିବା ଦ୍ୱିତୀୟ ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀକୁ ଦୃଷ୍ଟିରେ ରଖି ସଚିବ ଶ୍ରୀ ସିଂ ପ୍ରସ୍ତୁତିପର୍ବକୁ ମଧ୍ୟ ସମୀକ୍ଷା କରିଥିଲେ। ଏହି ସମ୍ମିଳନୀରେ ଦେଶ ବିଦେଶରୁ ଅନେକ ବୌଦ୍ଧ ଧର୍ମାବଲମ୍ବୀ ଯୋଗ ଦେବା ସହ ସ୍ୱର୍ଣ୍ଣିମ ତ୍ରିଭୁଜ ଯଥା ଉଦୟଗିରି, ରତ୍ନଗିରି ଓ ଲଳିତଗିରି ପରିଦର୍ଶନ କରିବେ। ସନ୍ଧ୍ୟାରେ ସଚିବ ବଳବନ୍ତ ସିଂ ଯାଜପୁର ସହରରେ ନିର୍ମାଣାଧୀନ ଥିବା ସୁଉଚ୍ଚ ଧ୍ୟାନମଗ୍ନ ଶିବ ମୂର୍ତ୍ତି ପ୍ରକଳ୍ପ, ବରାହପୀଠରେ ଥିବା ସଂଗ୍ରହାଳୟ ଆଦି ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ପ୍ରତ୍ନତତ୍ତ୍ୱ ବିଭାଗର ଅଧିକାରୀ, ବିଡ଼ିଓ, ତହସିଲଦାରଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## କଳିଙ୍ଗନଗର ଏୟାରପୋର୍ଟକୁ କେନ୍ଦ୍ରର ସବୁଜ ସଂକେତ !

**କଳିଙ୍ଗନଗର: ଏକ୍ସପ୍ରେସ ନ୍ୟୁଜ୍**



କଳିଙ୍ଗନଗର ଏୟାରପୋର୍ଟ ପ୍ରସ୍ତାବ ନେଇ ଚାଲିଥିବା ଦୀର୍ଘ ସଂଘର୍ଷରେ ଏବେ ଆସିଛି ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି। ଯାଜପୁର ସାଂସଦ ରବି ନାରାୟଣ ବେହେରା, ଦିଲ୍ଲୀରେ କେନ୍ଦ୍ର ବେସାମରିକ ବିମାନ ଓ ଜାହାଜ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ କିଞ୍ଜରାପୁଙ୍କୁ ସାକ୍ଷାତ କରି ଏହି ଦାବିକୁ ଗୁରୁତ୍ୱ ସହ ପ୍ରସ୍ତୁତ କରିଥିବାରୁ ଯାଜପୁର-ସୁକିନ୍ଦା-କଳିଙ୍ଗନଗର ଅଞ୍ଚଳରେ ଆଶାର ନୂଆ ପ୍ରଭା ସୃଷ୍ଟି ହୋଇଛି। ମନ୍ତ୍ରୀଙ୍କ ସହ ଆଲୋଚନା ବେଳେ ସାଂସଦ ବେହେରା ଏକଥା ସ୍ପଷ୍ଟ କରିଦେଇଥିଲେ ଯେ ଯାଜପୁର ଜିଲ୍ଲା, ସୁକିନ୍ଦା ଖଣି ଅଞ୍ଚଳ ଓ କଳିଙ୍ଗନଗର ଶିଳ୍ପାଞ୍ଚଳ ଦେଶର ଗୁରୁତ୍ୱପୂର୍ଣ୍ଣ 'ଇଣ୍ଡଷ୍ଟ୍ରିଆଲ-ମାଇନିଂ କୋରିଡୋର ଅଟେ'। ଦୈନିକ ଭାବରେ ହୋଇଥିବା ଲକ୍ଷାଧିକ ଟନ୍ ଖଣିଜ ପରିବହନ, ଶତାଧିକ ଶିଳ୍ପ ୟୁନିଟ, ହଜାର ହଜାର ଭାରୀ ଯାନ ଯାତାୟାତ ଓ ପ୍ରଚଣ୍ଡ ଅର୍ଥନୈତିକ କାରବାର ଥିବା ସତ୍ତ୍ୱେ ଏଠାରେ ଏକ ଏୟାରପୋର୍ଟ ନଥିବା ସଂପୂର୍ଣ୍ଣ ଅଞ୍ଚଳର ବିକାଶର ଗତିକୁ ଦୀର୍ଘ ଦିନ ଧରି ଅଟକି ରଖିଛି। ଏୟାରପୋର୍ଟ ନଥିବାରେ ଅଞ୍ଚଳର ପ୍ରମୁଖ ସମସ୍ୟାଗୁଡ଼ିକ ମଧ୍ୟରେ ଶିଳ୍ପ ବ୍ୟବସାୟ ପାଇଁ ଯାତାୟାତ ବାଧା ସୃଷ୍ଟି କରୁଛି। ନିବେଶକମାନଙ୍କ ପାଇଁ ଯାତାୟାତର ଅସୁବିଧା ସମ୍ମୁଖୀନ ହେବା, ଦ୍ରୁତ ଗମନା ଗମନ ନଥିବାରୁ ଖଣିଜ ଓ ଲଜିଷ୍ଟିକ୍ସରେ ବିଳମ୍ବ ଘଟିବା, ବିପଦ ମଧ୍ୟରେ ଖଣି, ଶିଳ୍ପରେ ଲକ୍ଷ ଲକ୍ଷ ଶ୍ରମିକ ଓ କର୍ମଚାରୀଙ୍କ ପାଇଁ ଆପତ୍କାଳୀନ ସମୟରେ ଏୟାରଲିଫ୍ଟ ସୁବିଧାର ଅଭାବ ଅନେକ ସମୟରେ ପାରିଲିକ୍ଷିତ ହେବା, ସାଧାରଣ ଲୋକଙ୍କ ଯାତାୟାତରେ ଅନେକ ଅସୁବିଧା ସମ୍ମୁଖୀନ ହେବା, ଏହି ସମସ୍ତ ପ୍ରମାଣ ଓ ତଥ୍ୟ ସାଂସଦ ବେହେରା ମନ୍ତ୍ରୀଙ୍କ ନଜରକୁ ଆଣିବା ପରେ, ମନ୍ତ୍ରୀ ନାଇଡୁ 'ଏହି ପ୍ରସ୍ତାବକୁ ଗମ୍ଭୀରତା ସହ ନେଇ ଶୀଘ୍ର ପ୍ରଗତି କରାଯିବ' ବୋଲି ସ୍ପଷ୍ଟ ଆଶ୍ୱାସନ ଦେଇଛନ୍ତି। ସୂତ୍ର ଅନୁଯାୟୀ, ଫାଇଲ୍‌ଟି ଏବେ ମନ୍ତ୍ରଣାଳୟରେ ଦ୍ରୁତ ଗତିରେ ଆଗକୁ ବଢୁଛି। କଳିଙ୍ଗନଗରରେ ଏୟାରପୋର୍ଟ ସ୍ଥାପନା ହେଲେ ଅଞ୍ଚଳରେ ଆସିବା ୬ଟି ବଡ଼ ପରିବର୍ତ୍ତନ କଳିଙ୍ଗନଗର ଦେଶର ନୂଆ ଇଣ୍ଡଷ୍ଟ୍ରିଆଲ ଲଜିଷ୍ଟିକ୍ସ ହବ୍ ଭାବେ ପରିଚିତ ହେବ। ସୁକିନ୍ଦାର ଖଣିଜ ରପ୍ତାନିରେ ଗତିରେ ବଢିବ। ଦ୍ରୁତ ଗମନା ଗମନ ହେବାଦ୍ୱାରା ବହୁସଂଖ୍ୟକ ବିନିଯୋଗକୁ ଆକର୍ଷଣ କରିବ। ଏୟାର କାର୍ଗୋ ସେବା ବିକାଶ ହେବ। ସାଧାରଣଙ୍କ ପାଇଁ ଦ୍ରୁତ ଓ ସୁବିଧାଜନକ ଯାତାୟାତର ସୁବିଧା ସୁଯୋଗ ମିଳିବ ଏୟାରପୋର୍ଟ ସ୍ଥାପନା ହେଲେ ହଜାର ହଜାର ନୂତନ ରୋଜଗାର ସୃଷ୍ଟି କରିବା ସହ ଅର୍ଥନୀତିକ ବିକାଶ ଘଟିବ। ଏୟାରପୋର୍ଟ ପାଇଁ ଦାବି ଦୀର୍ଘ ଦିନ ଧରି ଅଞ୍ଚଳରେ ଥିଲା। ଏବେ ସାଂସଦଙ୍କ ପ୍ରୟାସରେ କଳିଙ୍ଗନଗର, ସୁକିନ୍ଦା ଓ ଯାଜପୁରବାସୀଙ୍କ ସ୍ୱପ୍ନ ପୂରଣ ନିକଟକୁ ଆସୁଛି। ଏହାକୁ ନେଇ ଅଞ୍ଚଳରେ ଲୋକମାନଙ୍କ ମଧ୍ୟରେ ଖୁସି ଓ ଆଶା ବଢ଼ିଛି।

## 'ଜେଲର ୨' ସେଟରେ ସୁପରଷ୍ଟାର ରଜନୀକାନ୍ତ ଜନ୍ମଦିନ ପାଳିତ

## ସିନେମାଫିନେମା ଟିଭିଫିଭି



ସୁପରଷ୍ଟାର ରଜନୀକାନ୍ତ ଶୁକ୍ରବାର ନିର୍ଦ୍ଦେଶକ ନେଲସନଙ୍କ ଉତ୍କଣ୍ଠାର ସହିତ ପ୍ରତୀକ୍ଷିତ ଆକ୍ସନ୍ ଥ୍ରୀଲର 'ଜେଲର ୨' ସେଟରେ ତାଙ୍କର ୭୫ତମ ଜନ୍ମଦିନ ପାଳନ କରିଛନ୍ତି, ଏହି ଫିଲ୍ମରେ ସେ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି। ଫିଲ୍ମ ପ୍ରଯୋଜନା ସଂସ୍ଥା ସନ୍ ପିକ୍ଚର୍ସ ସେଟରେ ଅନୁଷ୍ଠିତ କେକ୍ କଟା ଉତ୍ସବର ଏକ ଭିଡିଓ କ୍ଲିପ୍ ପୋଷ୍ଟ କରିବାକୁ ଏହାର ଏକ୍ସ ଟାଇମଲାଇନ୍ ନେଇଛି। କ୍ଲିପ୍ ସେୟାର କରି ପ୍ରଯୋଜନା ସଂସ୍ଥା ଲେଖିଛନ୍ତି, 'ଜନ୍ମଦିନର ଶୁଭେଚ୍ଛା ସୁପରଷ୍ଟାର ରଜନୀକାନ୍ତ ଜେଲ ୨ର ସେଟ୍‌ରୁ।' କ୍ଲିପ୍‌ରେ ରଜନୀକାନ୍ତ ତାଙ୍କ କାରାଭାନକୁ କେକ୍ କଟା ସ୍ଥଳକୁ ଛାଡି ଯାଉଥିବାର ଦେଖାଯାଇଥିଲା, ଯେଉଁଠାରେ ନିର୍ଦ୍ଦେଶକ ନେଲସନ ସମେତ କୋର ୟୁନିଟ୍ ସଦସ୍ୟମାନେ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏକ ସଂକ୍ଷିପ୍ତ କେକ୍ କଟା ଉତ୍ସବ ପରେ, ଯେଉଁ ସମୟରେ ରଜନୀକାନ୍ତ ନିର୍ଦ୍ଦେଶକ ନେଲସନଙ୍କୁ କେକ୍ ଖୁଆଇଥିଲେ, ଅଭିନେତା ତାଙ୍କ କାରାଭାନକୁ ଫେରିବା ଦେଖାଯାଇଥିଲା। ମନେ ପକାଇ ଦିଆଯାଇପାରେ ଯେ ସୁପରଷ୍ଟାର ରଜନୀକାନ୍ତ ଚଳିତ ବର୍ଷ ମେ' ମାସରେ କହିଥିଲେ ଯେ 'ଜେଲର ୨'ର କାମ ଡିସେମ୍ବର ପର୍ଯ୍ୟନ୍ତ ଚାଲିପାରେ। ଚେନ୍ନାଇ ବିମାନବନ୍ଦରରୁ ବାହାରିବା ସମୟରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରି ରଜନୀକାନ୍ତ କହିଥିଲେ, 'ଜେଲର ୨ର ସୁଟିଂ ଭଲ ଚାଲିଛି। ଫିଲ୍ମ ଶେଷ ହେବା ପର୍ଯ୍ୟନ୍ତ ଡିସେମ୍ବର ମାସ ହେବ।' 'ଜେଲର ୨' ଫିଲ୍ମର ପ୍ରଥମ ଭାଗର ଚମତ୍କାର ପ୍ରସାରଣ ପାଇଁ ବହୁତ ଆଗ୍ରହ ସୃଷ୍ଟି କରିଛି, ଯାହା ପ୍ରାୟ ୬୫୦ କୋଟି ଟଙ୍କା ରୋଜଗାର କରି ଏକ ବିରାଟ ବ୍ଲକବଷ୍ଟର ହୋଇଗଲା। 'ଜେଲର'ର ଦ୍ୱିତୀୟ ଭାଗର ସୁଟିଂ ପ୍ରଥମେ ଚେନ୍ନାଇରେ ଆରମ୍ଭ ହୋଇଥିଲା। ଆକ୍ସନ ମନୋରଞ୍ଜନକାରୀ ପ୍ରଯୋଜନା ସଂସ୍ଥା ସନ୍ ପିକ୍ଚର୍ସ ଘୋଷଣା କରିଥିଲା ଯେ ଏହି ବର୍ଷ ମାର୍ଚ୍ଚ ୧୦ରେ ଫିଲ୍ମର ସୁଟିଂ ଆରମ୍ଭ ହୋଇଛି। ସନ୍ ପିକ୍ଚର୍ସ ଏକ ଅସାଧାରଣ ଆକର୍ଷଣୀୟ ଟିଜର ରିଲିଜ୍ କରିବା ପରେ ଫିଲ୍ମ ପ୍ରତି ଆଗ୍ରହ ଶୀର୍ଷରେ ପହଞ୍ଚିଥିଲା, ଯାହା ମଜାଦାର ଏବଂ ରୋମାଞ୍ଚକର ଥିଲା। ଏହାର କିଛି ସମୟ ପରେ, ଅଭିନେତ୍ରୀ ରମ୍ୟା କୃଷ୍ଣନ୍ କେରଳର ଆଟ୍ଟାପଡ଼ାରେ ଚାଲିଥିବା ଫିଲ୍ମର ଦ୍ୱିତୀୟ ଭାଗର ସୁଟିଂର ପ୍ରଥମ ଦିନର ଏକ କାହାଣୀ ସେୟାର କରିଥିଲେ। ସେ କହିଥିଲେ, 'ପାଦୟପ୍ପାର ୨୬ ବର୍ଷ ଏବଂ ଜେଲର ୨ର ପ୍ରଥମ ଦିନର ସୁଟିଂ।' ରମ୍ୟା କୃଷ୍ଣନ୍ ଏହି ଚଳଚ୍ଚିତ୍ରରେ ରଜନୀକାନ୍ତଙ୍କ ଚରିତ୍ର ମୁଥୁଭେଲ୍ ପାଣ୍ଡିଆନ୍‌ଙ୍କ ପତ୍ନୀ ବିଜୟା ପାଣ୍ଡିଆନ୍ ଓରଫ୍ ବିଜିଙ୍କ ଚରିତ୍ରରେ ଅଭିନୟ କରିଛନ୍ତି।

୩ ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
କେନ୍ଦ୍ରାପଡ଼ା । ୧୩ ଡିସେମ୍ବର ୨୦୨୫ । ଶନିବାର



# କର୍ମଚାରୀ ଅଭାବରୁ ପ୍ରାଣୀଧନ ଚିକିତ୍ସାକେନ୍ଦ୍ର ବନ୍ଦ




**୧୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ବ୍ଲକ୍ ୨୩ଟି ଗ୍ରାମପଞ୍ଚାୟତକୁ ନେଇ ନିଆଳୀ ଗୋଷ୍ଠୀ ପ୍ରାଣୀ ଚିକିତ୍ସାକେନ୍ଦ୍ର । ଏହାର ଅଧୀନରେ ୧୬ଟି ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ରହିଛି । ଏହା ସହିତ ନୂତନ ଭାବେ ଜଲ୍ଲାରପୁର ଓ ନୂଆଗାଁରେ ଦୁଇଟି ପ୍ରାଣୀଧନ ଚିକିତ୍ସା କେନ୍ଦ୍ର କରାଯାଇଛି । ୧୮ଟି ପ୍ରାଣୀଧନ ଚିକିତ୍ସା କେନ୍ଦ୍ରରେ ମାତ୍ର ଦଶ ଜଣ ପ୍ରାଣୀଧନ ନିରୀକ୍ଷକ ରହିଛନ୍ତି । ଯାହାଫଳରେ ମାସ ମାସ ଧରି ପ୍ରାଣୀଧନ ଚିକିତ୍ସାଳୟଗୁଡିକ କର୍ମଚାରୀ ଅଭାବରୁ ବନ୍ଦ ରହିଛି । ମିଳିଥିବା ସୂଚନା ମୁତାବକ ବାହାରଣା, ବିଳାଶୁଣୀ, ଅପୂଜା, ବିନିସ୍ପୁର, କରାଙ୍ଗ ଏଥିସହିତ ନୂତନ ଭାବେ ନିର୍ମାଣ ହୋଇଥିବା ନୂଆଗାଁ ଓ ଜଲ୍ଲାରପୁର, ଏହିସବୁ କେନ୍ଦ୍ର ଅଧୀନରେ ପଶୁ ଓ ପକ୍ଷୀଙ୍କ ଚିକିତ୍ସା ବାଧା ଉପୁଜୁଛି । ଯାହାଫଳରେ ସ୍ଥାନୀୟ ଅଞ୍ଚଳ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସେହିପରି ନିଆଳୀ ଗୋଷ୍ଠୀ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ତିନିଜଣ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ପଦବୀ ରହିଥିବାବେଳ ସେଥିମଧ୍ୟରୁ ଗୋଟିଏ ପଦବୀ ଖାଲିପଡିଛି । ଉକ୍ତ କେନ୍ଦ୍ରରେ କନିଷ୍ଠ ପ୍ରାଣୀ ଧନ ସଂପ୍ରସାରଣ ଅଧିକାରୀ ପଦବୀ ଖାଲି ପଡିଛି । ଅଠର ଗୋଟି ପ୍ରାଣୀଧନ ନିରୀକ୍ଷକ କାର୍ଯ୍ୟାଳୟ ମଧ୍ୟରୁ ମାତ୍ର ଦୁଇଜଣ ଚତୁର୍ଥ ଶ୍ରେଣୀ କର୍ମଚାରି ରହିଥିବାବେଳେ ଦୀର୍ଘ ବର୍ଷ ହେବ ୧୬ଜଣ ଚତୁର୍ଥଶ୍ରେଣୀ କର୍ମଚାରୀ ପଦବୀ ଖାଲି ପଡିଛି । ଦୀପ ତଳ ଅନ୍ଧାର ଭଳି ନିଆଳୀ ଗୋଷ୍ଠୀ ପ୍ରାଣୀ ଚିକିତ୍ସା କେନ୍ଦ୍ର ଠାରୁ ମାତ୍ର ତିନିକିଲୋମିଟର ଦୂରରେ ଜଲ୍ଲାରପୁର ପଞ୍ଚାୟତର ଜଲ୍ଲାରପୁର ଓ ନୂଆଗାଁ ପଞ୍ଚାୟତର ନୂଆଗାଁ ପ୍ରାଣୀ ଧନ କାଜ୍ୟାଳୟ ରେ ୧୦ବର୍ଷରୁ ଉର୍ଦ୍ଧ୍ୱ ହେବ କର୍ମଚାରୀ ଅଭାବରୁ ତାଲା ଝୁଲୁଛି । ନିଆଳୀ ବ୍ଲକ ୨୩ଗୋଟି ଗ୍ରାମପଞ୍ଚାୟତରେ ୪୨ହଜାର ନଅ ଶହ ଗୋରୁ, ୩୨ହଜାର ଆଠଶହଚାଳିଶ ମେଣ୍ଢା ଓ ଛେଳି, ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ କୁକୁଡ଼ା, ତିରିଶ୍ ହଜାର ରୁ ଉର୍ଦ୍ଧ ଅଷ୍ଟ୍ରେଲିଆ ଓ ଘରୋଇ ଦେସିକୁକୁଡ଼ା, ପନ୍ଦର ସହରୁ ଉର୍ଦ୍ଧ୍ୱ କୁକୁର, ଦୁଇହଜାର ଚାଳିଶି ବୁଲାଷଣ୍ଢ, ସରକାରୀ ତଥ୍ୟ ହିସାବରେ ରହିଛନ୍ତି । ଏହା ବାଦ୍ ଅଧିକ ପଶୁପକ୍ଷୀ ଥିବା ଜଣାପଡିଥିବା ବେଳେ ଏସବୁ ଚିକିତ୍ସା କରିବା ନିମନ୍ତେ ମାତ୍ର ଦଶ ଜଣ ପ୍ରାଣୀଧନ ଚିକିତ୍ସା ଓ ଦୁଇଜଣ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ରହିଛନ୍ତି । ନିଆଳୀ ବ୍ଲକରେ କିଭଳି ଭାବରେ ଗୋଷ୍ଠୀ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ ଓ ଅଠର ଗୋଟି ପ୍ରାଣୀଧନ କେନ୍ଦ୍ରରେ ପଶୁପକ୍ଷୀ ଙ୍କ ଚିକିତ୍ସା କରାଯାଉଛି । ଯାହାକୁ ନେଇ ସମସ୍ତଙ୍କୁ ବିସ୍ମିତ କରିଛି । ଏ ନେଇ ନିଆଳୀ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ବିଭାଗ ଅଧିକାରୀ ବିଭିଓ ଡା. ସୌମ୍ୟରଞ୍ଜନ ଖଟୁଆ ପଚାରିବାରୁ ଆମ ପାଖରେ କର୍ମଚାରୀ ଅଭାବରୁ ସମସ୍ୟା ଉପୁଜୁଛି ବୋଲି କହିଛନ୍ତି । ପ୍ରାଣୀ ବିଭାଗ ଆମ୍ଭ ଅଧୀନରେ ଯାଉଥିବାରୁ ନିଆଳୀ ବ୍ଲକ୍ ଆମ୍ଭ ଅଧକ୍ଷ ଗଣେଶ୍ୱର ମିଶ୍ର ବିଧାୟକ ଓ ସରକାରଙ୍କ ନିକଟରେ କର୍ମଚାରି ନିଯୁକ୍ତି ନିମନ୍ତେ ଦାବି କରିବାକୁ ଚାଷୀମାନେ ନିବେଦନ କରିଛନ୍ତି ।

## ଆଜିର ରାଶିଫଳ

| ତାରିଖ | ଶନିବାର–ନବମୀ |
|---|---|
| ୧୩.୧୨.୨୦୨୫ | ନକ୍ଷତ୍ର– ହସ୍ତା, କନ୍ୟାଚନ୍ଦ୍ର |

| | |
|---|---|
| ମେଷ | : ବନ୍ଧୁଲାଭ ଓ ଅର୍ଥଲାଭ ଯୋଗ ରହିଛି । |
| ବୃଷ | : କର୍ମେ ହାନି ପ୍ରଦ |
| ମିଥୁନ | : ଶାରୀରିକ ଅସୁସ୍ଥତା ଭୋଗିବେ । |
| କର୍କଟ | : କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ । |
| ସିଂହ | : ଅପମାନିତ ହେବେ । |
| କନ୍ୟା | : ଦିନଟି ସୌଖ୍ୟପ୍ରଦ ରହିବ । |
| ତୁଳା | : ଆର୍ଥିକ କ୍ଷତି ସହିବେ । |
| ବିଛା | : ବ୍ୟବସାୟରେ ଆୟ ବୃଦ୍ଧି ପାଇବ । |
| ଧନୁ | : ସୁଖପ୍ରାପ୍ତି ହେବ । |
| ମକର | : ମନସ୍ତାପ କରିବେ । |
| କୁମ୍ଭ | : ଆର୍ଥିକ କ୍ଷତିଗ୍ରସ୍ତ ହେବେ । |
| ମୀନ | : ନୂତନ ନିଯୁକ୍ତିର ସୁଯୋଗ ରହିଛି । |

## ମଣ୍ଡି ଖୋଲିବାରେ ଅହେତୁକ ବିଳମ୍ବ, କଳାବଜାରୀ ସକ୍ରିୟ

**ବୁଗୁଡ଼ା, ୧୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ସରକାରୀ ସ୍ତରରେ ଧାନ କିଣିବା ପାଇଁ ମଣ୍ଡି ଖୋଲିବାରେ ବିଳମ୍ବ ହେଉଥିବାରୁ ସୀମାନ୍ତ ଆନ୍ଧ୍ର ଏବଂ ସ୍ଥାନୀୟ ଅଞ୍ଚଳର ବେପାରୀଙ୍କୁ ଅଧା ଦାମରେ ବୁଗୁଡା ଅଞ୍ଚଳର ଚାଷୀ ଧାନ ବିକ୍ରି କରୁଛନ୍ତ । ଚଳିତ ଖରିଫ ଋତୁରେ ନବେ ପ୍ରତିଶତ ଧାନ ଅମଳ ସରିଥିବା ବେଳେ ଧାନ ବିକ୍ରି କରିବାକୁ ଅପେକ୍ଷା କରିଥିବା ଚାଷୀମାନେ ମଣ୍ଡି ଖୋଲିବାରେ ବିଳମ୍ବ ହେଉଥିବାରୁ ବାଧ୍ୟ ହୋଇ ବେପାରୀଙ୍କୁ ଅଧା ଦାମରେ ଧାନ ବିକୁଥିବା ବେଳେ ଚାଷୀମାନଙ୍କ ଅସୁବିଧାର ସୁଯୋଗ ନେଇ ଏବେ ଗାଁଗାଁରେ ଦଲାଲମାନେ ସକ୍ରିୟ ହୋଇ ଉଠିଛନ୍ତି । ଚଳିତ ବର୍ଷ ଆଶାନୁରୂପ ବର୍ଷା ହୋଇଥିବାରୁ ବୁଗୁଡା ଅଞ୍ଚଳର ଚାଷୀଙ୍କ ଅମଳ ବେଶ୍ ଭଲ ହୋଇଛି । ଅନେକ ଚାଷୀ ଅମଳ ଧାନ ରଖିବା ପାଇଁ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହୋଇ ଖରା ଓ କାକରରେ ଖଳାରେ ଧାନ ପଡି ରହିବା ସହିତ ମୂଷା ଦାଉରୁ ଧାନକୁ ରକ୍ଷା କରି ଚାଷ କାର୍ଯ୍ୟ ପାଇଁ ଆଣିଥିବା ଧାରକରଜରୁ ମୁକ୍ତ ହେବା ପାଇଁ ଧାନ ବିକିବାକୁ ବାଧ୍ୟ ହେଉଛନ୍ତି । ଏହାର ଫାଇଦା ଆନ୍ଧ୍ରା ଓ ଆଖପାଖ ଅଞ୍ଚଳର ବେପାରୀମାନେ ଉଠାଉଛନ୍ତି । ଆଗାମୀ ଦିନରେ ମଣ୍ଡି ଖୋଲିବା ନେଇ ବୁଗୁଡା ପ୍ରଶାସନ କହୁଥିବା ବେଳେ ସେଥିରେ ବିଳମ୍ବ ହେଉଥିବାରୁ ଧାନ ଚାଷୀମାନେ ଆନ୍ଧ୍ର ଏବଂ ସ୍ଥାନୀୟ ଅଞ୍ଚଳର ଲାଭଖୋର ବେପାରୀଙ୍କ ପାଖରେ ଅଭାବୀ ବିକ୍ରିର ଶିକାର ହେବାକୁ ପଡୁଛି । ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ମଣ୍ଡି ଶୀଘ୍ର ଖୋଲିବା ସହିତ ଅସାଧୁ ଧାନ ବେପାରୀଙ୍କ ଉପରେ ଅଙ୍କୁଶ ଲଗାଇବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି ।



## ଭିଜିଲାନ୍ସ ନାଁରେ ଠକେଇ, ୨ ଗିରଫ

**ରାଉରକେଲା, ୧୨।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ନିଜକୁ ଭିଜିଲାନ୍ସ ଅଧିକାରୀ କହି ଠକେଇ ଅଭିଯୋଗରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଉଭୟ ଜଣେ ଓଏଏସ୍ ଅଧିକାରୀଙ୍କ ଠାରୁ ୪ ଲକ୍ଷ ଟଙ୍କା ଠକି ନେଉଥିବାବେଳେ ଗିରଫ କରାଯାଇଛି । ଅଭିଯୁକ୍ତ ଦୁଇ ଜଣକ ସୁବର୍ଣ୍ଣପୁରର ଗଣେଶ ନନ୍ଦ ଏବଂ ପ୍ରଦୀପ ପଣ୍ଡା ବୋଲି ଜଣାପଡିଛି । ଭିଜିଲାନ୍ସ ସହୟତାରେ ରାଉରକେଲା ପୁଲିସ୍ ଉଭୟଙ୍କୁ ଗିରଫ କରିଥିବା ସୂଚନା ମିଳିଛି । ଭିଜିଲାନ୍ସ କେସ୍‌ର ଧମକ ଦେଇ ଏମାନେ ଟଙ୍କା ଆଦାୟ କରୁଥିଲେ । ଅଭିଯୁକ୍ତ ଗଣେଶର ଟ୍ରୁ କଲର୍ ଆଇଡିରେ ଭିଜିଲାନ୍ସ ଅଫିସର ସୋ କରୁଥିଲା । ଏହି ମାମଲାରେ ପୁଲିସ୍ ଅଧିକ ତଦନ୍ତ ଜାରି ରଖିଛି ।

# ପିଡିଏସ୍ ଚାଉଳରେ ପୋକ ସାଲୁବାଲୁ

**ରାଉରକେଲା, ୧୨।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**



ବିଭିନ୍ନ ପ୍ରକାର ଅନିୟମିତତା ଯୋଗୁ ରାଉରକେଲା ଯୋଗାଣ ବିଭାଗ ସର୍ବଦା ଚର୍ଚ୍ଚାରେ ରହିଆସିଛି । ଅଭିଯୋଗ ପରେ ଲୋକଦେଖାଣିଆ କାର୍ଯ୍ୟାନୁଷ୍ଠାନ ହେଉଛି । ପରବର୍ତ୍ତୀ ସମୟରେ ସ୍ଥିତି ଯେମିତିକୁ ସେମିତି । ସରକାରୀ ନିୟମ କହୁଛି, ହିତାଧିକାରୀଙ୍କୁ ଯୋଗାଣ ହେଉଥିବା ଚାଉଳର ମାନ ଉପଯୁକ୍ତ ଯାଞ୍ଚ ହେବା କଥା ।

ରାଇସ୍ ମିଲ୍ ହେଉ ଅବା ବିଭିନ୍ନ ଗୋଦାମରୁ ଯୋଗାଣ ବିଭାଗ ଗୋଦାମକୁ ଆସୁଥିବା ପିଡିଏସ୍ ଚାଉଳ ଠିକ୍ ଅଛି କି ନାହିଁ ପିଆଇ ଓ ଲିଫ୍ଟିଂ ଅଧିକାରୀ ଯାଞ୍ଚ କରିଥାନ୍ତି । ରାଉରକେଲାରେ କିନ୍ତୁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଏଫ୍‌ସିଆଇ (ଭାରତୀୟ ଖାଦ୍ୟ ନିଗମ) ପରିସରସ୍ଥ ରାଜ୍ୟ ଯୋଗାଣ ବିଭାଗ ଗୋଦାମରେ ପଶୁଛି ପୋକ ସାଲୁବାଲୁ ପିଡିଏସ୍ ଚାଉଳ । ତା' ପୁଣି ଶହେ କି ଦୁଇଶହ ବସ୍ତା ନୁହେଁ ଦୁଇଟି ଟ୍ରକରେ ଆସିଥିବା ୧ ହଜାର ୧୦ ବସ୍ତା । ସମ୍ବଲପୁର ବୁର୍ଲାସ୍ଥ ଏ. କଟାପାଲି ଗୋଦାମରୁ ଦୁଇଟି ଟ୍ରକରେ ପିଡିଏସ୍ ଚାଉଳ ବୋଝେଇ ହୋଇଥିଲା । ସେଠାରୁ ଆସି ସିଧାସଳଖ ରାଉରକେଲା ଏଫ୍‌ସିଆଇ ପରିସରସ୍ଥ ରାଜ୍ୟ ଯୋଗାଣ ବିଭାଗ ଗୋଦାମରେ ପଶିଥିଲା । ଦାୟିତ୍ୱରେ ଥିବା ପିଆଇ ଯାଞ୍ଚ କରିବା ପରିବର୍ତ୍ତେ ପରିବହନ ଠିକାସଂସ୍ଥାକୁ ଅନ୍‌ଲୋଡିଂ କରିବାକୁ ଦେବାରୁ ଏଭଳି ସ୍ଥିତି ଉପୁଜିଥିଲା । ସେଠାରେ କିଛି ଲୋକ ପୋକରା ଚାଉଳ ଦେଖି ବିଭାଗୀୟ ଅଧିକାରୀଙ୍କୁ କହିଥିଲେ ହେଁ, କେହି ଶୁଣି ନଥିଲେ ।

ଗୋଦାମରେ ପୋକରା ଚାଉଳ ପଶିବା ପରେ ପୂର୍ବରୁ ମହଜୁଦଥିବା ହଜାର ହଜାର କ୍ୱିଣ୍ଟାଲ ପିଡିଏସ୍ ଚାଉଳ ମାନ ଖରାପ ହୋଇଯିବ ନିତ, ଏମିତି ପ୍ରଶ୍ନ ସାଧାରଣରେ ଉଠିବା ସ୍ୱାଭାବିକ । ଏହା ପୂର୍ବରୁ ବିଭିନ୍ନ ଗୋଦାମରେ ମହଜୁଦ ଓ କଣ୍ଟ୍ରୋଲ ଦୋକାନୀଙ୍କୁ ଯୋଗାଣ ହେଉଥିବା ଚାଉଳମାନଙ୍କୁ ନେଇ ଅନେକ ଥର ପ୍ରଶ୍ନ ଉଠିଛି । କିଛି କଣ୍ଟ୍ରୋଲ ଦୋକାନୀଙ୍କଠୁ ପୋକାରା ଚାଉଳବସ୍ତା ମଧ୍ୟ ଫେରାଇ ଅଣାଯାଇଥିଲା । ବାରମ୍ବାର ଏଭଳି ଘଟଣାର ପୁନରାବୃତ୍ତି ହେବା ପଛରେ ଯେଉଁମାନଙ୍କ ସମ୍ପୃକ୍ତି ରହିଛି, ସେମାନଙ୍କ ବିରୋଧରେ କେଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନି । ପରିବହନ ଠିକାସଂସ୍ଥା, ଲିଫ୍ଟିଂ ଅଧିକାରୀ ଓ ପିଆଇଙ୍କ ଭିତିରି ସଲାସୁତୁରାରେ ଏଭଳି ସରକାରୀ ନିୟମ ବିରୋଧୀ କାମ ହେଉଥିବା ଅଭିଯୋଗ ହେଉଛି । କିଛି ମାସ ପୂର୍ବରୁ ଏସ୍‌ଟିଆଇ ଗଣେଶ ମାର୍କେଟ ପିଡିଏସ୍ ଚାଉଳ ଗୋଦାମରେ ଅନିୟମିତା ଅଭିଯୋଗ ଆସିବା ପରେ ସେଠାକାର ପିଆଇଙ୍କ ସମେତ ଜିଲ୍ଲାର ଅନେକ ଗୋଦାମରୁ ପିଆଇଙ୍କୁ ବଦଳି କରାଯାଇଥିଲା ।

ରାଉରକେଲା ଅତିରିକ୍ତ ଯୋଗାଣ ଅଧିକାରୀ ଜ୍ୟୋତ୍ସ୍ନାରାଣୀ କର୍ଣ୍ଣ କହିଛନ୍ତି, ବାହାର ଆସୁଥବା ପିଡିଏସ୍ ଚାଉଳର ମାନ ଲିଫ୍ଟିଂ ଅଧିକାରୀ ଯାଞ୍ଚ କରିବା କଥା । କାହିଁକି ପୋକରା ଚାଉଳ ଗୋଦାମ ଭିତରେ ପଶିଲା ତା'ର ଯାଞ୍ଚ ହେବ । କେଉଁମାନେ ଏମିତି କରିଛନ୍ତି, ତା'ର ତଦନ୍ତ କରିବୁ । ଖରାପ ଥିଲେ ଫେରାଇ ଦିଆଯିବଛ ହିତାଧିକାରୀଙ୍କୁ ପୋକରା ଚାଉଳ ଆଦେ ଦିଆଯିବ ନାହିଁ ବୋଲି ସେ କହିଛନ୍ତି ।

## ପାଚିଲା ଧାନ କ୍ଷେତ ଉଜାଡ଼ିଲେ ହାତୀପଲ

**ବୈଶିଙ୍ଗା, ୧୨।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଝାଡଖଣ୍ଡର ଦଲମା ଅଞ୍ଚଳରୁ ପ୍ରତି ବର୍ଷ ହାତୀପଲ ଧାନ ଫସଲ ଖାଇବା ପାଇଁ ପଶ୍ଚିମବଙ୍ଗ ଦେଇ ରାସଗୋବିନ୍ଦପୁର ରେଞ୍ଜ ଅଞ୍ଚଳରେ ପ୍ରବେଶ କରି ବେତନଟୀ ରେଞ୍ଜ ଅଞ୍ଚଳରେ ପ୍ରବେଶ କରିଥାନ୍ତି । ଧାନ ପାଚିବା ସମୟରେ ୭୦/୮୦ ହାତୀପଲ ଦୁଇ ତିନୋଟି ଦଳରେ ବିଭିନ୍ନ ଅଞ୍ଚଳରେ ଧାନ, ପନିପରିବା ଆଦି କ୍ଷତି କରିଥାନ୍ତି । ଚଳିତ ବର୍ଷ ଗୋଟିଏ ଦଳରେ ୧୮ଟି ହାତୀ ଗତକାଲି ନଡ ପୁର ଅଞ୍ଚଳରେ ରହିଥିଲେ । ଗୁରୁବାର ସନ୍ଧ୍ୟା ସମୟରେ ଏହି ହାତୀପଲ ୧୮ନଂ ଜାତୀୟ ରାଜପଥର ବଗଲପୁର ନିକଟରେ ପାରି ହୋଇ ତିଳପଦା ଜଙ୍ଗଲ ଅଞ୍ଚଳକୁ ଯାଇଥିବାର ରେଞ୍ଜ ଅଧିକାରୀ ଧୃବେନ୍ଦ୍ର ନାଥ ନାଏକ ପ୍ରକାଶ କରିଛନ୍ତି । ତାଙ୍କ ସହିତ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ଚିନ୍ମୟ କୁମାର ପଣ୍ଡା, ସୁଜିତ ସେନାପତି ସମେତ ବହୁ ବ୍ୟକ୍ତି ସହଯୋଗ କରିଥିଲେ ।

## ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର, ସ୍ୱାମୀ ଅଟକ

**ଢେଙ୍କାନାଳ : ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ତ୍ରୀକୁ କଲବଲ କରି ଜାଳିଦେଲା ନୃଶଂସ ସ୍ୱାମୀ । ଘର ଆଗରୁ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର । ହତ୍ୟା ଅଭିଯୋଗ ଆଣିଲେ ମହିଳାଙ୍କ ପରିବାର ଲୋକ । ଢେଙ୍କାନାଳ ଜିଲ୍ଲା ବେଲପଡ଼ା ଥାନା କଟାପାଲିରେ ଏଭଳି ଅଭାବନୀୟ ଘଟଣା ଘଟିଛି । ବେଲପଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଅଭିଯୁକ୍ତ ସ୍ୱାମୀକୁ ଅଟକ ରଖି ପଚାରି ଉଚରା କରୁଛି । ସୂଚନାନୁଯାୟୀ, ବେଲପଡା ଥାନା କଟାପାଲିର ପିଣ୍ଟୁ ପରୁଆ ତାଙ୍କ ସ୍ତ୍ରୀ କୁଳବତୀ ପରୁଆ (୨୫)ଙ୍କୁ ନିର୍ଯାତନା ଦେଉଥିଲେ । ଗତକାଲି ରାତିରେ କୁଳବତୀ ତାଙ୍କ ମାଆଙ୍କ ସହ ଭିଡିଓ କଲରେ କଥା ହୋଇଥିଲେ । ଆଜି ସକାଳେ ଘର ଆଗରୁ ତାଙ୍କର ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ହୋଇଛି । କୁଳବତୀଙ୍କ ପରିବାର ଲୋକ ହତ୍ୟା ଅଭିଯୋଗ ଆଣିଛନ୍ତି । ଘଟଣାସ୍ଥଳରେ ବେଲପଡ଼ା ପୁଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛ ।

## ଦଶ ଲକ୍ଷ ଟଙ୍କାର ଖଇର ଓ କେନ୍ଦୁ କାଠ ଜବତ

**ବଲାଙ୍ଗୀର, ୧୨।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ସିନ୍ଧେକେଲା ବନାଞ୍ଚଳ ମହଗାଁ ସିଲଣ୍ଡା କେନାଲ ନିକଟରେ ଥିବା ଦେବଦାରୁ ବଗିଚାରେ ଚଢାଉ । ଦଶ ଲକ୍ଷ ଟଙ୍କାର ଖଇର ଓ କେନ୍ଦୁ କାଠ ଜବତ । ସନ୍ଦେହରେ ଇଟା ଭାଟି ମାଲିକ ।

ସୂଚନାନୁଯାୟୀ, ମହଗାଁ ସିଲଣ୍ଡା କେନାଲ ନିକଟରେ ଥିବା ଦେବଦାରୁ ବଗିଚା ନିକଟରେ କାଠ ମାଫିଆମାନେ କେନ୍ଦୁ ଓ ଖଇର ଗଛ ଗଣ୍ଡି ଗଚ୍ଛିତ ରଖିଥିବା ନେଇ ବନ ବିଭାଗ ଖବର ପାଇଥିଲା । ବଙ୍ଗୋମୁଣ୍ଡା ରେଞ୍ଜର ପଦ୍ମନାଭ କୁମ୍ଭାର, ସିନ୍ଧେକେଲା ବନାଞ୍ଚଳ ଅଧିକାରୀ ସୁରେନ୍ଦ୍ର ମହାରଣାଙ୍କ ନିର୍ଦ୍ଦେଶ କ୍ରମେ ଚଢ଼ାଉ କରାଯାଇଥିଲା । ଚଢାଉ ବେଳେ ଦଶ ଲକ୍ଷ ଟଙ୍କାର ଖଇର ଓ କେନ୍ଦୁ କାଠ ଜବତ ହୋଇଛି । ବଗିଚା ନିକଟରେ ଏକ ବେଆଇନ ଇଟା ଭାଟି ତିଆରି ହେଉଥିବା ଦେଖିବାକୁ ମିଳିଛି । ଇଟା ଭାଟି ମାଲିକ ସନ୍ଦେହ ଘେରରେ ରହିଛି । ସେପଟେ ଇଟା ଭାଟିକୁ କାମ କରିବାକୁ ଆସୁଥିବା ଶ୍ରମିକମାନେ ଆଜି କାମ କରିବାକୁ ଆସିନାହାଁନ୍ତି । ଏହି ବେଆଇନ ଖଇର ଓ କେନ୍ଦୁ କାଠ ଗଣ୍ଡି କାହାର ତାହା ଜଣାପଡ଼ି ନାହିଁ ।

ଜବତ ହୋଇଥିବା କାଠ ଗଣ୍ଡିକୁ ଟ୍ରାକ୍ଟର ଯୋଗେ ବଙ୍ଗୋମୁଣ୍ଡା ରେଞ୍ଜର କାର୍ଯ୍ୟାଳୟକୁ ନିଆଯାଉଛି । ବେଆଇନ କାଠ ଗଣ୍ଡି ଚଢାଉରେ ବନରକ୍ଷୀ ଜ୍ୟୋତିର୍ମୟୀ ମିଶ୍ର, ତପସ୍ୱିନୀ ରଣା, ବଙ୍ଗୋମୁଣ୍ଡା ବନାଞ୍ଚଳ ପକ୍ଷରୁ ହିମାଂଶୁ ପଣ୍ଡା, ସହଯୋଗୀ ଭାବେ ଲକ୍ଷ୍ମଣ ବାଗ, ପରମାନନ୍ଦ ଚିନାଗୁନ, କସ୍ତୁରାଜ ସୁନା, ସାମିଲ ଥିଲେ । ତେବେ ଏହି କାଠ ଗଣ୍ଡି କେଉଁ ଜଙ୍ଗଲରୁ ଅଣାଯାଇଥିଲା ମଲିକ କିଏ ତାହା ସ୍ପଷ୍ଟ ହୋଇ ନଥିବା ବେଳେ ଏବେ ସନ୍ଦେହ ଘେରରେ ଇଟା ମାଲିକ ରହିଛି । ଅଧିକ ତଦନ୍ତ ହେଲେ କାଠ ମାଫିଆ ସାମ୍ନାକୁ ଆସିବ ବୋଲି ସିନ୍ଧେକେଲା ବନାଞ୍ଚଳ ଅଧିକାରୀ ସୁରେନ୍ଦ୍ର ମହାରଣା କହିଛନ୍ତି । ତେବେ ଏହି ବେପାର କେତେ ଦିନ ଠାରୁ ଚାଲିଥିଲା ତାହା ତଦନ୍ତ ସାପେକ୍ଷ ।

## ୧୨ ବର୍ଷ ବିତିଲାଣି : ହସ୍ତାନ୍ତରିତ ହୋଇପାରୁନି ପ୍ରାଣୀ ଚିକିତ୍ସା କେନ୍ଦ୍ର

**ନିଆଳି, ୧୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**




ନିଆଳି ବ୍ଲକ୍ ଅଧିନରେ ଦୁଇ ଦୁଇଟି ପ୍ରାଣୀ ସହାୟକ କେନ୍ଦ୍ର ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ନିର୍ମାଣ କରାଯାଇଛି । ନିଆଳି ବ୍ଲକ୍ ଠାରୁ ମାତ୍ର ତିନି କିଲୋମିଟର ନୂଆଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ୨୦୧୩ ମସିହାରେ ନିର୍ମାଣ କରାଯାଇଥିଲା । ନିର୍ମାଣ ହୋଇଥିବା ନୂତନ କୋଠା ଭାଙ୍ଗିବାକୁ ବସିଲାଣି । ସେହିପରି ନିଆଳି ବ୍ଲକ୍ ଠାରୁ ମାତ୍ର ଚାରିକିଲୋମିଟର ଦୂର ଜଲ୍ଲାରପୁର ପଞ୍ଚାୟତର ମହାବିରି ମନ୍ଦିର ପାଖରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି ନୂତନ ପ୍ରାଣୀ ସହାୟକା କେନ୍ଦ୍ର ହେଲେ ଏଠାରେ ମଧ୍ୟ ସମାନ ବ୍ୟବସ୍ଥା । ଏହି କେନ୍ଦ୍ରଟି ୨୦୧୩ ମସିହାରେ ନିର୍ମାଣ ହୋଇଥିଲା । ଉକ୍ତ କାମ ଦୁଇଟି ବ୍ଲକ୍, ଯନ୍ତ୍ରୀଙ୍କ ନାମରେ ରହିଥିବାବେଳେ ତତ୍କାଳୀନ ଯନ୍ତ୍ରୀ ଗୃହ ନିର୍ମାଣ ପାଇଁ ଆସିଥିବା ଅର୍ଥ ରାଶିକୁ ନେଇ ସାରିଛନ୍ତି । ହେଲେ ଘର କାମ ସରିବା ବାର ବର୍ଷ ବିତିଥିଲେ ବି ଏପର୍ଯ୍ୟନ୍ତ ବ୍ଲକ୍ ପ୍ରଶାସନ ପ୍ରାଣୀ ବିଭାଗକୁ ହସ୍ତାନ୍ତର କରିନାହାନ୍ତି । ଯାହାଫଳରେ ଘର ଦୁଇଟି ଭୂତକୋଠି ପାଲଟିଛି । ଏ ନେଇ ନିଆଳି ବିଡିଓ ଧର୍ମରଞ୍ଜନ ପଣ୍ଡାଙ୍କୁ ଫୋନ୍ କରିଥିଲେ ମଧ୍ୟ ସେ ଫୋନ୍ ଉଠାୟ ନଥିଲେ । ନିଆଳି ଗୋଷ୍ଠ ପ୍ରାଣୀ ଚିକିତ୍ସା ଅଧିକାରି ଡାକ୍ତର ସୌମରଞ୍ଜନ ଖଟୁଆଙ୍କୁ ପଚାରିବାରୁ ମୁଁ ତିନି ମାସ ହେବ ଚିଠି ବ୍ଲକ୍ ପ୍ରସାସନକୁ କରିଛି । ହେଲେ ସେମାନେ କାହିଁକି ବିଳମ୍ବ କରୁଛନ୍ତି । ଯାହାଫଳରେ ଆମେ ଦୁଇଟି କେନ୍ଦ୍ର ଅଧିନରେ ଥିବା ପଶୁ ପକ୍ଷୀଙ୍କ ଚିକିତ୍ସା କରିବାରେ ଅସୁବିଧା ସମୁଖିନ ହେଉଛୁ। ଆମ୍ଭେ ନିଆଳିରୁ ଯାଇ କରୁଛୁ । ସରକାରଙ୍କ ଲକ୍ଷାଧିକ ଟଙ୍କା ଘର ନିର୍ମାଣ ପାଣିରେ ପଡିଲା ।

## କୁକୁର ଆକ୍ରମଣରେ ଜଣେ ଆହତ

**ବୁଗୁଡ଼ା, ୧୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବୁଗୁଡ଼ା ଏନଏସି ଅନ୍ତର୍ଗତ ଅନ୍ଧାରିଆ ସାହି ଛକସ୍ଥିତ ଏକ ଚିକେନ୍ ସେଣ୍ଟର ସମ୍ମୁଖରେ ଜଣେ ସାଇକେଲ ଆରୋହୀ କୁକୁର ଆକ୍ରମଣରେ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାଯାଇଛି । ଆହତ ଜଣକ ହେଲେ ଅନ୍ଧାରିଆ ସାହିର ପ୍ରକାଶ ଚନ୍ଦ୍ର ସେଠୀ( ୪୫) । ଘଟଣାରୁ ପ୍ରକାଶ ଯେ, ଗୁରୁବାର ଅପରାହ୍ନରେ ପ୍ରକାଶ ସାଇକେଲରେ ବଜାରରୁ ଘରକୁ ଫେରୁଥିବା ବେଳେ ରାସ୍ତାକଡସ୍ଥ ଚିକେନ୍ ସେଣ୍ଟର ସମ୍ମୁଖରେ ଆଡ୍ଡା ଜମାଉଥିବା ଏକ ବୁଲା କୁକୁର ତାଙ୍କୁ ଆକ୍ରମଣ କରି ଗୋଡକୁ କାମୁଡିଥିଲା । ସେ ସାଇକେଲରୁ ତଳେ ପଡିଯିବା ପରେ କୁକୁରଟି ତାଙ୍କୁ ପୁଣି ଆକ୍ରମଣ କରି ତାଙ୍କର ଡାହାଣ ପଟ କାନକୁ କାମୁଡି ଦେଇଥିଲା । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ନେଇଥିଲେ । ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା ସହ ଆଣ୍ଟି ରାବିଜ୍ ଭେକସିନ ଦିଆଯାଇଥିଲା । ପ୍ରକାଶ ଯୋଗ୍ୟ ଯେ, ସାହି ଛକ ରାସ୍ତା କଡରେ ସେହି ଚିକେନ୍ ସେଣ୍ଟରରେ ଖୋଲାମେଲାରେ କୁକୁଡା କଟା ଯାଉଥିବା ବେଳେ ସେହି ରାସ୍ତା ଦେଇ ଯାତାୟାତ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ କୁପ୍ରଭାବ ପଡୁଥିବା ସହ ମାଂସ ଆଶାରେ ସେଠାରେ ବୁଲା କୁକୁର ପଲର ଦୌରାତ୍ମ୍ୟ ଦେଖିବାକୁ ମିଳୁଛି । ସେଠାରେ କୁକୁର ପଲର ମେଳି ଯୋଗୁଁ ସେହି ରାସ୍ତାରେ ଯିବାବେଳେ କୁକୁର କାମୁଡା ଭୟ ଲୋକଙ୍କୁ ଘାରୁଛି । ବିଶେଷକରି ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଚିକେନ୍ ସେଣ୍ଟର ସମ୍ମୁଖ ରାସ୍ତା ଶଙ୍କାଗ୍ରସ୍ତ ସ୍ଥଳ ପାଲଟିଛି । ଫଳରେ ଏ ନେଇ ସାହି ଛକ ରାସ୍ତା କଡରୁ ସେହି ଚିକେନ୍ ସେଣ୍ଟରକୁ ହଟାଇବାକୁ ଏନ୍‌ଏସି ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।




# ମୌଳିକ ସୁବିଧାରୁ ବଞ୍ଚିତ ଆମମୁଣ୍ଡା ଗ୍ରାମ

**ଝାରସୁଗୁଡ଼ା, ୧୨।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**



ଦେଶ ସ୍ୱାଧୀନ ହେବାର ୭୮ ବର୍ଷ ଅତିକ୍ରାନ୍ତ କରିସାରିଛି କିନ୍ତୁ କେନ୍ଦ୍ର ସରକାର ଆତ୍ମନିର୍ଭର ଭାରତ ପାଇଁ କାମ କରୁଥିବା କଥା କହୁଛନ୍ତି । ୨୨ବର୍ଷ ପରେ ଅର୍ଥାତ ୨୦୪୭ରେ ଭାରତ ସରକାର 'ବିକଶିତ ଭାରତ' ପାଇଁ ରୋଡ୍‌ମ୍ୟାପ୍ କରିଛନ୍ତି । ଅନ୍ୟପଟରେ ୧୧ ବର୍ଷ ପରେ ଓଡ଼ିଶା ସରକାର ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ରାଜ୍ୟ ଗଠନର ଶତବାର୍ଷିକୀ ପାଳନ କରିବେ । ଶତବାର୍ଷିକ ପାଳନ କରିବା ପୂର୍ବରୁ ଗାଁରୁ ସହର ପର୍ଯ୍ୟନ୍ତ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ପରିକଳ୍ପନା କରାଯାଉଛି । ବିକାଶ ପାଇଁ ଏତେ ଚର୍ଚ୍ଚା ହେଉଥିବା ବେଳେ ତୃଣମୂଳ ସ୍ତରରେ ଲୋକେ କେମିତି ରହୁଛନ୍ତି, ଅତି ନିକଟରୁ ଦେଖିଲେ ଯାଇ ବିଶ୍ୱାସ କରିହେବ ।

ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲା ସୀମାରେ ରହିଛି ଆମମୁଣ୍ଡା ଗାଁ ଏହି ଗାଁର ଅଧା ଲୋକ ଝାରସୁଗୁଡ଼ାର ନିବାସୀ ହୋଇଥିବା ବେଳେ ବାକି ଲୋକମାନେ ସମ୍ବଲପୁର ଜିଲ୍ଲାର ପରିଚୟ ଦେଇଥାନ୍ତି । ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ ଜାମମାଲ ପଞ୍ଚାୟତର ତପଗୁଞ୍ଜା ପଞ୍ଚାୟତର ୧୧ଟି ୱାଡ଼ର ମୋଟ ଭୋଟର ସଂଖ୍ୟା ୨୯୭୬ ଜଣ । ଏଥିରୁ ପୁରୁଷ ଭୋଟର ସଂଖ୍ୟା ୧୪୭୫ ହୋଇଥିବା ବେଳେ ମହିଳା ଭୋଟର ସଂଖ୍ୟା ୧୫୦୧ ଜଣ । ପଞ୍ଚାୟତର ଉତ୍ତର ପୂର୍ବ ଦିଗରେ ରହିଛି ତପଗୁଞ୍ଜା ଗ୍ରାମର ଆମମୁଣ୍ଡା । ଏହି ଗ୍ରାମର ଗୋଟିଏ ପଡ଼ା ହେଉଛି ଆମ ମୁଣ୍ଡାପଡ଼ା । ଏହି ପଡ଼ାକୁ ଯିବାପାଇଁ ହେଲେ ଭଲ ରାସ୍ତାଟିଏ ନାହିଁ । ଗ୍ରାମର ହାରାହାରି ୩୦ରୁ ୩୫ ପରିବାର ବସବାସ କରୁଛନ୍ତି । ସେଥିମଧ୍ୟରୁ ୮ରୁ ୧୦ଟି ପରିବାର ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତରେ ହୋଇଥିବା ବେଳେ ୨୫ ପରିବାର ଝାରସୁଗୁଡା ଜିଲ୍ଲା ଲଇକେରା ବ୍ଲକ ଜାମମାଲ ପଞ୍ଚାୟତ ଅଧୀନରେ ରହିଛି ।

ଗୋଟିଏ ଗ୍ରାମକୁ ରାସ୍ତା କରିଛି ଦୁଇ ଭାଗ । ମୁଖ୍ୟତଃ ଏହି ଗ୍ରାମକୁ ଯିବା ପାଇଁ ହେଲେ ଜଙ୍ଗଲ ରାସ୍ତା ଦେଇ ଯିବାକୁ ପଡ଼େ । ଲଇକେରା ସଦର ମହକୁମା ଠାରୁ ପ୍ରାୟ ୩୦ କିମି ହେବ ଏହି ଗ୍ରାମ । ୨୦ରୁ ୨୫ ପରିବାର ପାଇଁ ମାତ୍ର ୩ଟି ନଳକୂପ ଅଛି ସେଥିମଧ୍ୟରୁ ଗୋଟିଏ ନଳକୂପରେ ଲାଲରଙ୍ଗର ପାଣି ବାହାରୁ ଥିବାରୁ ପାନୀୟ ଉପଯୋଗୀ ହୋଇପାରୁନାହିଁ । ଅନ୍ୟ ଏକ ନଳ କୂପରେ ଅଙ୍ଗନୱାଡ଼ି ପାଇଁ ମଟର ଲଗାଯାଇଥିବାରୁ ସେଥିରୁ ଅନ୍ୟମାନେ ପାଣି ବ୍ୟବହାର କରିପାରୁ ନାହାନ୍ତି । ଗୋଟିଏ ନଳକୂପ ଉପରେ ନିର୍ଭର କରି ଚଳନ୍ତି ପଡାର ଲୋକମାନେଛ ସେଥିରେ ପୁଣି ଖରା ଦିନରେ ପାଣିର ସମସ୍ୟା । ଗାଧୋଇବା ପାଇଁ ଜଙ୍ଗଲ ଭିତରେ ଥିବା ଏକ ପୋଖରୀ ଉପରେ ନିର୍ଭର କରିଥାନ୍ତି ଗ୍ରାମବାସୀ । ଗ୍ରାମକୁ ରାସ୍ତା ନଥିବାରୁ ବର୍ଷା ଦିନରେ ଆମ୍ବୁଲାନ୍ସ ଆସିପାରେ ନାହିଁ । ଯଦି କାହାର ଦେହ ଖରାପ ହୁଏ ତାହାଲେ ଆମ୍ବୁଲାନ୍ସ ଆସିବାକୁ କୁନ୍ଥ କୁନ୍ଥ ହୁଏ । ଗ୍ରାମରେ ବିଦ୍ୟାଳୟର ନାହିଁ । ପିଲାମାନେ ଜଙ୍ଗଲ ରାସ୍ତା ଦେଇ ଦୁଇ କିଲୋମିଟର ଚାଲିଚାଲି ତପଗୁଞ୍ଜା ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚି ଥାନ୍ତି । ମୋବାଇଲ ନେଟ୍‌ୱର୍କ ସମସ୍ୟା ଯୋଗୁଁ ଲୋକେ ଫୋନ୍‌ରେ କଥା ଚାରି କିଲୋମିଟର ପର୍ଯ୍ୟନ୍ତ ଧାଇଁଥାନ୍ତି । ଗ୍ରାମର ଅଧିକାଂଶ ପରିବାର ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ପାଇବାରୁ ବଞ୍ଚିତ ହୋଇଛନ୍ତି ।

ନେତା ମନ୍ତ୍ରୀଙ୍କ କଥା ଛାଡ଼ନ୍ତୁ । ବ୍ଲକର ସରକାରୀ ବାବୁମାନଙ୍କର ବି ଦର୍ଶନ ମିଳେ ନାହିଁ ବୋଲି କୁହନ୍ତି ପଡାବାସୀ । ନିର୍ବାଚନ ପରେ ନିର୍ବାଚନ ଯାଉଛି ହେଲେ ବଦଳୁ ନାହିଁ ଏମାନଙ୍କର ଭାଗ୍ୟ । ନିର୍ବାଚନ ଆସିଲେ ପଡ଼ାକୁ ଯାଆନ୍ତି ପ୍ରାର୍ଥୀମାନେ । ବିକାଶର ସ୍ୱପ୍ନ ଦେଖାଇ ଭୋଟ ହାତେଇ ଜିତନ୍ତି । ତା'ପରେ ଆଉ ଦେଖା ମିଳେ ନାହିଁ । ପୁଣି ପାଞ୍ଚ ବର୍ଷ ପରେ ଆମମୁଣ୍ଡାବାସୀ ମନେପଡ଼ନ୍ତି । ଦୁଇ ଜିଲ୍ଲାର ଗୋଟିଏ ଗ୍ରାମ ହେଲେବି କେବେ ବି ମନ ମନାନ୍ତର ନ ଥାଏ ଏମାନଙ୍କର ଭିତରେ । ସୁଖଦୁଃଖର ସାଥି ହୋଇ ଚଳି ଯାଆନ୍ତି ଦୁଇଜିଲ୍ଲାର ପରିବାର । ସରକାରଙ୍କ ପକ୍ଷରୁ ଏହି ଗ୍ରାମ ଉପରେ ଦୃଷ୍ଟି ଦେଇ ସାଧାରଣ ଜୀବନଯାପନ କରିବା ପାଇଁ ମୌଳିକ ସୁବିଧା କରାଇ ଦେବା ପାଇଁ ଦାବି ହୋଇଛି ।

**ମୁଖ୍ୟମନ୍ତ୍ରୀ ଯେଉଁ ପରାମର୍ଶଗୁଡ଼ିକ ନବନିଯୁକ୍ତ ଯୁବ କର୍ମଚାରୀମାନଙ୍କୁ ଦେଲେ ଠିକ୍ ସେଇ ଉପଦେଶଗୁଡ଼ିକୁ ଯଦି ଆମ ଦେଶର ନିର୍ବାଚିତ ପ୍ରତିନିଧିମାନେ ପାଳନ କରୁଥାନ୍ତେ ତା'ହେଲେ ମଧ୍ୟ ସରକାରୀ ଯୋଜନା ବାଟବଣା ହୁଅନ୍ତା ନାହିଁ । ପ୍ରତିଟି ସରକାରୀ ଯୋଜନାର ସଫଳ ରୂପାୟନ ସରକାରୀ କର୍ମଚାରୀ ଏବଂ ଅଧିକାରୀଙ୍କ ନିଷ୍ଠା ଏବଂ ସଚ୍ଚୋଟତା ଉପରେ ନିର୍ଭର କରିଥାଏ । ରାସ୍ତା ନିର୍ମାଣର କେଇଦିନ ଭିତରେ ରାସ୍ତାରୁ ପିଚୁ ଉଠିଯାଇଛି । ଏଥିପାଇଁ ଆମେ ସେ ଦାୟିତ୍ୱରେ ଥିବା ଯନ୍ତ୍ରୀମାନଙ୍କୁ ହିଁ ଦୋଷ ଦେଉ। କିନ୍ତୁ ସେ ବିଭାଗର ମନ୍ତ୍ରୀଙ୍କର ମଧ୍ୟ ଏହା ଉପରେ ନଜର ରଖିବା ଉଚିତ୍ । ପ୍ରତିଟି ବିଭାଗର ମନ୍ତ୍ରୀମାନେ ଯଦି ନିତିନିଷ୍ଠ ହେବେ ସେଇ ବିଭାଗର କର୍ମଚାରୀ ଏବଂ ଅଧିକାରୀମାନେ ମଧ୍ୟ କାର୍ଯ୍ୟରେ ଅବହେଳା କରିବାକୁ ଏବଂ ଦୁର୍ନୀତି କରିବାକୁ ସାହସ କରିବେ ନାହିଁ । ତେଣୁ ଦୁର୍ନୀତିମୁକ୍ତ ହେବାର ପରାମର୍ଶ ଉଭୟ କର୍ମଚାରୀ ଏବଂ ଜନପ୍ରତିନିଧିମାନଙ୍କୁ ଦେବା ଉଚିତ୍**




# ଓଡ଼ିଶା ଏକ୍ସପ୍ରେସ୍


## ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ

ଭୁବନେଶ୍ୱର ଓୟୁଏଟିସ୍ଥିତ କୃଷି ଶିକ୍ଷା ସଦନଠାରେ ଆୟୋଜିତ ନିଯୁକ୍ତି ମେଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁର୍ନୀତିଠାରୁ ଲକ୍ଷେ କୋଷ ଦୂରରେ ରହିବାକୁ ନବନିଯୁକ୍ତ ଯୁବକ ଯୁବତୀମାନଙ୍କୁ ଉପଦେଶ ଦେଇଛନ୍ତି । ଯିଏ ଯେଉଁ ପଦବୀରେ ଅବସ୍ଥାପିତ ଥାଆନ୍ତୁ ନା କାହିଁକି ସରକାରୀ ଚାକିରିକୁ ସବୁବେଳେ ଜନସେବା ଭାବେ ମନେକରିବା ଉଚିତ୍ । ସରକାରୀ ଚାକିରି ମିଳିଯିବା ପରେ କେବେହେଲେ କାର୍ଯ୍ୟରେ ଅବହେଳା ନ କରିବାକୁ ସେ ପରାମର୍ଶ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ ଏକଥା ମଧ୍ୟ କହିଛନ୍ତି– ବିକଶିତ ଗାଁ ଓ ବିକଶିତ ଓଡ଼ିଶା ପାଇଁ ଯେଉଁସବୁ ଜନକଲ୍ୟାଣକାରୀ ଯୋଜନା କରାଯାଉଛି ସେଥିରେ ସହକାରୀ ନିର୍ବାହୀ ଯନ୍ତ୍ରୀମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆପଣମାନେ ସରକାରଙ୍କ ବିଭିନ୍ନ ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟକକୁ ସଫଳତାର ସହ ନିର୍ବାହ କରିବେ, ଜନସାଧାରଣଙ୍କୁ ଉନ୍ନତ ସେବା ଯୋଗାଇବାରେ ନିଜ ଦାୟିତ୍ୱ ସୂଚାର ରୂପେ ସମ୍ପାଦନ କରିବେ ।

ଏ ଅବସରରେ ମୁଖ୍ୟମନ୍ତ୍ରୀ କହିଲେ– ଗତ ୧୮ ମାସରେ ୩୭,୯୧୬ ଜଣଙ୍କୁ ନିଯୁକ୍ତି ଦିଆଗଲାଣି । ଆସନ୍ତା ୬ ମାସରେ ଆଉ ୩୦ ହଜାର ପଦବୀ ପୂରଣ କରାଯିବ । ଆମ ସରକାର ଦୁଇବର୍ଷରେ ୬୫ହଜାର ପଦବୀ ପୂରଣ କରିବା ସହ ଖାଲିଥିବା ସମସ୍ତ ଦେଢ଼ଲକ୍ଷ ପଦ ପୂରଣ କରିବ । ତେଣୁ ଆପଣମାନେ ସମସ୍ତେ ଦୁର୍ନୀତିରୁ ଉର୍ଦ୍ଧ୍ୱରେ ରହି ସରକାରଙ୍କ ସମସ୍ତ ଜନକଲ୍ୟାଣକାରୀ କାର୍ଯ୍ୟର ସଫଳ ରୂପାୟନ ପାଇଁ ଦୃଢ଼ ପ୍ରତିବଦ୍ଧ ହୋଇପାରିଲେ ସମାଜ ତଥା ରାଜ୍ୟ ବିକଶିତ ହୋଇପାରିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ୫୯୧ଜଣଙ୍କୁ ନିଯୁକ୍ତିପତ୍ର ଦେଇଥିବା ବେଳେ ସେଥିରେ ଜଳସମ୍ପଦ ବିଭାଗର ୨୩୨ଜଣ, ପୂର୍ତ୍ତ ବିଭାଗର ୧୯୭ ଜଣ ଓ ଗୃହ ଓ ନଗର ଉନ୍ନୟନ ବିଭାଗର ୧୪୨ଜଣ, ସହକାରୀ ନିର୍ବାହୀ ଯନ୍ତ୍ରୀ ୫ଜଣ ଅର୍ଥ ଓ ହିସାବ ଅଧିକାରୀ ଏବଂ ୧୫ଜଣ ଯୋଜନା ସହାୟକ ଅଛନ୍ତି ।

ପ୍ରତିଦିନ ଖବରକାଗଜ ଓଲଟାଇଲେ ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀ କେହି ନା କେହି ଦୁର୍ନୀତି ଜାଲରେ ପଡୁଥିବାର ଖବର ଆଖିରେ ପଡ଼େ । ଏମାନଙ୍କ ଭିତରେ ଯେ ଯୁବଗୋଷ୍ଠୀର କର୍ମଚାରୀ ନାହାନ୍ତି ଏକଥାକୁ ଅସ୍ୱୀକାର କରିହେବ ନାହିଁ । ତେଣୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ନବନିଯୁକ୍ତ ଯନ୍ତ୍ରୀମାନେ କେତେ ନିଷ୍ଠାର ସହ ପାଳନ କରିବେ ସେଇଟା ହିଁ ମୂଳ ପ୍ରଶ୍ନ । ପ୍ରତିବର୍ଷ ଦୁର୍ନୀତି ନିବାରଣ ସପ୍ତାହରେ ସରକାରୀ କର୍ମଚାରୀ ଏବଂ ଅଧିକାରୀମାନେ ଦୁର୍ନୀତି ନ କରିବାର ଶପଥ ନେଇଥାନ୍ତି । ଏହାର ପ୍ରଭାବ ସେମାନଙ୍କ ଆଚରଣକୁ କେତେ ଶୃଙ୍ଖଳିତ କରେ ଏବଂ ସେମାନଙ୍କ ମାନସିକତାକୁ କେତେ ବଦଳାଏ ଏକଥା ନକହିବା ଭଲ । ଆମ ଦେଶର ନିର୍ବାଚିତ ପ୍ରତିନିଧିକମାନେ ମଧ୍ୟ ଦାୟିତ୍ୱ ନେବା ପୂର୍ବରୁ ଶପଥପାଠ କରିଥାନ୍ତି । ସେ ଶପଥ ପାଠର ମୂଳ ଉଦ୍ଦେଶ୍ୟ ଥାଏ ନିଷ୍ଠାପର ଭାବରେ ଦେଶସେବା କରିବା । କିନ୍ତୁ ଶପଥ ପାଠର ଅସଲ ଉଦ୍ଦେଶ୍ୟକୁ ଜନପ୍ରତିନିଧିମାନେ କେତେ ଭଲ ଭାବରେ ଅନୁପାଳନ କରନ୍ତି ସେ କଥା ନକହିବା ଭଲ । ତେଣୁ ଶପଥ ଏବଂ ଉପଦେଶ ଏକ ଧରାବନ୍ଧା ଧାରା ଭାବରେ ରହିଆସିଛି, ଏହାର ଯେ କୌଣସି ପ୍ରଭାବ ରହିଛି ଏକଥା ଆଜିର ସରକାରୀ କର୍ମଚାରୀ ଓ ନେତାଙ୍କ ଆଚରଣକୁ ଦେଖିଲେ ଅନୁଭବ କରିହୁଏ ନାହିଁ ।

ମୁଖ୍ୟମନ୍ତ୍ରୀ ଯେଉଁ ପରାମର୍ଶଗୁଡ଼ିକ ନବନିଯୁକ୍ତ ଯୁବ କର୍ମଚାରୀମାନଙ୍କୁ ଦେଲେ ଠିକ୍ ସେଇ ଉପଦେଶଗୁଡ଼ିକୁ ଯଦି ଆମ ଦେଶର ନିର୍ବାଚିତ ପ୍ରତିନିଧିମାନେ ପାଳନ କରୁଥାନ୍ତେ ତା'ହେଲେ ମଧ୍ୟ ସରକାରୀ ଯୋଜନା ବାଟବଣା ହୁଅନ୍ତା ନାହିଁ । ପ୍ରତିଟି ସରକାରୀ ଯୋଜନାର ସଫଳ ରୂପାୟନ ସରକାରୀ କର୍ମଚାରୀ ଏବଂ ଅଧିକାରୀଙ୍କ ନିଷ୍ଠା ଏବଂ ସଚ୍ଚୋଟତା ଉପରେ ନିର୍ଭର କରିଥାଏ । ରାସ୍ତା ନିର୍ମାଣର କେଇଦିନ ଭିତରେ ରାସ୍ତାରୁ ପିଚୁ ଉଠିଯାଇଛି । ଏଥିପାଇଁ ଆମେ ସେ ଦାୟିତ୍ୱରେ ଥିବା ଯନ୍ତ୍ରୀମାନଙ୍କୁ ହିଁ ଦୋଷ ଦେଉ। କିନ୍ତୁ ସେ ବିଭାଗର ମନ୍ତ୍ରୀଙ୍କର ମଧ୍ୟ ଏହା ଉପରେ ନଜର ରଖିବା ଉଚିତ୍ । ପ୍ରତିଟି ବିଭାଗର ମନ୍ତ୍ରୀମାନେ ଯଦି ନିତିନିଷ୍ଠ ହେବେ ସେଇ ବିଭାଗର କର୍ମଚାରୀ ଏବଂ ଅଧିକାରୀମାନେ ମଧ୍ୟ କାର୍ଯ୍ୟରେ ଅବହେଳା କରିବାକୁ ଏବଂ ଦୁର୍ନୀତି କରିବାକୁ ସାହସ କରିବେ ନାହିଁ । ତେଣୁ ଦୁର୍ନୀତିମୁକ୍ତ ହେବାର ପରାମର୍ଶ ଉଭୟ କର୍ମଚାରୀ ଏବଂ ଜନପ୍ରତିନିଧିମାନଙ୍କୁ ଦେବା ଉଚିତ୍ ।

## ପୂଣ୍ୟର ସିନ୍ଦୁକ- ପାପର ଘଡ଼ା



### ଅଆ-ପଣକିଆ

**ବିଜୟ ଦାସ**

ସିନ୍ଦୁକ ଏକ ବଡ଼ବାକ୍ସ ହୋଇପାରେ, ମାତ୍ର ଏକ ମର୍ଯ୍ୟାଦାପୂର୍ଣ୍ଣ ସନ୍ତକ ପରିବାର ପାଇଁ । କେବେ କାଠର ସିନ୍ଦୁକ, କେବେ ଲୁହାର ସିନ୍ଦୁକ, କେବେ ପୁଣି ସୁନାରୁପା ଖଚିତ ରାଜା ମହାରାଜାଙ୍କ ସିନ୍ଦୁକ । କିନ୍ତୁ ପୂଣ୍ୟର ସିନ୍ଦୁକ, ପ୍ରତୀକାତ୍ମକ ହେଲେ ମଧ୍ୟ ଏହା ପବିତ୍ର ଧର୍ମ ଏବଂ ସୁକର୍ମର ସାଇତା ପୁଞ୍ଜିର ଆବରଣ । ଏହା କ୍ଷଣଭଙ୍ଗୁର ମାଟିପାତ୍ର ନୁହେଁ ଯେ ସାମାନ୍ୟ ଆଘାତରେ ଖପରା ହୋଇଯିବ । ଏହା ସଂରକ୍ଷିତ ହୋଇ ରହିଯାଏ ପୁନର୍ଜନ୍ମ ପର୍ଯ୍ୟନ୍ତ । ଯାହାକୁ ଆମ୍ଭେ ପ୍ରାରବ୍ଧ ସୁକର୍ମ ବୋଲି ଅଭିହିତ କରିଥାଉଁ । ଏଥକୁ ପୁଣ୍ୟ କ'ଣ? ମାନବଧର୍ମର ପାଳନ ଓ ମାଧବ ଧର୍ମର ଅନୁଶୀଳ ହିଁ ପୁଣ୍ୟ । କର୍ମ ଯାହା ଧର୍ମ ପ୍ରେରିତ । ପୁଣି ସ୍ୱଧର୍ମ ପାଳନ ହିଁ ସୁକର୍ମର ପରିଚାଳନା। ଅତଏବ ସ୍ୱଧର୍ମରୁ ବିଚ୍ୟୁତ ହେବା ଅର୍ଥ ସୁକର୍ମର ଅବହେଳା । ଯାହାକୁ ପାପ ବୋଲି କହିଥାଉ । କିନ୍ତୁ ବେଳେବେଳେ ଅନ୍ୟାୟ ବୋଲି ମନେ ହେଉଥିଲେ ବି ତାହା ପରବର୍ତ୍ତୀ ସମୟରେ ନ୍ୟାୟ ସଙ୍ଗତ ବୋଲି ପ୍ରମାଣିତ ହୋଇଛି ।

ପ୍ରଥମେ ଦ୍ୱାପରର ଦେବକୀଙ୍କ ପାଖକୁ ଯିବା । କଂସର କାରାଗାରରେ ବନ୍ଦିନୀ ପୂର୍ବଜନ୍ମର କେଉଁ ପାପର ପ୍ରାୟଶ୍ଚିତ୍ତ କରିଥିଲେ ଏବଂ କେଉଁ ପୁଣ୍ୟ ବଳରେ ଶ୍ରୀକୃଷ୍ଣଙ୍କର ମାତା ହୋଇଥିଲେ? ଏହାର ସମ୍ପର୍କ ପୂର୍ବଜନ୍ମ ଅର୍ଥାତ୍ ତ୍ରେତୟାଯୁଗ ସହ ସମ୍ପର୍କିତ । ଦେବତୀ ହେଉଛନ୍ତି ତ୍ରେତୟାର ମାତା କୈକେୟୀ । କୈକେୟୀ ମାତାଟି ଅଶୁଭ ବୋଲି ଧାରଣା ରହିଛି । କିନ୍ତୁ ବାସ୍ତବରେ ନାମରେ କିଛି ନଥାଏ, କିଛି ଥାଏ ତ ପୁଣ୍ୟକର୍ମରେ। ତା'ହେଲେ କୈକେୟୀ କି ପୁଣ୍ୟ କରିଥିଲେ ଯେ ଶ୍ରୀରାମ ତାଙ୍କୁ ପରବର୍ତ୍ତୀ ଯୁଗ ଦ୍ୱାପରରେ ନିଜର ଗର୍ଭଧାରିଣୀ ମାତା ହେବାର ବର ଦେଇଦେଲେ ! ଏମିତିରେ ରାମଚନ୍ଦ୍ରଙ୍କୁ ଚଉଦବର୍ଷର ବନବାସ ଯିବାକୁ ବାଧ କରିଥିଲେ ଏବଂ ନିଜର ଜନ୍ମିତ ପୁତ୍ର ଭରତକୁ ଅଯୋଧ୍ୟାର ରାଜସିଂହାସନରେ ବସିବାକୁ ଅଡ଼ି ବସିଥିଲେ । ଏସବୁ ଅପକର୍ମ ପଛରେ ଏକ ମହାନ କର୍ମ ନିହିତ ରହିଛି ବା ପୁଣ୍ୟକର୍ମ ପ୍ରଚ୍ଛନ୍ନ ଭାବରେ ରହିଛି ।

ବିମାତା ହେଲେ ମଧ୍ୟ ଶ୍ରୀରାମଙ୍କ ଜନ୍ମ ପରଠାରୁ ସେଥିଲେ କୈକେୟୀଙ୍କ ଅତିପ୍ରିୟ। କୌଶଲ୍ୟା ସିନା ଜନ୍ମ ଦେଇଥିଲେ ହେଲେ ଲାଳନପାଳନ ଠାରୁ ରାମଲାଲାଙ୍କର ସବୁ ଅଳିଅର୍ଦ୍ଦଳି ଥିଲା କୈକେୟୀଙ୍କ ପାଖରେ । ବଡ଼ ହେବା ପରେ ଦିନେ ଶ୍ରୀରାମ ହଠାତ୍ କୈକେୟୀଙ୍କ ପାଖରେ ଅଳି କଲେ କଥା ଦେବାକୁ । ଏଥକୁ ଖୁସି ହୋଇ କୈକେୟୀ କହିଲେ କି ବର ମାଗିବୁ ମାଗ, ମୁଁ ତୋର ସବୁ କଥାରେ ରାଜି । ଶ୍ରୀରାମ କହିଲେ ମୋର ଏବଂ ଭାଇମାନଙ୍କର ବିବାହ ପରେ କହିବି। ସୀତା ସ୍ୱୟମ୍ବର ଉପରାନ୍ତେ ଜ୍ୟେଷ୍ଠପୁତ୍ର ହିସାବରେ ଶ୍ରୀରାମ ଅଯୋଧ୍ୟାର ରାଜା ହେବାର ଆୟୋଜନ ଚାଲିଲା। ଏହି ସମୟରେ ଶ୍ରୀରାମ ମାତା କୈକେୟୀଙ୍କୁ ବରମାଗିଲେ । ପ୍ରଥମେ ସତର୍କ କରିଦେଲେ ଶ୍ରୀରାମ। ମୋର ଏହି ବର ଖୁବ୍ ଯନ୍ତ୍ରଣାଦାୟକ ହୋଇପାରେ ତୁମ ପାଇଁ ମାତା । କୈକେୟୀ କହିଲେ ମୋ' ପୁତ୍ରର ସୁଖ ପାଇଁ ମୋ ପାଇଁ ଯନ୍ତ୍ରଣା କଷ୍ଟ କିଛି ନୁହେଁ।

ତୁମ ନାମ ସର୍ବଦା କଳଙ୍କିତ ହୋଇ ରହିବ । କୈକେୟୀ କହିଲେ କିଛି ଚିନ୍ତା ନାହିଁ । ପୁଣି ଶ୍ରୀରାମ କହିଲେ ତୁମେ ବିଧବା ହୋଇଯାଇପାର। ଏଥର ସ୍ୱାମୀ ଆଉ ପୁତ୍ର ଭିତରେ ପୁତ୍ରର ସ୍ୱାର୍ଥକୁ ଗୁରୁତ୍ୱ ଦେଲେ କୈକେୟୀ ।

କିନ୍ତୁ ଆଶ୍ଚର୍ଯ୍ୟ ହୋଇ ପଚାରିଲେ ମାତା କୈକେୟୀ, ମୋ ପୁତ୍ର ଶ୍ରୀରାମ ତ ରାଜା ହେବ ଅଯୋଧ୍ୟାର, ହେଲେ ସେଥିପାଇଁ ସ୍ୱାମୀ ଦଶରଥଙ୍କର ଆନନ୍ଦ । ସେ କିପରି ଇହଧାମ ତ୍ୟାଗ କରିବେ? ଏଥକୁ ଶ୍ରୀରାମ କହିଲେ ମୋର ଏବେ ରାଜା ହେବାର ନାହିଁ । କାରଣ ବନକୁ ଯିବାକୁ ହେବ । ବନରେ କେତେ ମୁନିଋଷି ମୋତେ ଅପେକ୍ଷା କରିଛନ୍ତି । ଅହଲ୍ୟାର ମୁକ୍ତି, ବାହୁବଳୀ ବଳୀର ନିଧନ, ହନୁମାନର ସାନିଧ୍ୟ ସର୍ବୋପରି ରାବଣର ମୁକ୍ତି ପାଇଁ ଜଗତର କଲ୍ୟାଣ ପାଇଁ ମୋତେ ଅଯୋଧ୍ୟା ଛାଡ଼ିବାକୁ ପଡ଼ିବ । ପୁତ୍ର ପାଇଁ ସବୁକଳଙ୍କ ମୁଣ୍ଡେଇବାକୁ ରାଜିଥିବା କୈକେୟୀ ସତରେ ପୁଣ୍ୟବତୀ ନୁହଁନ୍ତି କି? ଦୁଇଜଣଙ୍କ ବରରୁ ପ୍ରାରମ୍ଭ ରାମାୟଣର ଘଟଣା। କୈକେୟୀଙ୍କୁ ବର ମାଗିଲେ ଶ୍ରୀରାମ ଏବଂ କୈକେୟୀ ସେହି ବର ମାଗିଲେ ଦଶରଥଙ୍କୁ । ଶ୍ରୀରାମ ତ ଅବତାରି । ତେଣୁ ସେ ଜାଣିଥିଲେ ପୁତ୍ର ମୋହ ହିଁ ତାଙ୍କୁ ବାନ୍ଧି ରଖିବ ଅଯୋଧ୍ୟାରେ । ଦଶରଥଙ୍କ ପୁତ୍ର ମୋହ ଏବଂ କୈକେୟୀଙ୍କ ପୁତ୍ର ମୋହ ଏହାପରର କାହାଣୀ ସଭିଏଁ ଜାଣୁ । କିନ୍ତୁ କୈକେୟୀପାଇଲେ କ'ଣ! ବୈଧବ୍ୟ, ପୁତ୍ର ଭରତଠାରୁ ତିରସ୍କାର ଏବଂ ଏକ ଖଳନାୟିକାର ପରିଚୟ । ପୁଣି କଳଙ୍କିତ ହେଲା 'କୈକେୟୀ' ନାମଟି ।

କୁହାଯାଏ କୈକେୟୀ ଶ୍ରୀରାମଙ୍କର ବାଲ୍ୟଲୀଳା ହିଁ ବେଶି ଉପଭୋଗ କରିଥିଲେ । ଏଣୁ ଦ୍ୱାପରରେ କୌଶଲ୍ୟାଙ୍କୁ ଶ୍ରୀକୃଷ୍ଣ ରୂପରେ ବାଲ୍ୟଲୀଳାର ଆନନ୍ଦ ଦେଲେ । କାରଣ ଯିଏ କୌଶଲ୍ୟା, ସେ ହିଁ ମାତା ଯଶୋଦା । ପୁଣି କୈକେୟୀଙ୍କର ପ୍ରଭୁଙ୍କୁ ଜଠରେ ଧାରଣ କରିବାର କାମନାକୁ ପ୍ରଭୁ ପୂରଣ କଲେ ଦ୍ୱାପରରେ। ଆଗରୁ କହିଛେ ଯିଏ ଦେବକୀ ସେ ହିଁ କୈକେୟୀ। ଏଥକୁ ପୁଣ୍ୟର ସିନ୍ଦୁକ କେବେ ଫାଟେ ନାହିଁ । ଏହା ସଂରକ୍ଷିତ ହୋଇରହେ ପୁନର୍ଜନ୍ମକୁ । ଯାହା ଯେଉଁ ପରିସ୍ଥିତିରେ କରଣୀୟ ତାହାହିଁ ପୁଣ୍ୟ । ଯଦି ସୀମାନ୍ତରେ ଶତ୍ରୁ ନିପାତ କରେ ସୈନିକ, ସେ ପାପ କରେ ନାହିଁ, ଜନ୍ମଭୂମି ପାଇଁ ସେ ପୁଣ୍ୟବନ୍ତ। ଅପରାଧୀକୁ ଦଣ୍ଡ ପୁଣ୍ୟକର୍ମ ନୁହେଁ କି । କିନ୍ତୁ ନିରାପରାଧକୁ ଦଣ୍ଡିତ କରିବା ନିଶ୍ଚେ ପୁଣ୍ୟ ନୁହେଁ ।

ଦାନ କରିବା ମହାପୁଣ୍ୟ । ହେଲେ ପୁଣ୍ୟ ଅର୍ଜନ କରିବା ଆଳରେ ଅହଂକାରକୁ ସାର୍ଥକ କରିବା ପୁଣ୍ୟ ନୁହେଁ । ଅତିଦାନେ ବଳି ବଧ, କଥାଟି ନିଶ୍ଚେ ଏହି ପରିପ୍ରେକ୍ଷୀରେ ପ୍ରଯୁଜ୍ୟସତ୍ୟ ରକ୍ଷା କରିବାକୁ ଅସତ୍ୟ ଉପରେ ପ୍ରହାର କରିବା ଗ୍ରହଣୀୟ। ଅସତ୍ୟ କହି ସତ୍ୟ ରକ୍ଷା କରିବାରେ ମାନେ କିଛିନାହିଁ । ସାମ୍ପ୍ରତିକ ସମୟରେ ଅସତ୍ୟ ଉପରେ ପର୍ଯ୍ୟବସିତ ସିଂହାସନ କିନ୍ତୁ କୋକେଇ ସଦୃଶ। କ୍ଷମା ଏକ ନିରନ୍ତର ପୁଣ୍ୟ। ଦୟା ଏକ ସୁଗୁଣ ହୋଇପାରେ, ମାତ୍ର ଦୁଷ୍ଟ ଜୀବର ନିଃଶେଷ କରିବା ବଦଳରେ ସହଜରେ ଛାଡ଼ିଦେବା କ'ଣ ପୁଣ୍ୟ? କଳିଯୁଗରେ କଳିର ପ୍ରଭାବକୁ ପ୍ରତିହତ କରିବା ଏତେ ସହଜ ନୁହେଁ, କିନ୍ତୁ ତା'ର ପ୍ରବାହକୁ ରୋକିବା ବା ଅବରୋଧ କରିବା ସହଜ। ଏହାର ମୂଳତତ୍ତ୍ୱ 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ'ର ସାରାଂଶ।

ପୁଣ୍ୟର ସିନ୍ଦୁକ ଏକ ଚାବିଦିଆ ସିନ୍ଦୁକ । ପୁଣ୍ୟକୁ ଦାନ କରିବାର ସୁଯୋଗ ନଥାଏ । ଏହା ଉଈ ଖିଆ ସିନ୍ଦୁକ ନୁହେଁ କି ଯେତେ ଭର୍ତ୍ତି କଲେ ବି ପୁଣ୍ୟ ଉଚ୍ଛୁଳି ପଡ଼େନାହିଁ । ଦେହ ସିନ୍ଦୁକରେ ଜୀବନ, ଆଉ ଜୀବନ ସହ ପୁଣ୍ୟର ମିଳନ ଘଟିଲେ ଆତ୍ମାର ପବିତ୍ରତା ଆସେ । ଏ ହାତର ପାପ ସେ ହାତ ସିନା ନିଏ ନାହିଁ, ହେଲେ ଏ ହାତର ପୁଣ୍ୟ ସେ ହାତକୁ, ସାରା ଅବୟବକୁ ସଞ୍ଚରିଯାଏ। ମଜାର କଥା ହେଉଛି ପୁଣ୍ୟ ଭରିବା ପାଇଁ ସିନ୍ଦୁକ ଦରକାର ହୁଏନା, ବରଂ ପୁଣ୍ୟ କଲେ ଆପେ ଆପେ ତା'ର ରକ୍ଷଣାବେକ୍ଷଣ ପାଇଁ ଅଭଙ୍ଗା ସିନ୍ଦୁକ ତିଆରି ହେଉଥାଏ ସ୍ୱୟଂ, ଆପେ ଆପେ ।

### ପାପର ଘଡ଼ା

ପାପର ଘଡ଼ା ଏକ କ୍ଷଣଭଙ୍ଗୁର, ଶୁଷ୍କ କର୍ଦ୍ଦମାକ୍ତ ମାଟିପାତ୍ର। କୁହାଯାଏ ପାପର ଘଡ଼ା ପୂରିଗଲେ, ଉଚ୍ଛୁଳିଲେ ମଣିଷ ଗର୍ତ୍ତକୁ ଯାଏ । ପାପଗର୍ଭରୁ ଜାତ ଦାୟାଦ ଆସୁରିକ ପ୍ରବୃତ୍ତିର ବୋଲି କଥା ଅଛି । ଯେ ପାପ କ'ଣ? ଯାହା ଅନୈତିକ, ଆସୁରିକ ଏବଂ ସଂସାର ନିୟମ ବହିର୍ଭୂତ ତଥା ଜାଣତରେ କଲା ଅପକର୍ମ । ଏଥକୁ ଧାର୍ମିକ ଭାବନାରୁ ବିଚ୍ୟୁତ କର୍ମମାନ । ଧର୍ମ ଏକ ନୀତିନିୟମ, ପରମ୍ପରାର ପଥ । ସହଜାତ ଧର୍ମକୁ ଆମ୍ଭେ ଅଧର୍ମ କହିପାରିବା ନାହିଁ । ଯେପରିକି ମାଂସାଶୀ ପଶୁମାନଙ୍କର ଅନ୍ୟ ପଶୁର ମାଂସ ଆହାର । କିନ୍ତୁ ଜୀବିତ ପଶୁର ହତ୍ୟା କରି ମାଂସ ସଂଗ୍ରହ କରିବା ଓ ମୃତ ପଶୁର ମାଂସ ଆହରଣ ଭିନ୍ନ ଭିନ୍ନ ଦିଗକୁ ଇଙ୍ଗିତ କରେ । ପାପଠାରୁ ପାପବୋଧ ଅତିଗର୍ହିତ । ପାପର ଅଭିପ୍ସା ପାପ କରିବାକୁ ଉତ୍ସାହିତ କରାଯାଏ । ପାପ ପାଇଁ ଅନୁତାପ ଓ ପାପ ପାଇଁ ପ୍ରାୟଶ୍ଚିତ୍ତର ବିଧାନ ରହିଛି, ଯାହା ପାପର ଘଡ଼ାକୁ ପୂର୍ଣ୍ଣ କରିବାକୁ ଦିଏନାହିଁ ।

ଖାଦ୍ୟ ଆଉ ଖାଦକର କଥାକୁ ବାଦ୍ ଦେଲେ, ଏମିତି ଅନେକ କିଛି ଅଛି ଯାହାର ପାପ ଚିହ୍ନ, ପାପ ସଂକେତ ଏବଂ ପାପାବେଗ ଅତ୍ୟନ୍ତ ଦାରୁଣ । ପେଟ ପାଇଁ ସବୁ ନାଟ, ସବୁ ମିଛି ଓ ସବୁ ପାପ କହିଦେଲେ କି ହୁଏ । 'ପାପୀ ପେଟର କଥା' ଏକ ଆଳ ମାତ୍ର । ଏମିତିରେ ମଣିଷ ପଟେ ପାଇଁ ବେଶି କିଛି କରେ ନାହିଁ । ଚିନ୍ତା କଲେ, ଆମେ ଜୀବନ ଜିଇଁବାକୁ କେତେ ଖାଦ୍ୟର କଠିନ ଅନ୍ୱେଷଣ କରୁ ! ବୋଧହୁଏ ଆବଶ୍ୟକୀୟ ସନ୍ତୁଳିତ ଆହାରରେ ବେଶି ଖର୍ଚ୍ଚ ହୁଏନାହିଁ । ହଠାତ୍ ଗୋଡ଼ ଚାଲୁଥିଲେ ପେଟ ଅପୋଷା ରହେନାହିଁ । ଏମିତିରେ ନିଜର ଅକ୍ଷମତା ଆସିଗଲେ ଅନ୍ୟ ଜ୍ଞାତିକୁଟୁମ୍ବଙ୍କର ହାତଗୋଡ଼ ଚାଲୁଥାଏ ତ ଆଉ ଗୋଟିଏ ପେଟ ଭରିବାକୁ କେହିବି ପଛଘୁଞ୍ଚା ଦେବେ ନାହିଁ । ତା'ହେଲେ ମଣିଷ ପାପ କରେ କିଆଁ ? ଉତ୍ତର ହେଲା ନିଜର ଅହଂ ପାଇଁ, ଅନ୍ୟକୁ ଶାସନ କରିବାକୁ, କାହାକୁ ଈର୍ଷା କରି ଏବଂ ଅନ୍ୟମାନଙ୍କୁ ନିମ୍ନବୋଧ କରିବାକୁ ।

କଂସର ପାପ ଅତ୍ୟାଚାର, ରାବଣର ପାପ ପରସ୍ତ୍ରୀ ହରଣ ପୁଣି ବଳିର ପାପ ସେହି କନିଷ୍ଠ ଭ୍ରାତାର ଭାର୍ଯ୍ୟା ହରଣ ଓ ମିଥ୍ୟା ସନ୍ଦେହ । ସନ୍ଦେହ ଏକ ଅପରିସୀମ ଦହନ । ଏହି ଦହନକୁ ହିଂସ୍ରତା ଓ ହିଂସ୍ରତାରୁ ପାପ । ପାପ ଯଦି ହତ୍ୟାର ରୂପନିଏ, ତେବେ ଅନୁତାପ, ଅନୁଶୋଚନାର ମୂଲ୍ୟ ହିଁ ନଥାଏ । କାହାର ସର୍ବନାଶ କରିବାର ଚିନ୍ତା ଏକ ପୁଣ୍ୟର ଅନୁଚିନ୍ତା ନୁହେଁ । ଏହା ପାପର ଘଡ଼ା ଭରିବାକୁ ସାହାଯ୍ୟ କରେ । ପାପର ଘଡ଼ା ବିଶାଳ ନୁହେଁ । କାରଣ ବିନ୍ଦୁଏ ପାପ ଠିକ୍ ବିଷାକ୍ତ ସାପର ଚୋପାଏ ବିଷ ପରି । ପୁଣ୍ୟ ଏକ ତରଳ ଶୀତଳ ଜଳ ହୋଇଥିଲାବେଳେ ପାପର ଘନତା ଏକ ବିସ୍ତାରିତ ପ୍ରସ୍ତର। ପାପ ସର୍ପ ବିଷ ପରି ଶୀଘ୍ର ଘାରିଯାଏ, ଘେରିଯାଏ ତା'ର କୁପ୍ରଭାବ । ଏହାର ଘଡ଼ା ବେଶିଦିନ ରହିପାରେ ନାହିଁ ଏବଂ ପୁଣ୍ୟ ହେବା ମାତ୍ରେ ମଣିଷ ଶେଷ ।

ଏହା ଏକ ଚାବିପକା ସିନ୍ଦୁକ ନୁହେଁ । ପୁଣ୍ୟର ବାସ୍ନା ହଠାତ୍ ଅନୁଭବ ନହେଲେ ମଧ୍ୟ ଚିରସ୍ଥାୟୀ । କ୍ଷଣସ୍ଥାୟୀ ପାପୀ ଜୀବନ କିନ୍ତୁ ତ୍ୱରିତ ବେଗରେ ପ୍ରସାରିତ ହୋଇଥାଏ । ଅଣ୍ଟିରେ ଜଳନ୍ତା ଅଙ୍ଗାର ବାନ୍ଧିଲା ପରି ଏହା ଜଳିଉଠେ ଏବଂ ତାହାର ଶିଖା ଦୃଶ୍ୟମାନ ହେଉଥାଏ । ଅନେକ ଭାବନ୍ତି ମୋ ପାପ କେହି ବି ଦେଖିପାରୁନାହାନ୍ତି । ସେ ନିର୍ବୋଧ ବୁଝିପାରେନାହିଁ ଯେ ସାରା ଆକାଶର ଆଖି ହିଁ ଦେଖୁଛି । ବିଭୁଙ୍କର ନଜର ସର୍ବଦା ପଡୁଛି । ନିନ୍ଦା ହେଉଛି ବଞ୍ଚି ଥାଉ ଥାଉ ବାରମ୍ବାର ମରିବାର ଉପକ୍ରମ । ଯଦି ଛି' ଛି' ଶବ୍ଦ ଗୁଞ୍ଜରିତ ହେଲା, ତେବେ ବଞ୍ଚି ଆଉ ଲାଭ କ'ଣ! ସେ ପ୍ରକାଶ୍ୟରେ ହେଉ କି ଅବଦମିତ ହେଉ । ଅପରାଧ ପାଇଁ ସଜା ହୋଇ ସଜା ସବୁର ଯନ୍ତ୍ରଣା ସହିବାକୁ ହେବ ।

ଯୌନତା ଏକ ବୁଭୁକ୍ଷୁ ହିଂସ୍ର ବ୍ୟାଘ୍ରଠାରୁ ମଧ୍ୟ ଅଧିକ ମାରାତ୍ମକ । ଅନେକ କାମୁକ ଯୌନତାକୁ ପ୍ରେମ ଓ ଭଲପାଇବାର ରଙ୍ଗ ଦିଅନ୍ତି । ଏହାକୁ ଆବଶ୍ୟକତା ପରିବର୍ତ୍ତେ ଆମୋଦ ବୋଲି ଧରିନିଅନ୍ତି । ପାପକୁ ପୁଣ୍ୟର ରୂପ ଦିଅନ୍ତି । ରାବଣର ସୀତାଙ୍କ ହରଣ ବେଳେ ଧାରଣ କରିଥିବା ଭିକ୍ଷୁକ ସନ୍ୟାସୀର ବେଶ ପରି ପାପ ଇଚ୍ଛା ଛଦ୍ମବେଶ ଧାରଣ କରେ । ଏଣୁଅ ପରି ରଙ୍ଗ ବଦଳାଇ ମୁଣ୍ଡ ଟୁଙ୍ଗାଉଥିବା ପାପ ସବୁ ଅପକର୍ମର ସମ୍ମତି ପ୍ରଦାନ କରୁଥାଆନ୍ତି । ଲାଳସା ଦାସ ସେହି ମାନବ ସିନା ସେହି ମାର୍ଗରେ ଚାଲେ, ହେଲେ ପଛରେ ଛାଡ଼ିଯାଏ ଅନେକ ଶୁଭେଚ୍ଛୁଙ୍କୁ, ଅନେକ ବନ୍ଧୁ ପରିଜନଙ୍କୁ । ଠିକ୍ ବିଭୀଷଣ ଓ ମନ୍ଦୋଦରୀଙ୍କ ପରି ହିତୈଷୀମାନଙ୍କୁ । ଯେତେବେଳେ ପାପପଙ୍କରେ ଏକାଏକା ପଦ୍ମନାଡ଼ର ଦଂଶନ ସହୁଥାଆନ୍ତି ତ ଯନ୍ତ୍ରଣାରେ ଆଉଟୁପାଉଟୁ ହେଉଥାଆନ୍ତି, ସେତେବେଳେ ପୋଖରୀ କୂଳରେ କେହି ନଥାନ୍ତି ଉଦ୍ଧାର କରିବାକୁ । ପଶ୍ଚାତାପର ଜୋକ ସବୁ ରକ୍ତ ଶୋଷୁଥାଆନ୍ତି ନିଷିଦ୍ଧ ପଦ୍ମବନରେ ।

ପାପରୁ ମଣିଷର ଜନ୍ମ ନୁହେଁ, ବରଂ ପାପ ଅମଣିଷକୁ ଜନ୍ମ ଦିଏ ପୁଣି ଜନ୍ମ ଜନ୍ମାନ୍ତର ପାଇଁ । ପାପର ଘନ। ହୃଦୟରେ ନଥାଏ, ଥାଏ ମନରେ ମସ୍ତିଷ୍କରେ । ଖାଲି ହାତରେ ପୃଥିବୀକୁ ଆସିଥିବା ମଣିଷ ଖାଲି ହାତରେ ଫେରିଯିବାକୁ ବାଧ୍ୟ । ଯାହା କିଛି ପାର୍ଥିବ ପଦାର୍ଥ ଉପାର୍ଜନ କରେ, ତାହା ଛାଡ଼ିଦେଇ ଯିବାକୁ ବାଧ୍ୟ । ଯେଉଁ ପାପୀ ମୃତ୍ୟୁବରଣ କରେ ତା'ର ହାତ ଖାଲିନଥାଏ ବରଂ ହାତମୁଠାରେ ଦି'ମୁଠା ପାପରେ କବ୍‌ଜା ପଡ଼ିଥାଏ ଆଙ୍ଗୁଳି ସବୁ । ପ୍ରାୟଶ୍ଚିତ୍ତର ସୁଯୋଗ ଆରମ୍ଭ ଆରମ୍ଭରେ ଆସିବ ଉଚିତ୍ । ନହେଲେ ଖସିଗଲା ଗୋଡ଼ ତଳକୁ ତଳକୁ ପରି ପାପର ଘଡ଼ାପୂରିବାକୁ ଆସିଲେ ପଶ୍ଚାତାପର ମୂଲ୍ୟ ହିଁ ନଥାଏ । ଏଥକୁ ପ୍ରାରବ୍ଧ ଅପକର୍ମର ଦଣ୍ଡ ହିଁ ପାଏ ପରଜନ୍ମରେ । ମାନବତା, ମାନବବାଦ, ମାଧବବାଦର ସୁନ୍ଦର ଏବଂ ସ୍ଥାୟୀ ସିନ୍ଦୁକ ଥାଉ ଥାଉ ଭଙ୍ଗୁରଘଡ଼ାକୁ ଆଦରିବା କାହିଁକି । ଯଦିବା ଘଡ଼ା କିଣିବାର ଅଛି ତେବେ ଜଳର ଶୀତଳତା ପରି ସୁଖର ଶାନ୍ତିର ଜଳ ଭରିଦେବା ଚାଲ ।


*ଅନନ୍ତବିହାର, ଫେଜ୍–୨,*
*ପୋଖରୀପୁଟ, ଭୁବନେଶ୍ୱର*
*ମୋ. ୯୩୪୮୮୯୩୭୫୨*


## ଭାଇ ଭଗାରୀ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ବ୍ୟକ୍ତି ନୁହଁନ୍ତି, ସମୟ କରାଏ, ଏହା ଅନେକ ବାର ପ୍ରମାଣ ହୋଇଥିଲେ ବି ବୁଦ୍ଧିମାନ ମନୁଷ୍ୟମାନେ ଏହାକୁ ମାନି ପାରୁନାହାନ୍ତି । ସୁଖରେ ଦୁଃଖରେ ସମ ଭାବ, ଏହା ଗୁରୁଜ୍ଞାନ ଚେତାଇଲେ ବି, ଏହା ବି ସମୟକୁ ସ୍ରୋତସ୍ୱିନୀ ହେଉଛି। ସମୟ ବଡ଼ ବଳବାନ ଏହା ସର୍ବଦା ବୁଝାପଡୁଛି, ମାଟି ପଡ଼ିଛି, କେତେ ରାଜା ଜମିଦାର ଗଲେଣି, ହେଲେ ଭୂମିମାପ ସରୁନାହିଁ ବରା କଳି ଚାଲିଛି, ମାପରେ କେବେ ବି କେହି ସନ୍ତୋଷ ନୁହଁନ୍ତି, ବୁଝାଇବ ଯିଏ, ସେ ବି ସ୍ୱାର୍ଥ ଛାଡୁନାହାନ୍ତି। ଏକ ବିଛଣାରେ ଶୟନ କରିଥିବା ଏକ ରାଜ ପରିବାର ପିଲା ବଡ଼ ହୋଇ ରାମ–ଭରତ ଭଗାରୀ, ନଳରାଜ– ପୁଷ୍କର ଭଗାରୀ, ଦୁର୍ଯ୍ୟୋଧନ–ଯୁଧିଷ୍ଠିର ଭଗାରୀ। ଏମିତି କେତେ, ଏକ ମା'–ବାପାଙ୍କ ସନ୍ତାନ ସନ୍ତତି, ଏକ ମା', ବାପା ଭିନ୍ନ, ଏକବାପ ମା' ଭିନ୍ନ, ଏମାନଙ୍କ ସନ୍ତାନ ବାପା ମା'ଙ୍କ ସମ୍ପତ୍ତି ଧନ ପାଇଁ ଭାଇ ଭଉଣୀ ହୋଇ ପିଲାମାନେ ଏକ ମନ ଏକ ପ୍ରାଣରେ, ଖେଳ ସାଥି ରହି, ସାଥିରେ ବିଦ୍ୟାଳୟକୁ ପାଠ ପଢ଼ିବାକୁ ଯିବା ଏତେ ମିଳାମିଶା ଆତ୍ମୀୟତା ଥାଇକି ପରିସ୍ଥିତି ଭଗାରୀ ସମୟକୁ କରୁଛି। ମୃଗ କାକ ବନ୍ଧୁତ୍ୱରେ ଶୃଗାଳ ଉପସ୍ଥିତି ହେଲା, ମୃଗ ଏ ନବ ବନ୍ଧୁ ମୀମାଂସା ନକରି ପ୍ରାଣ ସଂଶୟକୁ ଚାଲିଯାଇଥିଲା ବେଳେ କାକ ଦ୍ୱାରା ରକ୍ଷା ପାଇବା ନଜିର ଶାସ୍ତ୍ରରେ ଅଛି। ଆଜିକାଲି ବହୁ ଶୃଗାଳ, 'ଶ୍ରୁ–ଗାଳ' ଆଗ ଆଗ ଆତ୍ମୀୟତା ଲଗାଇ ସ୍ୱ ସ୍ୱାର୍ଥର ଦିଗକୁ ଉଣ୍ଡିନେଇ, ଶୁଣି ନେଇ, ଆରମ୍ଭ କରନ୍ତି ବିଷ ସ୍ଲୋ ପଏଜନ, ମିଠା ବିଷ, ଲୋକ ବୁଝିନପାରି, ସର୍ବହରା, ସର୍ବହରା ଶେଷରେ ହୋଇ କୂଳ ଦରାଣ୍ଡିଥାନ୍ତି।

ଭଗାରୀ ସାଧନ ପାଇଁ କେବେ ଗୁଣ୍ଡା ପୋଷଣ, କେବେ ନିଜର ଗୁଣ୍ଡାମୀ, ଅସ୍ତ୍ର, ଅଗ୍ନି ବିଷର ସହାୟତା, ପୋଲିସ, ଅଦାଲତ ନିଶାପ ମିଥ୍ୟା ହଲାପ ଛିଦ୍ର ଅନ୍ୱେଷଣ ପଥ ଖୋଜ କରାଯାଏ। ପରମ ସତ୍ୟ ମୃତ୍ୟୁ ଏକଥା ସମସ୍ତେ ଜାଣନ୍ତି, ହେଲେ ଅଢ଼େଇ ଦିନକୁ ବଢ଼େଇ ସମସ୍ତେ କରୁଛନ୍ତି। ଲୋକେ ପାଠ ପଢ଼ି ଶିକ୍ଷିତ, ଉଚ୍ଚଶିକ୍ଷିତ, ଉଚ୍ଚତର ଜ୍ଞାନୀ ହେଉଛନ୍ତି, ଏ ଜ୍ଞାନ ଦେଇଛନ୍ତି, ମା' ସରସ୍ୱତୀ, ସାରଦା, ବରପୁତ୍ର ରୂପେ ସେ ପ୍ରତିଷ୍ଠା କରାଇଛନ୍ତି, ଧନ ଦେଇଛନ୍ତି, ବହୁ ବିଷୟ ସମ୍ପତ୍ତି ଜମିଜମା ପଦବୀରେ ରଖାଇଛନ୍ତି ମା' ଲକ୍ଷ୍ମୀ, ରାଜଲକ୍ଷ୍ମୀ, ବିଜ୍ଞଲକ୍ଷ୍ମୀ। ଏଇ ଦୁଇ ଜ୍ୟେଷ୍ଠ, ଶ୍ରେଷ୍ଠ କରାଇଛନ୍ତି କ'ଣ ତାଙ୍କର ଅନ୍ୟ ସନ୍ତାନମାନଙ୍କୁ କଷ୍ଟ ଦେବାକୁ? ପଥ ଏକ ହେଲେ ବି ଯାନଗୁଡ଼ିକର ଲମ୍ବାଚୌଡ଼ା କେବେ ଏକାନୁହଁ ବେଗ ଏକାନୁହଁ, ଏହା ସମସ୍ତେ ଦେଖୁଛନ୍ତି। ଏଇଥିରୁ କ'ଣ ବୁଝିପାରୁନାହାଁନ୍ତି, କେ ଅନପଢ଼ କେ ଦରିଦ୍ର, କେ ଅପାରଗ, ସେ ପ୍ରଗତିରେ ଦଉଡିପାରୁ ନାହିଁ। ତାକୁ ମାତୃ ସନ୍ତାନ ନିଜ ଅପାରଗ ଭାଇ ଭାବି ଯଦି ଆଗେଇ ନେବାକୁ ଚେଷ୍ଟା କରନ୍ତି ତେବେ ସେ ଦେବୀ ମା'ମାନେ କ'ଣ ରୁଠା ହୋଇଯିବେ କି? କେବେ ଯିବା ଶୁଣିଛନ୍ତି କି? ଅନପଢ଼ ଜ୍ଞାନୀ, ଦରିଦ୍ର ଧନୀ ଏକ ପୃଥିବୀ ମାତାଙ୍କ ସନ୍ତାନ, ଏକ ସରସ୍ୱତୀ ମା'ଙ୍କ ସନ୍ତାନ, ଏକ ଲକ୍ଷ୍ମୀ ମା'ଙ୍କ ସନ୍ତାନ। ସନ୍ତାନ କେତେ ପ୍ରକାରର ହୋଇଥାନ୍ତି, ପଢ଼ିବା ବିଦ୍ୟାର ଦିଗ ହୁଏତ ଜଣା ନାହିଁ, ଭଲ କରି ଧର୍ମ ଶାସ୍ତ୍ର ପାଠ କଲେ ବା ପାଠ କରିଥିବାଲୋକ ସଙ୍ଗତି କଲେ ବୁଝିପାରିବେ।

ମନ୍ଦିର ମସଜିଦ, ଗୀର୍ଜା, ଗୁରୁଦ୍ୱାର, ଚଞ୍ଚଳମନ, ଭ୍ରାନ୍ତିମନ, ବିଦ୍ରୋହୀ ମନକୁ ବାଟକୁ ଆଣିବା ପାଇଁ ଏକ ଏକ ମାନସିକ ଡାକ୍ତରଖାନା, ଚିକିତ୍ସାଳୟ, ସେଠାରେ ପାର୍ଶ୍ୱ ଉପାସନାକାରୀ ଏପରିକି ବାହାରେ କିଛି ପ୍ରାପ୍ତି ଆଶାୟୀ ସବୁ ସେହି ଈଶ୍ୱରଙ୍କ ସନ୍ତାନ ସମସ୍ତେ ଭାଇଭାଇ, ଭାଇ ଭଉଣୀ, ଭଉଣୀ ଭଉଣୀ, ଏ ଚେତନା କିଏ ଦେବ ଏ ସମସ୍ତଙ୍କ ହୃଦୟର ଭାବ ହେଲେ ଦେବତା ସଂସାରରେ ନିଶ୍ଚିତ ଅମୃତ ବର୍ଷଣ କରନ୍ତେ, ପ୍ରକୃତରେ ଅବିଦ୍ୟା ଭଗାରୀ ସୃଷ୍ଟି କରୁଛି, ସମୟର ଦୋଷ ନୁହେଁ ସମୟ ହିଁ ନିୟତି।


*ଅରୁଣୋଦୟ ମାର୍କେଟ, କଟକ,*
*ମୋ. ୯୪୩୭୦୩୧୨୫୩*


## ପୋଷ୍ଟରର ବୟ ହିଡମାର ମୃତ୍ୟୁ ଓ ଅସ୍ତଗାମୀ ଲାଲ ଆତଙ୍କବାଦ

**■ ଡ. ସମନ୍ୱୟ ନନ୍ଦ ■**

ବସ୍ତରରେ ମାଓବାଦୀ ଆତଙ୍କର ବଡ ଚେହେରା ସାଜିଥିବା ମାଓବାଦୀ ମାଡବୀ ହିଡମାକୁ ଶେଷରେ ନିହତ ହୋଇଛି । ଆନ୍ଧ୍ର ପ୍ରଦେଶରେ ଏକ ସ୍ୱତନ୍ତ୍ର ଅପରେସନରେ ହିଡମା ଓ ତା'ର ସ୍ତ୍ରୀ ତଥା ଅନ୍ୟ ମାଓବାଦୀ ମାନଙ୍କୁ ପୋଲିସ ସଫା କରି ଦେଇଛି । ହିଡମା ଓରଫ ସନ୍ତୋଷ ଓରଫ ଇନ୍ଦମୁଲ ଓରଫ ପୋଡିୟମ ଭୀମା ଭଳି ଅନେକ ନାମରେ ସେ ପରିଚିତ ଥିଲା । ଛତିଶଗଡ ସମେତ ଦେଶର ବିଭିନ୍ନ ବାମପନ୍ଥୀ ଆତଙ୍କବାଦ ପ୍ରଭାବିତ ରାଜ୍ୟ ମାନଙ୍କରେ ସେ ଅନେକ ବର୍ଷ ଧରି ହିଂସା ଓ ଆତଙ୍କର ପ୍ରତୀକ ହୋଇ ସାରିଥିଲା ।

ହିଡମାକୁ ସୁରକ୍ଷାବଳର ଜବାନ ମାନଙ୍କ ଦ୍ୱାରା ହତ୍ୟା କରି ଦିଆଯିବାର ଅର୍ଥ କ'ଣ ? ହିଡମାର ମୃତ୍ୟୁ କେବଳ କଣ ଜଣେ ସାଧାରଣ ମାଓବାଦୀର ମୃତ୍ୟୁ ନା ଏହାର କ'ଣ କିଛି ବିଶେଷ ଅର୍ଥ ରହିଛି ? ହିଡମାକୁ ହତ୍ୟା କରାଯିବା କୌଣସି ସାଧାରଣ ମାଓବାଦୀର ମୃତ୍ୟୁ ନୁହେଁ । ସେ ଅନ୍ୟ ସାଧାରଣ ମାଓବାଦୀ ଭଳି ସାଧାରଣ ମାଓବାଦୀ ନ ଥିଲା । ସେ ମାଓବାଦୀ ମାନଙ୍କର ପୋଷ୍ଟର ବୟ ଥିଲା । ଗତ କିଛି ମାସ ଓ କିଛି ବର୍ଷ ମଧ୍ୟରେ ମାଓବାଦୀ ଆନ୍ଦୋଳନକୁ ଚଳାଉଥିବା ଅନେକ ଶୀର୍ଷସ୍ଥ ନେତାମାନଙ୍କୁ ମାରିବାରେ ସୁରକ୍ଷା ବଳର ଜବାନ ମାନେ ସମର୍ଥ ହୋଇଛନ୍ତି । ମାଓବାଦୀମାନଙ୍କର ମହାସଚିବ ବସବା ରାଜୁକୁ ନିପାତ କରିବା ପରେ ଅଳ୍ପ କିଛି କାନ୍ଧ ରହିଛି, ଯେଉଁ କାନ୍ଧ ଉପରେ ବନ୍ଧୁକ ରଖିବାର ଅର୍ଥ ହେଲା ଯେ ମାଓବାଦ ବର୍ତ୍ତମାନ ମଧ୍ୟ ଜାରୀ ରହି ପାରିଥାନ୍ତା । ମାଓବାଦ ଅତୀତ ହେବାକୁ ଆଉ କିଛି ପୃଷ୍ଠା ବାକି ଅଛି । ଏଭଳି ପରିସ୍ଥିତିରେ ମାଓବାଦର ପୋଷ୍ଟର ବୟ ହିଡମା ଜରିଆରେ ମାଓବାଦ ପୁଣିଥରେ ଠିଆ ହୋଇ ଚାଲିବାକୁ ଚେଷ୍ଟା କରୁଥିଲା । ହେଲେ ଯାହା ଭରସାର ମାଓବାଦ ପୁଣି ଥରେ ଠିଆ ହୋଇ ଚାଲିବାକୁ ଚେଷ୍ଟା କରୁଥିଲା ସେହି ପୋଷ୍ଟର ବୟକୁ ନିପାତ କରି ଦିଆଗଲା ।

ଯଦି ଆମେ ଦେଖିବା ଯେ ଛତିଶଗଡ ହେଉ ବା ଅନ୍ୟ ମାଓବାଦ ପ୍ରଭାବିତ ରାଜ୍ୟ ହେଉ ବିଗତ ଚାରି ଦଶନ୍ଧି ମଧ୍ୟରେ ନେତାମାନଙ୍କ ମଧ୍ୟରେ ଆନ୍ଧ୍ର–ତେଲେଙ୍ଗାନାର ନେତା ମାନଙ୍କର ଚେହେରା ହିଁ ସାମନାକୁ ଆସୁଥିଲା । ହେଲେ ହିଡମା ଏଭଳି ଜଣେ ନେତା ଥିଲା ଯିଏ ତାର କୁକୃତ୍ୟ ଜରିଆରେ ଆତଙ୍କର ରେଖାକୁ ବଡ କରିବାକୁ ପ୍ରୟାସ କରିଥିଲା । ସେ ହତ୍ୟା– ନରସଂହାର ମାନ କରି ନିଜକୁ ଲାଲ ଆତଙ୍କବାଦର ଏକ ବଡ ଆଞ୍ଚଳିକ ଚେହେରା କରିଥିଲା । ତା'ର ନୃଶଂସତା କାରଣରୁ କୁଖ୍ୟାତି ଦେଶ ବିଦେଶରେ ବ୍ୟାପି ଯାଇଥିଲା ଓ ପାର୍ଟିର ମହାସଚିବ ଅପେକ୍ଷା ତାର ଅଧିକ ଚର୍ଚ୍ଚା ହେଉଥିଲା । ଆତଙ୍କବାଦୀ ମାନଙ୍କୁ ଦୁର୍ଗତି ପ୍ରାପ୍ତ ହୋଇଥାଏ ଓ ହିଡମାର ମଧ୍ୟ ଅନ୍ତିମ ପରିଣାମ ଏପରି ହେବା ନିଶ୍ଚିତ ଥିଲା ।

ହିଡମାର ମୃତ୍ୟୁ ସହିତ ଏକ ଏଭଳି ଅଧ୍ୟାୟର ଅନ୍ତ ଘଟିଛି ଯାହା ସମ୍ପୂର୍ଣ୍ଣ ରୂପେ ରକ୍ତରଞ୍ଜିତ ଥିଲା । ସେ ତାର ଜୀବନ କାଳରେ ଅନେକ ବଡ ବଡ ନରସଂହାରରେ ସାମିଲ ଥିଲା । ସେ ସବୁଠାରୁ ବଡ ଷଡଯନ୍ତ୍ରକାରୀ ଥିଲା । ସୁରକ୍ଷା ବଳର ଜବାନ ମାନେ ହୁଅନ୍ତୁ କିମ୍ବା ସାଧାରଣ ନୀରିହ ଲୋକ ମାନଙ୍କୁ ପୋଲିସର ଗୁପ୍ତଚର ବୋଲି କହି ହତ୍ୟା କରିବା ହେଉ, ଏଭଳି ଷଡଯନ୍ତ୍ର କରିବାର ମାଷ୍ଟର ମାଇଣ୍ଡ ହିଡିମା ହିଁ ଥିଲା । ସୁକମାର ଏକ ଛୋଟ ଗାଁରୁ ୧୬ ବର୍ଷ ବୟସରେ ବାମପନ୍ଥୀ ଆତଙ୍କବାଦୀ ସାଜି ସେ ବନ୍ଧୁକ ଧରି ଥିଲା ଓ ଭାରତର ସମ୍ବିଧାନକୁ ଚାଲେଞ୍ଜ କରି ଆସିଥିଲା । ସେ ପାଖାପାଖି ତିନି ଦଶକରୁ ଉର୍ଦ୍ଧ ବର୍ଷ ଧରି ଲାଲ ଆତଙ୍କବାଦୀ ଭାବେ କାମ କରିଥିଲା । ୨୧୫ରୁ ଉର୍ଦ୍ଧ ସୁରକ୍ଷା ବଳଙ୍କର ଜବାନ ସମେତ ମୋଟ ୩୫୦ ଜଣ ଲୋକଙ୍କର ମୃତ୍ୟୁ ପଛରେ ସେ ଥିଲା ।

ସେ ସୁରକ୍ଷାକର୍ମୀମାନଙ୍କର ଉପରେ ଆକ୍ରମଣ କରିବା ମାମଲାକୁ ଯଦି ଦେଖିବା ତେବେ ୨୦୧୦ ମସିହାରେ ତାଡମେଟଲା ଚିନ୍ତାଗୁଫା ଠାରେ ହୋଇଥିବା ଆକ୍ରମଣ ଘଟଣାରେ ସେ ସାମିଲ ଥିଲା। ଯେଉଁଥିରେ ୭୬ ଜଣ ଜବାନ ବଳିଦାନ ଦେଇଥିଲେ । ୨୦୦୭ ମସିହାରେ ଉରପାଲ ମେଟା ଠାରେ ହୋଇଥିବା ଆକ୍ରମଣରେ ମଧ୍ୟ ସେ ସାମିଲ ଥିଲା ଯେଉଁଥିରେ ୨୩ ଜଣ ସୁରକ୍ଷା ବଳର ଜବାନଙ୍କ ବଳିଦାନ ହୋଇଥିଲା । ୨୦୧୭ମସିହାରେ ବୁରକାପାଲ ଆକ୍ରମଣ ମାମଲାରେ ମଧ୍ୟ ସେ ସାମିଲ ଥିଲା ଯେଉଁଥିରେ ୨୫ ଜଣ ଜବାନଙ୍କ ବଳିଦାନ ହୋଇଥିଲା । ଏହାର ଏକ ଲମ୍ବା ତାଲିକା ରହିଛି । କେବଳ ଯେ ସୁରକ୍ଷାବଳର ଜବାନମାନେ ତା'ର ଟାର୍ଗେଟରେ ନ ଥିଲେ ସାଧାରଣ ଲୋକମାନଙ୍କୁ ମଧ୍ୟ ସେ ଟାର୍ଗେଟ କରୁଥିଲା । ବାମପନ୍ଥୀ ଆତଙ୍କବାଦୀ ମାନଙ୍କୁ ବିରୋଧ କରୁଥିବା ସାଧାରଣ ଲୋକ ମାନେ ତାର ଟାର୍ଗେଟରେ ଥିଲେ । ୨୦୦୬ ମସିହାରେ ଦୁରମଗୁଡା (ପରାବୋର) ଠାରେ ସଲଓ୍ୱା ଜୁଡୁମ ଆନ୍ଦୋଳନ ବାହନରେ ବିସ୍ଫୋରଣ ଘଟାଇଥିଲା ଯେଉଁଥିରେ ୨୮ ଜଣ ନୀରିହ ଗ୍ରାମବାସୀ ବଳିଦାନ ଦେଉଥିଲେ । ଏହି ବର୍ଷ ହିଁ ମାନକୋଣ୍ଡା ଠାରେ ସଲଓ୍ୱା ଜୁଡୁମ ଆନ୍ଦୋଳନ ଉପରେ ଆକ୍ରମଣ କରାଯାଇଥିଲା ଯେଉଁଥିରେ ୧୮ଜଣ ନୀରିହ ଗ୍ରାମବାସୀଙ୍କ ମୃତ୍ୟୁ ଘଟିଥିଲା ।

ଏହା ପୂର୍ବରୁ ବାମପନ୍ଥୀ ଆତଙ୍କବାଦର ବଡ ବଡ ପ୍ରାୟ ସବୁ ନେତାକୁ ସଫା କରାଯାଇ ସାରିଥିଲା । ହିଡିମା ହିଁ ଏକ ପ୍ରମୁଖ ଚେହେରା ଥିଲା । ଏତେ କୁକୁତ୍ୟ ଓ ନରସଂହାର ସତ୍ତ୍ୱେ ଛତିଶଗଡ ସରକାର ତାକୁ ଶେଷ ସୁଯୋଗ ଦେଇଥିଲେ । ରାବଣ ସହ ଯୁଦ୍ଧ ହେବା ପୂର୍ବରୁ ଅଙ୍ଗଦ ମଧ୍ୟ ଶାନ୍ତି ପ୍ରସ୍ତାବ ନେଇ ଯାଇଥିଲେ । ମହାଭାରତ ଯୁଦ୍ଧ ପୂର୍ବରୁ ଶ୍ରୀକୃଷ୍ଣ ଶାନ୍ତି ପ୍ରସ୍ତାବ ନେଇ କୌରବ ମାନଙ୍କର ନିକଟକୁ ଯାଇଥିଲେ । ଅଳ୍ପ କିଛି ଦିନ ପୂର୍ବରୁ ଛତିଶଗଡର ଉପ ମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ନିଜେ ହିଡମାର ଗାଁକୁ ଯାଉଥିଲେ । ସୁକମା ଜିଲ୍ଲାର ପୂବର୍ତୀ ଗାଁରେ ତା'ର ଜନ୍ମ । ତାର ଘରକୁ ଯାଇ ବିଜୟ ଉପ ମୁଖ୍ୟମନ୍ତ୍ରୀ ବିଜୟ ଶର୍ମା ହିଡମାର ଗାଁକୁ ଯାଇଥିଲେ । ହିଡମାର ମା'ଙ୍କୁ ଭେଟିଥିଲେ । ତାଙ୍କ ଗାଁରେ ଭୋଜନ କଲେ । ସେ ହାତ ଯୋଡି ହିଡମାର ମା'ଙ୍କୁ ନିବେଦନ କରିଥିଲେ ଯେ ସେ ତାଙ୍କ ପୁଅ ହିଡମାକୁ କୁହନ୍ତି ଯେ ସେ ହିଂସାର ରାସ୍ତା ଛାଡି ସମାଜର ମୁଖ୍ୟସ୍ରୋତରେ ସାମିଲ ହେଉ । ହିଡମାର ମା ମଧ୍ୟ ତାଙ୍କ ପୁଅକୁ ବନ୍ଧୁକ ଛାଡିବାକୁ ଅପିଲ କରିଥିଲେ। ହେଲେ ହିଡମା ତାର ମାଙ୍କ କଥା ମଧ୍ୟ ଶୁଣି ନ ଥିଲା । ଏହା ପରେ ଯାହା ହେବା କଥା ତାହା ହେଲା । ଶେଷରେ ସୁରକ୍ଷା ବଳର ଜବାନମାନଙ୍କ ହାତରେ ତାର ମୃତ୍ୟୁ ଘଟିଛି ।

ୟୁପିଏ ଶାସନକାଳରେ ଭାରତ ବର୍ଷରେ ବାମପନ୍ଥୀ ଆତଙ୍କବାଦୀମାନେ ସେମାନଙ୍କର ପ୍ରଭାବ ଖୁବ ବଢିଥିଲା । ଏପରି ହେବା ସ୍ୱାଭବିକ ଥିଲା । କାରଣ ସେତେବେଳେ ଅନେକ ଅର୍ବାନ ନକ୍ସଲ ଓ ବାମପନ୍ଥୀ ଆତଙ୍କବାଦୀମାନଙ୍କ ପ୍ରତି ସହାନୁଭୁତି ରଖୁଥିବା ଅନେକ ତଥାକଥିତ ବୁଦ୍ଧିଜୀବୀ ଏହି ସରକାର ସହ ସାମିଲ ଥିଲେ । ସେତେବେଳେ ସେମାନେ ପଶୁପତିନାଥରୁ ତିରୁପତି ଯାଏ ରେଡ କରିଡର ସ୍ଥାପନା କରିବାର ସେମାନେ ସ୍ୱପ୍ନ ଦେଖୁଥିଲେ। ଏ ନେଇ ସାର୍ବଜନୀନ ଭାବେ ଚର୍ଚ୍ଚା ଆଲୋଚନା ମଧ୍ୟ ହେଉଥିଲା । କିନ୍ତୁ ୨୦୧୪ ମସିହା ପରେ ନରେନ୍ଦ୍ର ମୋଦୀ ଦେଶରେ ଶାସନରେ ଆସିବା ପରେ ଲାଲ ଆତଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା । ୨୦୧୯ ମସିହାରେ ଅମିତ ଶାହ ଦେଶର ଗୃହ ମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ଲାଲ ଆତଙ୍କବାଦ ବିରୁଦ୍ଧରେ ପର୍ଯ୍ୟାୟକ୍ରମେ ଓ ନିଶ୍ଚିତ ସମୟସୀମା ମଧ୍ୟରେ ଏହାକୁ ସମାପ୍ତ କରିବା ଦିଗରେ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହାର ଫଳାଫଳ ଏବେ ଦେଖିବାକୁ ମିଳୁଛି ।

ବାମପନ୍ଥୀ ଆତଙ୍କବାଦ ଦ୍ୱାରା ସର୍ବାଧିକ ପ୍ରଭାବିତ ବସ୍ତର ସମେତ ଅନ୍ୟ ରାଜ୍ୟର ବିଭିନ୍ନ ଅଞ୍ଚଳ ମାନଙ୍କରେ ମାଓବାଦୀ ତନ୍ତ୍ର ଧୀରେ ଧୀରେ ଅସ୍ତ ହେବାରେ ଲାଗିଛି । ହେଲେ ଶହରରେ ବସି ଏହି ମାଓବାଦୀ ମାନଙ୍କୁ ତାଙ୍କର ଆଙ୍ଗୁଳିରେ ନଚାଉଥିବା ତଥାକଥିତ ବୁଦ୍ଧିଜୀବୀ ଓ ସହରୀ ନକ୍ସଲ ମାନଙ୍କର ହାତ ଓ ଆଙ୍ଗୁଳିକୁ କେବେ ଭଙ୍ଗାଯିବ? ସରକାରଙ୍କ ପାଇଁ ଏହା ପରର ଅଭିଯାନ ସହରୀ ନକ୍ସଲ ଓ ତାଙ୍କର ତନ୍ତ୍ରକୁ ଶେଷ କରିବା ଉପରେ କେନ୍ଦ୍ରିତ ହେବା ଉଚିତ । ସରକାର ନିଶ୍ଚିତ ଭାବେ ଏହା ଉପରେ ଗୁରୁତ୍ୱ ଦେଇ ବିଚାର କରୁଥିବେ ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

କେନ୍ଦ୍ରାପଡା ୧୩ ଡିସେମ୍ବର ୨୦୨୫ । ଶନିବାର


## ପୁଣି ରାଜରାସ୍ତାକୁ ଓହ୍ଲାଇଲେ ଚାଷୀ

**ସମ୍ବଲପୁର,୧୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ସମ୍ବଲପୁର ଜିଲ୍ଲାରେ ଟୋକନ ସମସ୍ୟା। ପୁଣି ରାଜରାସ୍ତାକୁ ଓହ୍ଲାଇଲେ ଚାଷୀ। ସମ୍ବଲପୁର ରେମେଡ ଛକରେ ରାସ୍ତା ଅବରୋଧ କରିଛନ୍ତି ଜିଲ୍ଲାର ଶହ ଶହ ଚାଷୀ। ଜିଲ୍ଲାରେ ଏଯାଏଁ ସବୁ ଚାଷୀଙ୍କୁ ମିଳିନି ଟୋକନ। ଫଳରେ ତାତିଛନ୍ତି କୃଷକ ଆଉ ଅବରୋଧ କରିଛନ୍ତି ରାସ୍ତା, ସମ୍ବଲପୁରର ଚାରି ଦିଗରେ ରାସ୍ତା ବନ୍ଦ। ସମ୍ବଲପୁରର ୫୩ ଓ ୫୫ ନମ୍ବର ଜାତୀୟ ରାଜପଥ ଠପ୍। ରେମେଡ, ସିନ୍ଦୂରପଙ୍କ, ରେଢ଼ାଖୋଲ ଓ ହୂମାରେ ରାସ୍ତା ଅବରୋଧ କରିଛନ୍ତି ହଜାର ହଜାର ଚାଷୀ। ୫ ଦିନ ପୂର୍ବରୁ ଟୋକନ ସମସ୍ୟାର ସମାଧାନ ପାଇଁ ସରକାରଙ୍କୁ ଚେତାବନୀ ଦେଇଥିଲେ ଚାଷୀ। ଟୋକନ ସମସ୍ୟାର ସମାଧାନ ହୋଇନଥିବାରୁ ଆଜି ସେମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି।

ସମ୍ବଲପୁର-ରାଇପୁର, ସମ୍ବଲପୁର-କଟକ, ସମ୍ବଲପୁର-କୋଲକାତା ଓ ସମ୍ବଲପୁର-ସୋନପୁର ରୋଡ଼ରେ ଶହ ଶହ ଚାଷୀ ବସିଛନ୍ତି। ଯାତାୟାତ ଠପ୍ ହୋଇଥିବାରୁ ହଜାର ହଜାର ଗାଡି ଅଟକି ରହିଛି। ଜରୁରୀ ସେବା ବ୍ୟତୀତ ସମସ୍ତ ଗାଡି ଅଟକିରହିଛି। ସମ୍ବଲପୁରରେ ୬୫ ହଜାର ଚାଷୀ ପଞ୍ଜୀକରଣ କରିଥିବା ବେଳେ ଏଯାଏଁ ୬ ହଜାର ଚାଷୀଙ୍କୁ ଟୋକନ ମିଳିନାହିଁ। ସେହିପରି ୪୫ ହଜାର ଚାଷୀଙ୍କୁ କେବଳ ଗୋଟିଏ ଲେଖାଏଁ ଟୋକନ ମିଳିଛି। ବିଭିନ୍ନ ମଣ୍ଡିରେ ଶହ ଶହ ଟ୍ରିପ୍ ଧାନ ପଡିଛି। ସରକାର ଜାଣିଶୁଣି ମଣ୍ଡିକୁ ଅଚଳ କରୁଛନ୍ତି। ଇନପୁଟ ସବସିଡି ନଦେବାକୁ ସରକାର ଷଡଯନ୍ତ୍ର କରୁଥିବା ଅଭିଯୋଗ କରିଛନ୍ତି ଚାଷୀ। ଟୋକନ ସମସ୍ୟାର ସମାଧାନ ନହେଲେ ରାସ୍ତାରୁ ଉଠିବେନାହିଁ ବୋଲି କହିଛନ୍ତି ଚାଷୀ।

## ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ ଚୂଡ଼ାନ୍ତ ପ୍ରସ୍ତୁତି

**ଯାଜପୁର,୧୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓ ଜିଲ୍ଲା ପ୍ରଶାସନ ଏବଂ ଅନନ୍ୟା ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ୧୫ତମ ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବର ଚୂଡ଼ାନ୍ତ ବୈଠକ କମିଟିର ସଭାପତି ସନ୍ତୋଷ କୁମାର ନନ୍ଦଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନିକ ପଡ଼ିଆରେ ଆସନ୍ତା ୨୩ ରୁ ୩୦ ଡିସେମ୍ବର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଲବ୍ଧ ପ୍ରତିଷ୍ଠିତ ପୁସ୍ତକ ପ୍ରକାଶକ ଏବଂ ପୁସ୍ତକ ବିକ୍ରେତା ମେଳାରେ ପୁସ୍ତକ ପ୍ରଦର୍ଶନ ନିମନ୍ତେ ଆକର୍ଷଣୀୟ ଷ୍ଟଲ ଖୋଲାଯିବାର ବ୍ୟବସ୍ଥା କରାଯାଇଛି। ବହୁ ପ୍ରତିଷ୍ଠିତ ଲେଖକ, କବିଙ୍କ ଦ୍ୱାରା ଲିଖିତ ପୁସ୍ତକ ପ୍ରକାଶକଙ୍କ ମାଧ୍ୟମରେ ବିକ୍ରି କରାଯିବା ନିମନ୍ତେ ଷ୍ଟଲ ଖୋଲାଯିବାର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଅପରାହ୍ଣରେ ଆଲୋଚନା ଚକ୍ର, କୁଇଜ୍, ନୃତ୍ୟ, ସଂଗୀତ, ତର୍କ, ଚିତ୍ରାଙ୍କନ, ପ୍ରତିଯୋଗିତା, କବିତା ପାଠ, କବି ସମ୍ମିଳନୀ, ବ୍ୟଙ୍ଗ କବି ସମ୍ମିଳନୀ ଅନୁଷ୍ଠିତ ହେବା ନିମନ୍ତେ ସ୍ଥିର କରାଯାଇଛି। ଓଡ଼ିଶାର ବହୁ ବକ୍ତା, ଗବେଷକ ପ୍ରାବନ୍ଧିକ, ଗାଳ୍ପିକ, ଅନୁବାଦକ, କବି, ସାହିତ୍ୟିକ ଓ ସାରସ୍ୱତ ସାଧକ ଏହି ପୁସ୍ତକ ମହୋତ୍ସବରେ ଯୋଗଦେଇ ସାନ୍ଧ୍ୟ ଅଧିବେଶନକୁ ଋଦ୍ଧିମନ୍ତ କରିବେ। ସନ୍ଧ୍ୟା ଅଧିବେଶନର ନାଟକ, ଏକାଙ୍କିକା ସହିତ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ସାଂସ୍କୃତିକ ଦଳର ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେବ। ୨୫ ତାରିଖରେ ଚିତ୍ରାଙ୍କନ, ୨୮ରେ ନୃତ୍ୟ ଓ ସଂଗୀତ, ୨୯ରେ ତର୍କ ଓ ଏକକ ଅଭିନୟ ଅପରାହ୍ଣ ୨ ଘଟିକା ଠାରୁ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଗୁଡ଼ିକରେ କୃତୀ ପ୍ରତିଯୋଗୀଙ୍କୁ ୩୦ ତାରିଖ ଉଦ୍‌ଯାପନ ଦିବସରେ ପ୍ରମାଣପତ୍ର ସହ ପୁରସ୍କୃତ କରାଯିବ। ଯାଜପୁରର ବରେଣ୍ୟ କବି ଓ ଲେଖକଙ୍କର ପୁସ୍ତକ ପ୍ରତ୍ୟେକ ସନ୍ଧ୍ୟାରେ ଲୋକାର୍ପଣ କରାଯିବ। ବିଶିଷ୍ଟ ବ୍ୟକ୍ତି ଓ ଅନୁଷ୍ଠାନଙ୍କୁ ପ୍ରତ୍ୟେକ ସନ୍ଧ୍ୟାରେ ସମ୍ବର୍ଦ୍ଧିତ କରାଯିବ। ଏହି ବୈଠକରେ ଡ. କାହ୍ନୁ ଚରଣ ମିଶ୍ର, ବିଭୂତି ମହାପାତ୍ର, ଅନନ୍ୟା ସାହିତ ସଂସଦର ମିଡିଆ ସଂଯୋଜକ ଆଦିତ୍ୟ ମହାନ୍ତି, ଆଇନଜୀବୀ ସବିତା ମିଶ୍ର, ପ୍ର. ଉଦୟ ନାରାୟଣ ପରିଡ଼ା, ଅଧ୍ୟାପକ ପୂର୍ଣ୍ଣ ଚନ୍ଦ୍ର ସାମଲ, ହରିହର ସ୍ୱାଇଁ, ସୁବାସ ମହାପାତ୍ର, ଅଧ୍ୟକ୍ଷ ଡ. ବିନୋଦ ଚନ୍ଦ୍ର ନାୟକ, ଡ. ହରିଶ୍ଚନ୍ଦ୍ର ପଣ୍ଡା, ପ୍ର. ମଳୟ କୁମାର ଜେନା, ଅଧ୍ୟକ୍ଷ ଅଶୋକ କୁମାର ଦାଶ, ଅଧ୍ୟକ୍ଷ ଅନୀଲ କୁମାର ମହାନ୍ତି, ଡ.ଗିରୀଶ ବିହାରୀ ମିଶ୍ର, ଡ.ସୁଧାଂଶୁ ଶେଖର ରଥ, ଡ.ଅକ୍ଷୟ କୁମାର ପଣ୍ଡା, ଅଧ୍ୟକ୍ଷ ବଳରାମ ମହାନ୍ତି, ଡ.କୈଳାସ ବେହେରା, ସନ୍ତୋଷ କୁମାର ମିଶ୍ର, ମନୀଷା ରାଉତ, ଶଙ୍କର୍ଷଣ ସାହୁ, ତପନ ମହାରଣ୍ୟ, ବିଶ୍ୱଜିତ ସାହୁ, ବୃନ୍ଦାବନ ମିଶ୍ର, ଅଭିମନ୍ୟୁ ମିଶ୍ର, ଗୁରୁକୃଷ୍ଣ ଦାଶ, ପ୍ରଭାକର ମିଶ୍ର, ମନୋଜ ନାଥ, ଅଖିଳ ମୋହନ ଦାଶ, ଦିନତନ୍ଦ୍ର ବେହେରା, ବିଷ୍ଣୁ ଦଳାଇ, ଡା.ଶ୍ରୀନିବାସ ମହାନ୍ତି, ଅନୁସୂୟା ମହାପାତ୍ର, ଲକ୍ଷ୍ମୀପ୍ରିୟା ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ। ସଂଗଠନ ସଂପାଦକ ହୃଷିକେଶ ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ତୈଳିକ ବୈଶ୍ୟ ସମାଜର ସମାବେଶ

**କେନ୍ଦ୍ରାପଡା,୧୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲା ତୈଳିକ ବୈଶ୍ୟ ସମାଜର ଏକ ସମାବେଶ ସ୍ଥାନୀୟ ଗୌରିଶଙ୍କର ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ସଭାପତି ସରୋଜ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ରାଜ୍ୟ ନିଖିଳ ଉତ୍କଳ ତୈଳିକ ମହାସଂଘର ସଭାପତି ତଥା ଚିଲିକା ବିଧାନସଭାର ପୂର୍ବତନ ବିଧାୟକ ରଘୁନାଥ ସାହୁ ଯୋଗଦେଇ ତୈଳିକ ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋଚନାକରି ବହୁଗୁରୁତ୍ୱ ପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ବୈଠକରେ ବିଶିଷ୍ଟ ଅତିଥି ଭାବରେ ଭୁବନେଶ୍ୱରର ପ୍ରାଧ୍ୟାପକ ଡ. ରାଜନ କୁମାର ସାହୁ ଯୋଗଦେଇ ପୁରୀରେ ଥିବା ରାଜ୍ୟର ତୈଳିକ ସଂଘର କୁବେର ଗୃହ ତଥା ଧର୍ମଶାଳାର ପୁନର୍ଦ୍ଧାର କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଉପସ୍ଥିତ ଥିବା ସମସ୍ତ ସଦସ୍ୟମାନେ ଏହି ପ୍ରସ୍ତାବ ଉପରେ ଆଲୋଚନାକରି ସମସ୍ତ ପ୍ରକାର ସମ୍ମତି ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ୧୦ଜଣିଆ ସଦସ୍ୟଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ସମ୍ପାଦକ ଶ୍ରୀକାନ୍ତ ନାୟକ ଜିଲ୍ଲାର ୯ଟି ବ୍ଲକରେ ତୈଳିକ ସଂଗଠନ କିପରି ସୁଦୃଢ଼ କରିବାକୁ ବିଭିନ୍ନ ପ୍ରସ୍ତାବମାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡାର ପୂର୍ବତନ ପୌରାଧ୍ୟକ୍ଷ ବରିଷ୍ଠ ସଦସ୍ୟ ଧିରେନ ସାହୁ, ରାଜନଗର ବ୍ଲକର ସଦସ୍ୟ ଅରୁଣ କୁମାର ସାହୁ ଓ ତ୍ରିଲୋଚନ ସାହୁ, କେନ୍ଦ୍ରାପଡାର ଭରତ ଚନ୍ଦ୍ର ସାହୁ, କୁଳମଣି ନାୟକ ପ୍ରମୁଖ ଯୋଗଦେଇ ତୈଳିକ ସାମଜକୁ କିପରି ମଜବୁତ କରାଯିବ ଏଥିରେ ବିଭିନ୍ନ ବିଷୟରେ ଆଲୋଚନା କରାଗଲା। ଏହି ଅବସରରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରାଙ୍କ ତରଫରୁ ଆଲୋକ କୁମାର ସାହୁ ମହାସଂଘର ସଭାପତି ରଘୁନାଥ ସାହୁଙ୍କୁ ପୁଷ୍ପ ତୋଡା, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆସନ୍ତା ଜାନୁଆରୀ ତୃତୀୟ ସପ୍ତାହ ରବିବାରଦିନ ରାଜନଗର ଠାରେ ବୈଠକ ହେବା ପଇଁ ସ୍ଥିର କରାଗଲା। ଅନ୍ୟମାନଙ୍କ ମଧ୍ୟରେ ହେମନ୍ତ କୁମାର ସାହୁ, ସରୋଜ କୁମାର ସାହୁ, ବିଜୟ କୁମାର ସାହୁ, ନାରାୟଣ ସାହୁ, ଦିପକ କୁମାର ସାହୁ, ଭରତ କୁମାର ସାହୁ, ଦିନବନ୍ଧୁ ସାହୁ, ଲକ୍ଷ୍ମୀକାନ୍ତ ନାୟକ, ନିତ୍ୟାନନ୍ଦ ସାହୁଙ୍କ ସମେତ ବହୁ ସଦସ୍ୟମାନେ ଉପସ୍ଥିତ ଥିଲେ।

## କବି ବିଜୟ ରାୟ ପାଇବେ 'ଜୟ ରାଷ୍ଟ୍ର କବିତା ସମ୍ମାନ'

**କେନ୍ଦ୍ରାପଡା,୧୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଚଳିତ ବର୍ଷ ସରସ୍ୱତୀ ଦେବୀ ସ୍ମାରକୀ ଜୟ ରାଷ୍ଟ୍ର କବିତା ସମ୍ମାନ ପାଇବା ବିଶିଷ୍ଟ କବି ବିଜୟ ରାୟ। ଡିସେମ୍ବର ୨୧ ତାରିଖରେ କେନ୍ଦ୍ରାପଡ଼ାରେ ହେବାକୁ ଥିବା 'ରାଷ୍ଟ୍ରବାଦୀ କବିତା ମହୋତ୍ସବ'ରେ ଏହି ସମ୍ମାନ ପ୍ରଦାନ କରାଯିବ। ଆୟୋଜକ 'ଜୟ ରାଷ୍ଟ୍ର ଚ଼ରିଟେବୁଲ ଟ୍ରଷ୍ଟ' ପକ୍ଷରୁ ଏ ନେଇ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ତେବେ ସମ୍ମାନ ସ୍ୱରୂପ ଫଳକ, ଅଙ୍ଗବସ୍ତ୍ର ଓ ନଗଦ ୫ ହଜାର ଟଙ୍କା ପ୍ରଦାନ କରାଯିବ। ଯାଜପୁର ଜିଲ୍ଲା କୁଆଁରପୁର ଠାରେ ଜନ୍ମଗ୍ରହଣ କରିଥିବା କବି ବିଜୟ ରାୟ ନିଜ ସ୍ୱତନ୍ତ୍ର ଶୈଳୀର ଶବ୍ଦ ସଂଯୋଜନା ପାଇଁ ପାଠକ ମହଲରେ ବେଶ ପରିଚିତ। ରାଉରକେଲାର ଗାନ୍ଧୀ ମହାବିଦ୍ୟାଳୟରୁ ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ଭାବେ ଅବସରଗ୍ରହଣ କରିଥିବା କବି ବିଜୟ ରାୟଙ୍କର କବିତା ପୁସ୍ତକ କିଛି ପରେ଼ରନା, ଅନ୍ଧ ନିଦ, ଦୃଶ୍ୟ ଭେଦ, ସ୍ୱପ୍ନ ମଲାଟ ପ୍ରଭୃତି ବେଶ୍ ପାଠକୀୟ ଆଦୃତି ଲାଭ କରିଛି।

## ଏଆଇସି-ସୋଆ ଫାଉଣ୍ଡେସନ୍ ପକ୍ଷରୁ କେନ୍ଦ୍ରାଞ୍ଚଳ ଓଡ଼ିଶା ଏଆଇ ସିମ୍ପୋସିୟମ୍



**ଭୁବନେଶ୍ୱର,୧୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ଏଆଇ ସିମ୍ପୋସିୟମ୍ -୨୦୨୫ର ଅନ୍ୟ ଏକ ପ୍ରମୁଖ କାର୍ଯ୍ୟକ୍ରମ ଓଡ଼ିଶା ଏଆଇ ହାକାଥନ୍ - ୨୦୨୫ ରାଜ୍ୟର ୪ଟି ଆଞ୍ଚଳିକ ନୋଡାଲ ସେଣ୍ଟରରେ ଆୟୋଜିତ ହୋଇଯାଇଥିବା ବେଳେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ଏଆଇସି-ସୋଆ ଫାଉଣ୍ଡେସନ୍ ଦ୍ୱାରା କେନ୍ଦ୍ରାଂଚଳ ନିମନ୍ତେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

ସୋଆକୁ ସେଣ୍ଟ୍ରାଲ୍ ଜୋନ୍ ନୋଡାଲ ସେଣ୍ଟରର ମାନ୍ୟତା ପ୍ରଦାନ କରାଯାଇଥିବା ବେଳେ ରାଜ୍ୟର ୭ଟି ଜିଲ୍ଲା ଖୋର୍ଦ୍ଧା, କଟକ, ପୁରୀ, ଜଗତସଂହପୁର, ଯାଜପୁର, କେନ୍ଦ୍ରାପଡ଼ା ଏବଂ ନୟାଗଡ଼ ନିମନ୍ତେ ଆଞ୍ଚଳିକ ହାକାଥନ ପରିଚାଳନାର ଦାୟିତ୍ୱ ବିଶ୍ୱବିଦ୍ୟାଳୟକୁ ପ୍ରଦାନ କରାଯାଇଥିଲା।

ଦକ୍ଷତା ଏବଂ ଉଦ୍‌ଭାବନକୁ ଭିତ୍ତି କରି ୧୬ଟି ଟିମ୍ ହାକାଥନ୍‌ରେ ଭାଗ ନେବା ପାଇଁ ମନୋନୀତ ହୋଇଥିଲେ। ଏଆଇସି-ସୋଆ ଫାଉଣ୍ଡେସନ୍‌ରେ ଡିସେମ୍ବର ୧୦ ତାରିଖରେ ଏହି କେନ୍ଦ୍ରାଞ୍ଚଳ ହାକାଥନ୍ ଆୟୋଜନ କରାଯାଇଥିଲା। ଏହି ହାକାଥନ୍ ପାଇଁ ବିଚାରକ ମଣ୍ଡଳୀ ଦାୟିତ୍ୱରେ ଥିଲେ ସଫ୍ଟୱେୟାର ଟେକ୍ନୋଲଜି ପାର୍କ ଅଫ୍ ଇଣ୍ଡିଆ (ଏସ୍‌ଟିପିଆଇ)ର ଡକ୍ଟର ଶୀତଳ ପୃଷ୍ଟି, ମାଇକ୍ରୋସଫ୍ଟ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍‌ର ସମୀର ପାତ୍ରୋ, ଟ୍ରାଇଡେଣ୍ଟ ଏକାଡେମୀ ଅଫ୍ ଟେକ୍ନୋଲଜି, ଭୁବନେଶ୍ୱରର ଡକ୍ଟର କାଳିପ୍ରସନ୍ନ ସ୍ୱାଇଁ ଏବଂ ଡକ୍ଟର ଶକୁନ୍ତଳା ମହାପାତ୍ର।

ବିଚାରକ ମଣ୍ଡଳୀ ପ୍ରତିଯୋଗୀମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୩ଟି ଟିମ୍‌କୁ ଓଡ଼ିଶା ଏଆଇ ସିମ୍ପୋସିୟମ୍ ପାଇଁ ମନୋନୀତ କରିଥିଲେ। ଏହି ମନୋନୀତ ଟିମ୍ ଗୁଡ଼ିକ ଡିସେମ୍ବର ୧୮ ତାରିଖରେ ଆୟୋଜିତ ହେବାକୁଥିବା ଏଆଇ ସିମ୍ପୋସିୟମ୍‌ରେ ନିଜର ଉଦ୍‌ଭାବନ ପ୍ରଦର୍ଶନ କରିବେ। ଏହି ହାକାଥନ୍‌କୁ ଓଡ଼ିଶା ସୋସାଇଟି ଅଫ୍ ଆମେରିକାସ (ଓସା) ଏବଂ ଓଡ଼ିଶା ଏଆଇ ପରିଚାଳନା କରୁଛନ୍ତି। ଏଆଇ ନେଇ ସଚେତନତା, ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଏବଂ ଷ୍ଟାର୍ଟ-ଅପ୍ ଗୁଡ଼ିକୁ ପ୍ରୋତ୍ସାହନ ଦେବା ଏହି ହାକାଥନ୍‌ର ମୂଳ ଉଦ୍ଦେଶ୍ୟ।

ଏହି କେନ୍ଦ୍ରାଞ୍ଚଳ ପ୍ରତିଯୋଗିତାରେ ଟିମ୍ ପ୍ଲାଷ୍ଟିକିଓର ପ୍ରଥମ ପୁରସ୍କାର ହାସଲ କରି ୧୨୦୦୦ ଟଙ୍କାର ପୁରସ୍କାର ରାଶି ପାଇଥିଲେ। ଏହି ଟିମ୍‌ରେ ଡକ୍ଟର ଜ୍ୟୋତି ଅଗ୍ରୱାଲ, ଅମନ୍ ପାତ୍ର ଏବଂ ସୁଶ୍ରୀ ସମ୍ହିତା ସୁକନ୍ୟା ସାମିଲ ଥିଲେ।

ଟିମ୍ ଜିଓ୍ୱାନ୍ ୮୦୦୦ ଟଙ୍କାର ୨ୟ ପୁରସ୍କାର ଲାଭ କରିଥିଲେ। ଏହି ଦଳ ପକ୍ଷରୁ ଏଆଇ ପରିଚାଳିତ 'ନଟ ସେଫ୍ ଫର୍ ୱର୍କ' ପ୍ରଦର୍ଶିତ ହୋଇଥିଲା ଯେଉଁଥିରେ ଶିଶୁମାନଙ୍କ ନିମନ୍ତେ କିପରି ଇଣ୍ଟରନେଟ ବ୍ୟବହାରକୁ ସୁରକ୍ଷିତ କରାଯାଇପାରିବ ସେ ବିଷୟରେ ସୂଚନା ରହିଛି। ଏହି ଦଳରେ ଭାଗ୍ୟଶ୍ରୀ ଭାଲେଚା, ଉଦୟ ଗର୍ଗ, ମିଲି ଗୁପ୍ତା ଓ ମନିଷ କୁମାର ତିରୁୱାର ସାମିଲ ଥିଲେ।

ସେହିପରି ସ୍ମାର୍ଟ ବ୍ଲୁମ୍ ୫୦୦୦ ଟଙ୍କାର ୩ୟ ପୁରସ୍କାର ଲାଭ କରିଥିଲେ। ଭର୍ଟିକାଲ୍ ଫାର୍ମିଂ ନିମନ୍ତେ ଏହି ଦଳ ଏକ ଆଇଓଟି ପରିଚାଳିତ 'ଅଟୋମେଟେଡ ପୋଲିନେସନ୍ ସିଷ୍ଟମ'ର ଉଦ୍‌ଭାବନ କରିଛନ୍ତି। ଏହି ଦଳର ସଦସ୍ୟ ଥିଲେ ଅଙ୍କିତ କୁମାର ଏବଂ ଅବିନାଶ କୁମାର। ଏହି ବିଜୟୀ ଦଳଗୁଡ଼ିକୁ ଓଡ଼ିଶା ଏଆଇ ସିମ୍ପୋସିୟମ୍ ନିମନ୍ତେ ମାର୍ଗଦର୍ଶନ କରାଯିବ। ଏଆଇ ଗବେଷକ, ଛାତ୍ରଛାତ୍ରୀ ଓ ଏହି ଟେକ୍ନୋଲଜିରେ ରୁଚି ରଖୁଥିବା ବ୍ୟକ୍ତି ବିଶେଷଙ୍କୁ ଇଣ୍ଡିଆ ଏଆଇ ସିମ୍ପୋସିୟମ୍‌ରେ ଯୋଗ ଦେବା ନିମନ୍ତେ ନିମନ୍ତ୍ରଣ କରାଯାଇଛି।

## ସାଟେଲାଇଟ୍ ସର୍ଭେରେ ଧରାପଡ଼ିଗଲା ପ୍ଲଟ୍ ଜାଲିଆତି



**କେନ୍ଦୁଝର,୧୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦୁଝର ଜିଲ୍ଲାରେ ନକଲି ଚାଷ ଜମିରେ ଚାଷକରି ଧାନ ବିକିବାକୁ ହଜାର ହଜାର ନକଲି ଚାଷୀ ପଞ୍ଜିକରଣ କରିଥିଲେ। କିନ୍ତୁ ସବୁ ଫସର ଫଟେଇଦେଲା ଉପଗ୍ରହ ସାଟେଲାଇଟ୍ ସର୍ଭେ। ଧାନର ସହାୟକ ମୂଲ୍ୟ ବୃଦ୍ଧିର ଫାଇଦା ନେବାକୁ ନକଲି ଚାଷୀମାନେ କରିଥିବା ଯୋଜନା ଏବେ ଫସର ଫାଟି ଯାଇଛି। ଗୋଟାଏ ନୁହେଁ କି ଦୁଇଟି ନୁହେଁ ଅଦ୍ୟାବଧି ୬୫ ହଜାରରୁ ଉର୍ଦ୍ଧ୍ୱ ନକଲି ପ୍ଲଟ ଚିହ୍ନଟ ହୋଇଛି।

କେନ୍ଦୁଝରରେ ଧାନ ବିକ୍ରି ପାଇଁ ଚଳିତ ବର୍ଷ ୭୯ ହଜାର ୧୦୮ ଜଣ ଚାଷୀ ପଞ୍ଜିକରଣ କରିଥିଲେ। କିନ୍ତୁ ଏତେ ପରିମାଣ ସଂଖ୍ୟା ଦେଖି ପ୍ରଶାସନର ସନ୍ଦେହ ହେବାରୁ ଏହାର ଯାଞ୍ଚ ପାଇଁ ସମବାୟ ବିଭାଗ ସାଟେଲାଇଟ୍ ସର୍ଭେ ଆରମ୍ଭ କରିଛି। ୯୭ ହଜାରରୁ ଉର୍ଦ୍ଧ୍ୱ ପ୍ଲଟ୍ ସନ୍ଦେହଜନକ ଥିବାବେଳେ ବର୍ତ୍ତମାନ ସୁଦ୍ଧା ହୋଇଥିବା ୫୩ ହଜାରରୁ ଉର୍ଦ୍ଧ୍ୱ ପ୍ଲଟ୍ ସର୍ଭେ ସରିଥିବା ବେଳେ ଏହି ମଧ୍ୟରୁ ୪୮ ହଜାରରୁ ଉର୍ଦ୍ଧ୍ୱ ପ୍ଲଟ୍ ନକଲି ପ୍ଲଟ ବୋଲି ସାଟେଲାଇଟ୍ ସର୍ଭେରୁ ଧରାପଡିଛି। ଏତେ ସଂଖ୍ୟକ ନକଲି ପ୍ଲଟ ଦେଖି ପ୍ରଶାସନ ତାଜୁବ ହୋଇ ପଡ଼ିଥିବା ବେଳେ ସର୍ଭେ କାମକୁ ତ୍ୱରାନ୍ୱିତ କରିବାକୁ ପଦକ୍ଷେପ ନେଇଛି। ଧାନର ଏମଏସପି ମୂଲ୍ୟ ସରକାର ବର୍ଦ୍ଧିତ କରିଥିବାରୁ ଦଲାଲମାନେ ନକଲି ପ୍ଲଟ୍ ପଞ୍ଜିକରଣ କରି ଚାଷୀଙ୍କ ଟଙ୍କା ହଡପ କରିବାକୁ ଏପରି କରିଥିବା ସନ୍ଦେହ କରାଯାଉଛି। ଶ୍ମଶାନ, ପୋଖରୀ, ରାସ୍ତା ଘର, ରେଳ ବିଭାଗର ଜମି ପର୍ଯ୍ୟନ୍ତ ପଞ୍ଜିକରଣ କରାଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ସାଟେଲାଇଟ୍ ସର୍ଭେ କାମ ଜାରି ରହିଥିବା ବେଳେ ଏହାର ସମ୍ପୂର୍ଣ୍ଣ ସର୍ଭେ ପରେ ନକଲି ପ୍ଲଟ ଗୁଡିକୁ ବାଦ୍ ଦେଇ ଅସଲି ଚାଷୀଙ୍କୁ ଚିହ୍ନଟ କରାଯିବ ବୋଲି ସମବାୟ ସମିତି ଅଧିକାରୀ କହିଛନ୍ତି। ସମ୍ପୂର୍ଣ୍ଣ କାମ ସମାପ୍ତ ହେବା ପରେ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଜିଲ୍ଲାପାଳଙ୍କୁ ଦାବି କଲେ ଗଞ୍ଜାମ ଜିଲ୍ଲା ଦଣ୍ଡନାଚ଼ ମହାସଂଘ

**ବ୍ରହ୍ମପୁର,୧୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**



ଦଣ୍ଡନାଚ଼ ଗଞ୍ଜାମ ଜିଲ୍ଲାର ଏକ ପାରମ୍ପରିକ ଲୋକ ନୃତ୍ୟ। ଏଥିରେ ଶିବ କାଳୀଙ୍କୁ ନେଇ ଭୋକ୍ତାମାନେ ଗାଁରୁ ଗାଁ ସାହିରୁ ସାହିରୁ ସାହି ବୁଲି ଭକ୍ତଙ୍କ ମାନସିକ ପୂର୍ଣ୍ଣ କରିଥାନ୍ତି। ଏହାକୁ ନେଇ ଲୋକଙ୍କ ମନରେ ଥିବା ଭକ୍ତି ଭାବନାର ପଟାନ୍ତର ନାହିଁ। ଏଭଳି ଏକ ଲୋକ ନୃତ୍ୟରେ ସାମାଜିକ ନାଟକ ଓ ଅଶ୍ଳୀଳତା ପ୍ରବେଶ କରି ଏହାକୁ କଳୁଷିତ କରାଯାଉ। ଏଣୁ ଦଣ୍ଡନାଚ଼ରେ ସାମାଜିକ ନାଟକ ଓ ଅଶ୍ଳୀଳତାର ପ୍ରବେଶକୁ ବନ୍ଦ କରାଯିବାକୁ ଦାବି କଲା ଗଞ୍ଜାମ ଜିଲ୍ଲା ଦଣ୍ଡନାଚ଼ ମହାସଂଘ। ଗଞ୍ଜାମ ଜିଲ୍ଲାର ପାରମ୍ପରିକ ନୃତ୍ୟ ଦଣ୍ଡନାଚ଼ ଦେଶ ଓ ଦେଶ ବାହାରେ ଖ୍ୟାତି ଅର୍ଜନ କରିଥିବା ଏହା ଗଞ୍ଜାମ ଜିଲ୍ଲାର ଏକ ଲୋକ ପର୍ବ ଭାବରେ ପରିଚ଼ିତ। କିନ୍ତୁ ଏବେ ସାମାଜିକ ନାଟକ ଓ ମେଲୋଡି ଡ୍ୟାନ୍ସ ଆଦି ପାଇଁ ଅଶ୍ଳୀଳତା ବୃଦ୍ଧି ହେତୁ ଏହାର ପରମ୍ପରା ଓ ଐତିହ୍ୟ ଦିନକୁ ଦିନ ନଷ୍ଟ ହେବାକୁ ଗଲାଣି। ଆଉ କେଇଟା ମାସ ପରେ ଗଞ୍ଜାମରେ ଦଣ୍ଡନାଚ଼ ବାହାରିବ। ଶିବ କାଳୀଙ୍କୁ ଭଜ ହେ ନାରାରେ ପରିବେଷ ପ୍ରକମ୍ପିତ ହେବ। ସବୁଠି ଏକ ଆଧ୍ୟାତ୍ମିକ ପରିବେଷ ସୃଷ୍ଟି ହେବ। ଏଥିରେ ପରମ୍ପରା, ସଂସ୍କୃତି, ପୂର୍ବ ଗୌରବ ଫେରାଇ ଆଣିବା ସହ ଏହାର ପରମ୍ପରା ଯେପରି ନଷ୍ଟ ହେବନି ଏବଂ ଅଶ୍ଳୀଳତା ହେବ ନାହିଁ ସେନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଗତ ୧୪.୧୧.୨୦୨୫ ତାରିଖରେ ଯେଉଁ ଏସଓପି ଜାରି ହୋଇଥିଲା ତାହା କଡାକଡି ପାଳନ କରିବା ପାଇଁ ଅନୁରୋଧ କରିଛି ଗଞ୍ଜାମ ଜିଲ୍ଲା ଦଣ୍ଡନାଚ଼ ମହାସଂଘ। ଗୁରୁବାର ମହାସଂଘର କର୍ମକର୍ତ୍ତା ଓ ବହୁ ସକ୍ରିୟା ସଭ୍ୟମାନେ ଗଞ୍ଜାମ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଏଭଳି ଦାବି କରିଛନ୍ତି। ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କୁ ଭେଟି ଏକ ଲିଖିତ ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି। ଜିଲ୍ଲାପାଳଙ୍କ ସହିତ ବିଭିନ୍ନ ବିଷୟରେ ସେମାନେ ଆଲୋଚ଼ନା କରିଥିଲେ। ସୂଚ଼ନା ଯୋଗ୍ୟ ଯେ ଦିନକୁ ଦିନ ଦଣ୍ଡନାଚ଼ରେ ଅଶ୍ଳୀଳତା ବୃଦ୍ଧି ପାଉଛି। ଯାହାଫଳରେ ସୋସିଆଲ ମିଡିଆରେ ଏହା ଘୁରି ବୁଲୁଛି। ସାମାଜିକ ନାଟକ ପରିବେଷଣ କରି ସେଥିରେ ଅଶ୍ଳୀଳ ଡ୍ୟାନ୍ସ କରୁଥିବା ବେଳେ କିଏ ଧୂଳିଦଣ୍ଡରେ ଅସାମାଜିକ ଭାଷା ପ୍ରୟୋଗ କରୁଛନ୍ତି ଯାହା ଫଳରେ ଦଣ୍ଡନାଚ଼ ମହତ୍ତ୍ୱ ଓ ପରମ୍ପରା ଦିନକୁ ଦିନ ନଷ୍ଟ ହେଉଛି। ଏହାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଏହି ଲୋକନୃତ୍ୟରେ ସାମାଜିକ ନାଟକ ପରିବେଷଣ ନ କରିବାକୁ ଗଞ୍ଜାମ ଜିଲ୍ଲା ଦଣ୍ଡ ନାଚ଼ ମହାସଂଘ ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି।

## ନିଯୁକ୍ତି ଦାବିରେ ଆମରଣ ଅନଶନ

**ଢେଙ୍କାନାଳ,୧୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**



ଓଡାପଡା ବ୍ଲକ୍ ଅନ୍ତର୍ଗତ ସଦାଶିବପୁର ଗ୍ରାମପଞ୍ଚାୟତରେ ଗଢିଉଠିଥିବା ରିଲିୟାନ୍ସ ଇଣ୍ଡଷ୍ଟ୍ରିସ୍ ଲିଃ ବିରୋଧରେ ନିଯୁକ୍ତି ଦାବି ନେଇ ଜମିହରା ପ୍ରଜାମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗତ ୧୦ ତାରିଖରୁ ଆମରଣ ଅନଶନକୁ ଓହ୍ଲାଇଛନ୍ତି। ପ୍ରକାଶ ଯେ, ରିଲିୟାନ୍ସ କମ୍ପାନୀ ନିର୍ମାଣ ପାଇଁ ସରକାର ବଡବଉଳପୁର, ସାନ ବଉଳପୁର, ସୁଧାଡିହକାଟେଣୀ, ଟୁଭିନାଳି ଓ ଝାରଗାଡିଆ ଗ୍ରାମର ଜମି ଅଧିଗ୍ରହଣ କରିଥିଲା। ସେହି ସମୟରେ ଜମିହରା ପ୍ରଜାମାନଙ୍କୁ ଉଚିତ୍ ପ୍ରାପ୍ୟ ଓ ନିଯୁକ୍ତି ଦେବା ପାଇଁ ପ୍ରତିଶୃତି ଦେଇଥିଲେ ମଧ୍ୟ ତାହା ଅଦ୍ୟାବଧି ପାଳନ କରିନାହାନ୍ତି। ଓଲଟା ୨୦୦୩ ଓ ୨୦୦୮ ମସିହାରେ ଅଳ୍ପକିଛି ନିଯୁକ୍ତି ପାଇଥିବା ଜମିହରା ପ୍ରଜାମାନଙ୍କୁ କମ୍ପାନୀ ଚାକିରୀରୁ ଛଟେଇ କରିଦେଇଥିଲା। ତେଣୁ ଛଟେଇ କର୍ମଚାରୀମାନେ ୨୦୧୫ ମସିହାରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ପକ୍ଷରୁ ମାମଲାର ଫଇସଲା ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହାର ସୁବିଚାର ହୋଇପାରିଲା ନାହିଁ। ଜମିହରା ପ୍ରଜାମାନେ ବାରମ୍ବାର ପ୍ରଶାସନକୁ ଲିଖିତ ଅଭିଯୋଗ କରିଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସୂଚନାଯୋଗ୍ୟ ଜୁଲାଇ ୨୦୨୫ରେ ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ କମ୍ପାନୀ ଓ ଜମିହରା ପ୍ରଜାମାନଙ୍କ ମଧ୍ୟରେ ହୋଇଥିବା ଚୁକ୍ତିନାମାକୁ କମ୍ପାନୀ ପକ୍ଷରୁ ଅଣଦେଖା କରାଯାଉଛି। ଏ ସଂପର୍କରେ ପ୍ରଶାସନକୁ ମଧ୍ୟ ବାରମ୍ବାର ଅବଗତ କରାଗଲେ କୌଣସି ବିଚାର କରାଯାଉ ନାହିଁ। ପ୍ରଶାସନ କମ୍ପାନୀର ହାତବାରେଶି ସାଜି ଜମିହରା ପ୍ରଜାମାନଙ୍କୁ ଆନ୍ଦୋଳନ ସ୍ଥଳରୁ ମଧ୍ୟ ଯୋରଜବରଦସ୍ତ ହଟାଇ ଦେଉଥିବାର ଦୃଷ୍ଟାନ୍ତ ରହିଛି। ଜମିହରା ପ୍ରଜାମାନେ ଶାନ୍ତିପୂର୍ଣ୍ଣ ଭାବେ ଲଢୁଥିବାବେଳେ ସେମାନଙ୍କୁ ତାଙ୍କର ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରାଯାଉଛି। ପୁନର୍ବାର ନ୍ୟାୟ ଦାବିରେ ପ୍ରଜାସଂଘ ପକ୍ଷରୁ ଶୀତ କାକରରେ ଆମରଣ ଅନଶନ କରାଯାଉଥିବାବେଳେ ରାତି ସମୟରେ ସେମାନେ ଥଣ୍ଡାରୁ ରକ୍ଷା ପାଇବା ପାଇଁ ଟେଣ୍ଟ୍ କରୁଥିବା ବେଳେ ଟାଉନ୍ ଥାନା ଭାରପ୍ରାପ୍ତ ଅଧିକାରୀ ସେମାନଙ୍କୁ ଟେଣ୍ଟ୍ ମାରିବାକୁ ମଧ୍ୟ ମନାକରି ଦେଇଥିଲେ। ତାହା ପୁଣି ଘଟିଛି ବିଶ୍ୱ ମାନବିକ ଅଧିକାର ଦିବସରେ। ବାଧ୍ୟ ହୋଇ ଜମିହରା ପ୍ରଜାମାନେ ଶୀତ କାକରରେ ଖୋଲା ଆକାଶ ତଳେ ଅନଶନ କରୁଛନ୍ତି। ଏହି ଅନଶନକୁ କଂଗ୍ରେସ, ଆପ୍, ବିଜେଡି ଓ ଅନ୍ୟ ସମସ୍ତ ରାଜନୈତିକ ଦଳ ସମର୍ଥନ କରୁଛନ୍ତି ବୋଲି ସଂଘର ସଭାପତି ଅରୁଣ କୁମାର ସାହୁ କହିଛନ୍ତି। ଅନଶନସ୍ଥଳରେ ସଦାଶିବପୁର ଗ୍ରାମପଞ୍ଚାୟତ ସରପଞ୍ଚ ଧରିତ୍ରୀ ମଲ୍ଲିକ, ସମାଜସେବୀ ସରୋଜ ଶତପଥୀଙ୍କ ସମେତ ଜମିହରା ପ୍ରଜାମାନେ ସାମିଲ୍ ହୋଇଛନ୍ତି।

## ନୂତନ ସରପଞ୍ଚଙ୍କ ଦାୟିତ୍ୱ ଗ୍ରହଣ

**ଯାଜପୁର,୧୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ବ୍ଲକ ପଣସା ପଞ୍ଚାୟତରେ ଗୁରୁବାର ନୂତନ ସରପଞ୍ଚ ରାଜଲକ୍ଷ୍ମୀ ପଣ୍ଡା ଦାୟିତ୍ୱ ଗ୍ରହଣ କରିଛନ୍ତି। ଗ୍ରାମ ପଞ୍ଚାୟତ ଆଇନ ୧୯୬୪ ଧାରା ୨୧(୪) ଅନୁଯାୟୀ ଯାଜପୁର ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ପଣସା ପଞ୍ଚାୟତ ଆଙ୍କୁଲା ୧୮ନଂ ୱାର୍ଡ଼ ମେମ୍ବର ରାଜଲକ୍ଷ୍ମୀ ପଣ୍ଡାଙ୍କୁ ମନୋନୀତ କରିଥିଲେ। ଉପଜିଲ୍ଲାପାଳଙ୍କ ଆଦେଶ ନଂ.୧୮୫୩୭ ତା୧୦.୧୨.୨୦୨୫ ଅନୁଯାୟୀ ଗୁରୁବାର ଉପଜିଲ୍ଲାପାଳଙ୍କ ଦ୍ୱାରା ମନୋନୀତ ସରପଞ୍ଚ ରାଜଲକ୍ଷ୍ମୀ ପଣ୍ଡା ଦାୟିତ୍ୱ ଗ୍ରହଣ କରିଛନ୍ତି। ଗୁରୁବାର ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ଦାୟିତ୍ୱ ଗ୍ରହଣ କରିବା ସହ ବିଭିନ୍ନ ଲୋକଙ୍କ କଥା ବୁଝୁଥିବା ଦେଖିବାକୁ ମିଳିଛି। ରାଜଲକ୍ଷ୍ମୀ ପଣ୍ଡା ନୂତନ ସରପଞ୍ଚ ଭାବେ ଦାୟିତ୍ୱ ଗ୍ରହଣ କଲାପରେ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ସୁଦିପ୍ତ ପଣ୍ଡା, ପୂର୍ବତନ ସରପଞ୍ଚ କୁଳମଣି ପରିଡ଼ା, କେଶବ ମିଶ୍ର, ସୁନୀଲ ଜେନା, ସନ୍ଧ୍ୟାରାଣୀ ପଣ୍ଡା, ଦେବପ୍ରିୟ ସାହୁ, ପ୍ରିୟବ୍ରତ ପଣ୍ଡା, ମାର୍କଣ୍ଡ ମିଶ୍ର, ଶଶୀ ପତି, ପ୍ରଦୀପ୍ତ ପଣ୍ଡା, ବିଶ୍ୱଜିତ ବରାଳ, ନରେନ୍ଦ୍ର ରାଉତ, ସରୋଜ ସେଠୀ, ଜଗବନ୍ଧୁ ମହାଲିକ, ବାସୁଦେବ ମିଶ୍ର, ନଟବର ପଣ୍ଡା, ମନୋଜ ସେଠୀ, ଶଶୀକାନ୍ତ ମହାଲିକ, ପ୍ରଶାନ୍ତ ସାମନ୍ତ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ସୂଚନା ଯୋଗ୍ୟଯେ ୬ମାସ ତଳେ ପଣସା ସରପଞ୍ଚ କୁଳମଣି ପରିଡ଼ା ଅନାସ୍ଥା ପ୍ରସ୍ତାବରେ ପରାସ୍ତ ହେବା ପରେ ସେବେଠାରୁ ପଞ୍ଚାୟତରେ ଅଚଳାବସ୍ଥା ଦେଖାଦେବା ସହ ସରପଞ୍ଚ ପଦବୀ ଶୂନ୍ୟ ହୋଇଥିଲା। ଯାହାଫଳରେ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଥିଲା। ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇଯିବା ଦ୍ୱାରା ପଞ୍ଚାୟତବାସୀ ନାହିଁ ନଥିବା ହଇରାଣର ସମ୍ମୁଖୀନ ହେଉଥିଲେ। ଯାହାଫଳରେ ଉପଜିଲ୍ଲାପାଳ ପଞ୍ଚାୟତ ଆଇନ ଅନୁଯାୟୀ ନୂତନ ସରପଞ୍ଚ ଭାବେ ରାଜଲକ୍ଷ୍ମୀ ପଣ୍ଡାଙ୍କୁ ମନୋନୀତ କରିଛନ୍ତି।

## ଜଖପୁରାରେ ରେଳ ସାଇଡିଂ ଯାଞ୍ଚ ସହ ଭିତ୍ତିଭୂମି କାର୍ଯ୍ୟ ସମୀକ୍ଷା

**ଖୋର୍ଦ୍ଧା,୧୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**



ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠି ଗୁରୁବାର ଯଖପୁରା ଗସ୍ତକରି ଏହି ଅଞ୍ଚଳରେ ରେଳବାଇର କାର୍ଯ୍ୟକ୍ଷମ ଦକ୍ଷତା ଏବଂ ଭିତ୍ତିଭୂମି ପ୍ରସ୍ତୁତିର ସମୀକ୍ଷା କରିବା ସହ ସାଇଡିଂଗୁଡ଼ିକର ଏକ ବ୍ୟାପକ ଯାଞ୍ଚ କରିଛନ୍ତି। ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଅନିଲ କୁମାର ଏସ୍ ଏବଂ ବରିଷ୍ଠ ପରିଚ଼ାଳନା ପ୍ରବନ୍ଧକ ଆଶିଷ କୁମାର ସେନାପତିଙ୍କ ସମେତ ବରିଷ୍ଠ ବିଭାଗୀୟ ଅଧିକାରୀମାନେ ଯାଞ୍ଚ ସମୟରେ ଡିଆରଏମଙ୍କ ସହିତ ନୀରିକ୍ଷଣର ସହାୟତା କରିଥିଲେ।

ମଣ୍ଡଳ ରେଳ ପ୍ରବନ୍ଧକ ଖୋର୍ଦ୍ଧା ରୋଡ୍‌ରୁ ଜଖପୁରା ପର୍ଯ୍ୟନ୍ତ ଏକ ୱିଣ୍ଡୋ ଟ୍ରେଲିଂ ଯାଞ୍ଚ କରି ଟ୍ରାକ୍ ଅବସ୍ଥା, ସାଙ୍କେତିକ ପ୍ରଣାଳୀ, ଷ୍ଟେସନ ଗୁଡିକର ଭିତ୍ତିଭୂମି ଓ ସୁବିଧା ଏବଂ ମଧ୍ୟବର୍ତ୍ତୀ ଷ୍ଟେସନଗୁଡ଼ିକରେ ଚ଼ାଲୁରହିଥିବା ଭିତ୍ତିଭୂମି ଉନ୍ନତିକୁ ନିକଟରୁ ପର୍ଯ୍ୟବେକ୍ଷଣ କରିଥିଲେ। ଏହି ନୀରିକ୍ଷଣର ଲକ୍ଷ୍ୟ ଥିଲା ନିରାପତ୍ତା, ସମୟାନୁବର୍ତ୍ତିତା ଏବଂ ଯାତ୍ରୀ ସୁବିଧାର ସର୍ବୋଚ୍ଚ ମାନଦଣ୍ଡ ସୁନିଶ୍ଚିତ କରିବା।

ନିରୀକ୍ଷଣ ସମୟରେ ଶ୍ରୀ ତ୍ରିପାଠି ଷ୍ଟେସନ ଭିତ୍ତିଭୂମି ଏବଂ ରକ୍ଷଣାବେକ୍ଷଣ, ମଧ୍ୟବର୍ତ୍ତୀ ଷ୍ଟେସନଗୁଡ଼ିକରେ ଯାତ୍ରୀ ସୁବିଧା, ଚ଼ାଲୁଥିବା ଟ୍ରାଫିକ ସୁବିଧା କାର୍ଯ୍ୟ ଏବଂ ସୁଗମ ଏଓ ବାଧାମୁକ୍ତ ଟ୍ରେନ ପରିଚ଼ାଳନା ସୁନିଶ୍ଚିତ କରିବା ପାଇଁ କରାଯାଇଥିବା ପଦକ୍ଷେପଗୁଡ଼ିକର ସମୀକ୍ଷା କରିଥିଲେ। କାର୍ଯ୍ୟକ୍ଷମ ନିର୍ଭରଯୋଗ୍ୟତାକୁ ସୁଦୃଢ଼ କରିବା ଏବଂ ରେଳ ସେକ୍ସନ ସାରା ସେବା ଗୁଣବତ୍ତା ବୃଦ୍ଧି କରିବା ଉପରେ ଧ୍ୟାନ ଦିଆଯାଇଥିଲା।

ନୁ ଭିଷ୍ଟା ଲିମିଟେଡ୍ ସାଇଡିଂରେ ଏକ ବିସ୍ତୃତ ଯାଞ୍ଚ ମଧ୍ୟ କରାଯାଇଥିଲା ଯେଉଁଥିରେ ଶ୍ରୀ ତ୍ରିପାଠୀ ସାଇଡିଂ କାର୍ଯ୍ୟକ୍ଷମ ଦକ୍ଷତା, ଲୋଡିଂ ଏବଂ ଅନଲୋଡିଂ ବ୍ୟବସ୍ଥା, ନିରାପତ୍ତା ମାର୍ଗଦର୍ଶିକା ଏବଂ ରେଳ ପରିଚ଼ାଳନା ଓ ସାଇଡିଂ ପରିଚ଼ାଳନା ମଧ୍ୟରେ ସମନ୍ୱୟର ସମୀକ୍ଷା କରିଥିଲେ। ଏହି ସମୀକ୍ଷାର ଉଦ୍ଦେଶ୍ୟ ଥିଲା ପଣ୍ୟ ପରିବହନ କ୍ଷମତା ବୃଦ୍ଧି କରିବା ଏବଂ ଶିଳ୍ପ ଗ୍ରାହକମାନଙ୍କ ପାଇଁ ନିର୍ବିଘ୍ନ ସଂଯୋଗୀକରଣ ସୁନିଶ୍ଚିତ କରିବା।

ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଭିତ୍ତିଭୂମିର ଉନ୍ନତିକରଣ, ଷ୍ଟେସନ ସୁବିଧାରେ ଉନ୍ନତି ଏବଂ କାର୍ଯ୍ୟକ୍ଷମ ପ୍ରକ୍ରିୟାକୁ ବୃଦ୍ଧି କରି ଯାତ୍ରୀ ଏବଂ ପଣ୍ୟ ପରିବହନ ସେବା ଉଭୟକୁ ପ୍ରାଥମିକତା ଦେଇ ଆସୁଅଛି। ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ନିୟମିତ ଯାଞ୍ଚ ନିରାପତ୍ତା, ସମୟାନୁବର୍ତ୍ତିତା ଏବଂ ଗ୍ରାହକ ସନ୍ତୋଷର ଉଚ୍ଚମାନଦଣ୍ଡ ବଜାୟ ରଖିବାରେ ସାହାଯ୍ୟ କରିବାକୁ ଆସ କରାଯାଉଅଛି।

## ଲିଙ୍ଗ ଭିତ୍ତିକ ହିଂସା ନିରାକରଣ ସଚେତନତା

**ଜଗତସିଂହପୁର,୧୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**



ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲିଙ୍ଗ ଭିତ୍ତିକ ହିଂସା ନିରାକରଣ ସଚେତନତା ପକ୍ଷ ଜିଲ୍ଲା ମୁଖ୍ୟ ଚ଼ିକିତ୍ସାଳୟ ସଭାଗୃହ ପରିସରରେ ପାଳିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚ଼ିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ରାଜେନ୍ଦ୍ର କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏଡିପିଏଚ଼ଓ (ଏଫଡବ୍ଲୁ) ଡ଼ଃ ପ୍ରମୋଦ କୁମାର ବାରିକ, ଏଡିପିଏଚ଼ଓ (ଡିସି) ଡ଼ଃ ବାସନ୍ତୀ ପାଲ, ଡିପିଏମ ସୋନାଲି ପ୍ରୀୟଦର୍ଶନି, ଡିଏସପି ସବ୍ୟସାଚ଼ୀ ରାଉତ, ସଖୀ ୱାନ ଷ୍ଟେପ କେନ୍ଦ୍ରର ଓଏସସି ପୂର୍ଣ୍ଣଚ଼ନ୍ଦ୍ର ମଲ୍ଲ, ବିଜୟ ଲକ୍ଷ୍ମୀ ସାମଲ (ପରାମର୍ଶଦାତା) ପ୍ରମୁଖ ଅତିଥି ଭାବରେ ଯୋଗଦେଇ ସଚେତନତା ପକ୍ଷ ପାଳନ ଅବସରରେ ଶପଥ ପାଠ କରିଥିଲେ। ଏହି ଶପଥ ପାଠ ମଧ୍ୟରେ ମୁଖ୍ୟତଃ ସମ୍ମାନର ସହିତ ବଞ୍ଚିବା ସମସ୍ତ ମହିଳା ଓ ଝିଅଙ୍କର ମୌଳିକ ଅଧିକାର ରହିଛି। ଲିଙ୍ଗ, ଜାତି, ଧର୍ମ, ବୟସ, ବର୍ଗ ଯେ କିଛି ହେଉ ପ୍ରତ୍ୟେକ ମଣିଷଙ୍କର ମର୍ଯ୍ୟାଦା, ଅଧିକାର ଓ ସମାନତାକୁ ସମ୍ମାନ କରିବା, ଲିଙ୍ଗ ସମାନତା, ସୁରକ୍ଷା ଓ ମହିଳା ଶିଶୁ ସଶକ୍ତିକରଣ ପାଇଁ ସଦା ସଚେତନ ରହିବି ଓ ଅନ୍ୟମାନଙ୍କୁ ସଚେତନ କରିବି। ହିଂସାରେ ପୀଡ଼ିତାଙ୍କୁ ସହାୟତା, ସମର୍ଥନ ଓ ନ୍ୟାୟ ମିଳିବାକୁ ସଚେତନତା ଓ ଆବଶ୍ୟକ ସୂଚ଼ନା ପ୍ରଦାନ କରିବି। ମୋ ଘର, କାର୍ଯ୍ୟସ୍ଥଳ, ସମାଜ ଓ ସଙ୍ଗୀମାନଙ୍କ ମଧ୍ୟରେ ସୁରକ୍ଷିତ ସମ୍ମାନ ଜନକ ଓ ହିଂସା ମୁକ୍ତ ପରିବେଶ ସୃଷ୍ଟି କରିବାକୁ ଉତ୍ସାହିତ କରିବି। ମୁଁ ଏହି ମୂଲ୍ୟବୋଧକୁ ନୈନ୍ଦିନ ଜୀବନରେ ଅନୁସରଣ କରି ଏକ ହିଂସା ମୁକ୍ତ ଏବଂ ସମାନତାଭିତ୍ତିକ ସମାଜ ଗଢି ତୋଳିବାରେ ନିଷ୍ଠାବାନ ରହିବି ବୋଲି ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷକ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ, ବିପିଏମଓ ବାମମାନେ ଯୋଗ ଦେଇଥିଲେ। ଡେପୁଟି ମ୍ୟାନେଜର ସନ୍ଧ୍ୟାରଣୀ ପଣ୍ଡା ସଭା ପରିଚ଼ାଳନା କରିଥିବା ବେଳେ ନିରୋଦ ପ୍ରଧାନ ଏବଂ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ ମହାପାତ୍ର ସହଯୋଗ କରିଥିଲେ।

## ସିଲ୍ ହେଲା ମ୍ୟାରେଜ୍ ମଣ୍ଡପ

**ବଲାଙ୍ଗିର,୧୨।୧୨ ଏକ୍ସପ୍ରେସ୍ ନ୍ୟୁଜ୍**



ସିଲ୍ ହେଲା ବଲାଙ୍ଗିର ସ୍ଥିତ ବ୍ଲୁଲାଗୁନ ମ୍ୟାରେଜ ମଣ୍ଡପ। ଏହାସହ ବ୍ଲୁଲାଗୁନ ହୋଟେଲର ସମସ୍ତ କାଗଜପତ୍ର ଯାଞ୍ଚ ହେଲା। କାଗଜପତ୍ର ଠିକ୍ ନଥିଲେ ହୋଟେଲ ମଧ୍ୟ ସିଲ୍ ହେବ। ତେବେ ସହରର ବ୍ରାହ୍ମଣ ପଡା ଠାରେ ଥିବା ବ୍ଲୁଲାଗୁନ ମ୍ୟାରେଜ ମଣ୍ଡପର କାଗଜପତ୍ର ଠିକ୍ ନଥିବା ସହ ପୌର ପରିଷଦର ଯାହା ସବୁ ନିୟମ ରହିଛି, ପାର୍କିଂ, ଟାଉନ ପ୍ଲାନିଂ, ଜମି କାଗଜପତ୍ର ସବୁକୁ ଯାଞ୍ଚ କରି ତାହା ବେଆଇନ ଭାବରେ ଚ଼ାଲିଥିବା ଜାଣିଥିଲା ପୌର ପରିଷଦ। ଏନେଇ ବ୍ଲୁଲାଗୁନ ହୋଟେଲ ମାଲିକଙ୍କୁ ନୋଟିସ୍ ମଧ୍ୟ କରିଥିଲା। ହେଲେ କୌଣସି ପ୍ରକାର ଉତ୍ତର ନା ହୋଟେଲ ମାଲିକ ଦେଇଥିଲେ ନା କାଗଜପତ୍ର ଦେଖାଇ ପାରିଥିଲେ। ଏନେଇ ଶୁକ୍ରବାର ପୋଲିସ, ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସିଲ୍ କରାଯାଇଛି ମ୍ୟାରେଜ ମଣ୍ଡପ।

ଏହାସହ ବ୍ଲୁଲାଗୁନର ଦୁଇଟି ହୋଟେଲ ଯାହା ବ୍ରାହ୍ମଣ ପଡା ଓ ସିନେମା ହଲ୍ ରାସ୍ତାରେ ଥିବା ହୋଟେଲର କାଗଜପତ୍ର ଯାଞ୍ଚ କରାଯାଇଛି। ତେବେ ନିୟମ ଅନୁଯାୟୀ କାଗଜପତ୍ର ଠିକ୍ ନଥିଲେ ହୋଟେଲ ମଧ୍ୟ ସିଲ୍ ହେବ ବୋଲି ପୌର ପରିଷଦ ନିର୍ବାହୀ ଅଧିକାରୀ କହିଛନ୍ତି। ଏହାସହ ସହରର ୬୦ଟି ବ୍ୟବସାୟିକ ପ୍ରତିଷ୍ଠାନକୁ ମଧ୍ୟ ନୋଟିସ୍ କରାଯାଇଥିବା ସହ ଯାଞ୍ଚ କରାଯାଉଛି। ନିୟମ ଉଲଂଘନକାରୀ ବ୍ୟବସାୟୀଙ୍କ ହୋଟେଲ, ମଲ୍, ବଡ଼ ଶୋ'ରୁମ୍, ଦୋକାନ ସବୁ ସିଲ୍ ହେବା ସହ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିର୍ବାହୀ ଅଧିକାରୀ କହିଛନ୍ତି।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

କେନ୍ଦ୍ରାପଡ଼ା | ପୃଷ୍ଠା : ୭

● ୧୩ ଡିସେମ୍ବର ୨୦୨୫ ● ଶନିବାର


## ଓଡ଼ିଶା ଆସୁଛନ୍ତି ପ୍ରଧାନ ବିଚାରପତି

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ୧୪ ତାରିଖରେ କଟକ ଆସୁଛନ୍ତି ଦେଶର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ । ସହୀଦ ଭବନ ପରିସରରେ ଆୟୋଜିତ ହେବାକୁ ଥିବା ଜାତୀୟ ସ୍ତରର ଆଲୋଚନାଚକ୍ରରେ ଜଷ୍ଟିସ ସୂର୍ଯ୍ୟକାନ୍ତ ସାମିଲ ହେବେ । "ସାଧାରଣ ଲୋକଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ, ମାମଲା ଖର୍ଚ୍ଚ ଏବଂ ବିଳମ୍ବ ହ୍ରାସ କରିବା ପାଇଁ ରଣନୀତି" ସନ୍ଦର୍ଭରେ ପ୍ରଧାନ ବିଚାରପତି ତାଙ୍କର ମତ ପୋଷଣ କରିବେ । ଆଲୋଚନାଚକ୍ରରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ, ଆଡ଼ଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଏବଂ ଷ୍ଟେଟବାର କାଉନସିଲ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ପ୍ରମୁଖ ଯୋଗ ଦେବେ । ଉକ୍ତ ଦିନ ରାଜ୍ୟର ବରିଷ୍ଠ ଆଇନଜୀବି ଯେଉଁମାନେ ୫୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଓକିଲାତି ପେଶାରେ ନିୟୋଜିତ ଅଛନ୍ତି ସେମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ।

## ଜାନୁଆରୀ ୩୧ରୁ ଓସିଏସ ମୁଖ୍ୟ ଲିଖିତ ପରୀକ୍ଷା

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ)ର ମୁଖ୍ୟ ଲିଖିତ ପରୀକ୍ଷା ଆସନ୍ତା ବର୍ଷ ଜାନୁଆରୀ ୩୧ ଠାରୁ ଆରମ୍ଭ ହୋଇ ଫେବୃୟାରୀ ୧୦ ଯାଏ ଚାଲିବ । ଏଥିରେ ମୋଟ ୨୪୦୫ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ପୂର୍ବାହ୍ନ ୯ ଟା ରୁ ମଧ୍ୟାହ୍ନ ୧୨ଟା ଏବଂ ଅପରାହ୍ନ ୨ଟା ରୁ ସନ୍ଧ୍ୟା ୫ଟା ଯାଏ ୨ଟି ସିଟିଂରେ ପରୀକ୍ଷା କରାଯିବ । ପ୍ରତି ବିଷୟର ପରୀକ୍ଷା ଗୋଟିଏ ଦିନ ବ୍ୟବଧାନରେ ହେବ । ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କୁ ଅତିରିକ୍ତ ୧ ଘଣ୍ଟା ସମୟ ମିଳିବ । ତେବେ ପରୀକ୍ଷାର୍ଥୀ ପରୀକ୍ଷାର ୭ ଦିନ ପୂର୍ବରୁ ଆଡ଼ମିଟକାର୍ଡ଼ ଓପିଏସସି ୱେବସାଇଟରୁ ପାଇପାରିବେ । ଏ ନେଇ ଓପିଏସସି ପକ୍ଷରୁ ପରୀକ୍ଷା ସୂଚୀର ବିଜ୍ଞପ୍ତି ପ୍ରକାଶ ପାଇଛି ।

ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରୁପ ଏ ଏବଂ ଗ୍ରୁପ ବି ବର୍ଗର ୨୦୦ ପ୍ରଶାସନିକ ପଦ ପୂରଣ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା । ଏହି ନିଯୁକ୍ତି ପରୀକ୍ଷା ନିମନ୍ତେ ଓପିଏସସି ବିଜ୍ଞପ୍ତି ପ୍ରକାଶ କରିଥିଲା । ଅକ୍ଟୋବର ୧୨ ତାରିଖରେ ପ୍ରିଲିମନାରୀ ପରୀକ୍ଷା ହୋଇଥିବା ବେଳେ ପାଖାପାଖି ୧ଲକ୍ଷ ଆଶାୟୀ ପରୀକ୍ଷା ଦେଇଥିଲେ । ପ୍ରିଲିମନାରୀ ପରୀକ୍ଷା ଫଳ ନଭେମ୍ବର ୬ ରେ ପ୍ରକାଶ ପାଇଥିଲା । ମୋଟ ୨୪୦୫ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବାବେଳେ ଏଥିରେ ୧୬୨୪ ପୁରୁଷ ଏବଂ ୭୮୧ ମହିଳା ପାର୍ଥୀ ରହିଛନ୍ତି । କୃତି ପରୀକ୍ଷାର୍ଥୀ ଆସନ୍ତା ବର୍ଷ ଜାନୁଆରୀ ୩୧ରୁ ମୁଖ୍ୟ ଲିଖିତ ପରୀକ୍ଷା ଦେବେ ।

## ଓଭରବ୍ରିଜ ନିର୍ମାଣରେ ଶିଶୁ ଶ୍ରମିକ ନିୟୋଜିତ

**ଓଡ଼ାପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ଶ୍ରମ ଆଇନ ଉଲ୍ଲଂଘନ କରି ଚାଲିଛି ବିପଦପୂର୍ଣ୍ଣ ଅବସ୍ଥାରେ ୫୫ ନମ୍ବର ଜାତୀୟ ରାଜପଥ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ । ସୁରକ୍ଷା ନିରାପତ୍ତା ଆଇନକୁ ଫୁ କରି ବାଜିରେ ଲାଗିଛି ନିରୀହ ଶ୍ରମିକଙ୍କ ଜୀବନ, ବାଳ ଶ୍ରମିକକୁ ରୋକିବାକୁ



ସରକାର କରୁଛନ୍ତି ହଜାରେ ସଚେତନତା । ଏପଟେ ଛୋଟ ଛୋଟ ଛୁଆଙ୍କୁ କାହା ସ୍ୱାର୍ଥରେ ଲଗାଯାଇଛି ବିପଦପୂର୍ଣ୍ଣ କାମରେ । ରାଜ୍ୟରେ ବ୍ୟସ୍ତ ବହୁଳ ୫୫ ନମ୍ବର ଜାତୀୟ ରାଜପଥକୁ ଚାରି ଲେନ ବିଶିଷ୍ଟ କରିବାକୁ ଏହାର ସଂପ୍ରସାରଣ କାର୍ଯ୍ୟ ଆଜିକୁ ଆଠ ବର୍ଷ ହେଲା ଚାଲିଲାଣି । ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ନିମ୍ନମାନର କାର୍ଯ୍ୟ ସର୍ବସାଧାରଣଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଥିବା ବେଳେ ବିଭିନ୍ନ ସମୟରେ ଅବାଞ୍ଛିତ ଦୁର୍ଘଟଣାରେ ଅକାଳ ମୃତ୍ୟୁ ଜିଲ୍ଲା ବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ଏବେ ଜାତୀୟ ରାଜପଥର ବିଭିନ୍ନ କାର୍ଯ୍ୟରେ ବେଆଇନ ଭାବରେ ୧୮ ବର୍ଷରୁ କମ ଶିଶୁ ଶ୍ରମିକଙ୍କୁ ରାସ୍ତା ନିର୍ମାଣକାରୀ ସଂସ୍ଥା ଏମଏସଆଇଏଲ କରିଛି ନିୟୋଜିତ । ଶ୍ରମ ଆଇନ ଉଲ୍ଲଂଘନ କରି ବିନା ସୁରକ୍ଷା ନିରାପତ୍ତା ବ୍ୟବସ୍ଥାରେ ସିଧାସଳଖ ଶ୍ରମିକମାନଙ୍କ ଜୀବନକୁ କାହିଁକି ବାଜିରେ ଲଗାଉଛି ସେ ନେଇ ଉଠିଛି ପ୍ରଶ୍ନ । ମୁଣ୍ଡରେ ହେଲମେଣ୍ଟ ନାହିଁ କି ପାଦରେ ବୁଟ ନାହିଁ, ବିନା ସୁରକ୍ଷା ବେଲ୍ଟରେ ଶ୍ରମିକମାନେ ଉଚ୍ଚା ଉଚ୍ଚା ଲୁହା ଛଡ଼ ଉପରେ ଚଢି କାର୍ଯ୍ୟ କରୁଛନ୍ତି । ନାଁ ଅଛନ୍ତି କେହି ବାରଣ କରିବାକୁ ନା ତାଦରଖ କରିବାକୁ ଅଛନ୍ତି ବିଭାଗୀୟ ଅଧିକାରୀ । ବିନା ତଦାରଖ ଓ ବିନା ସୁରକ୍ଷା ନିରାପତ୍ତାରେ ଚାଲିଛି ବିପଦପୂର୍ଣ୍ଣ କାର୍ଯ୍ୟ । ଖୋଲା ଆକାଶ ତଳେ ବିନା କୌଣସି ସୁରକ୍ଷା ବ୍ୟବସ୍ଥାରେ ମୃତ୍ୟୁକୁ ନିମନ୍ତ୍ରଣ କରି ସମସ୍ତଙ୍କ ସାମ୍ନାରେ ଧର୍ମକୁ ଆଖିଠାର ମାରି କାହିଁକି ବିପଦ ପୂର୍ଣ୍ଣ କାର୍ଯ୍ୟରେ ଶିଶୁ ଶ୍ରମିକଙ୍କୁ ଏମଏସଆଇଏଲ କରିଛି ନିୟୋଜିତ । ଏଠି ସରକାର ଓ ବିଭାଗୀୟ ଅଧିକାରୀଙ୍କୁ ପ୍ରଶ୍ନ ଶ୍ରମିକଙ୍କ ଜୀବନକୁ ବାଜିରେ ଲଗାଇ ଠିକସଂସ୍ଥା କିପରି ଚଳାଇଛି କାର୍ଯ୍ୟ, ଶ୍ରମ ବିଭାଗ ଆଖିରେ ପଟି ଭିଡିଛି କି ? ଭାରତୀୟ ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧିକରଣ କର୍ତ୍ତୃପକ୍ଷ ଚିର ନିଦ୍ରାରେ ଶୋଇପଡିଛି କି ? କାହିଁକି ନିୟମ ଉଲଘଂନ କରି କାହା ବଳରେ ବିପଦପୂର୍ଣ୍ଣ କାର୍ଯ୍ୟରେ ଶିଶୁ ଶ୍ରମିକଙ୍କୁ ନିୟୋଜିତ କରିଛି ଏହି ଠିକସଂସ୍ଥା ।

## ଇନ୍ଦ୍ରିୟା-ଆଦିତ୍ୟ ବିର୍ଲା ଜୁଏଲାରୀର ନୂତନ ଷ୍ଟୋର



**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଇନ୍ଦ୍ରିୟା, ଆଦିତ୍ୟ ବିର୍ଲା ଜୁଏଲାରୀ, ଓଡିଶାର ଐତିହାସିକ ସହର କଟକରେ ଏହାର ଦ୍ୱିତୀୟ ଷ୍ଟୋର ଖୋଲିଛି । କଟକରେ ନୂତନ ଷ୍ଟୋର ସହିତ ଇନ୍ଦ୍ରିୟା, ଭାରତର ସମୃଦ୍ଧ କାରିଗରୀ ଐତିହ୍ୟକୁ ଆଧୁନିକ ଡିଜାଇନ୍ର ସହିତ ଯୋଡି ଏହି କାରିଗରୀ ପରମ୍ପରାକୁ ସମ୍ମାନିତ କରିଛି । ଗ୍ରାହକମାନଙ୍କୁ ଏକ ଆକର୍ଷଣୀୟ ରିଟେଲ ଅଭିଜ୍ଞତା ପ୍ରଦାନ କରିବା ପାଇଁ କଟକର ନୂତନ ଇନ୍ଦ୍ରିୟା ଷ୍ଟୋରକୁ ପ୍ରସ୍ତୁତ କରାଯାଇଛି । ସୁଚିନ୍ତିତ ଭାବେ ପ୍ରସ୍ତୁତ କରାଯାଇଥିବା ବିଭିନ୍ନ ଜୋନ୍ ଯେପରିକି ବ୍ରାଇଡାଲ୍ ଲାଉଞ୍ଜ୍ ଏବଂ ବିଶେଷ କାରିଗରୀ କକ୍ଷ ସହିତ ୨୮,୦୦୦ରୁ ଅଧିକ ସୁନ୍ଦର ଡିଜାଇନ୍ର ବିଶାଳ କଲେକ୍ସନ ଏଠାରେ ରହିଛି । ଇନ୍ଦ୍ରିୟାର ସଦ୍ୟତମ ଷ୍ଟୋର୍ର ଶୁଭାରମ୍ଭ ଏକ ମାଇଲଖୁଂଟ ଭାବରେ ଚିହ୍ନିତ ହୋଇଛି, କାରଣ ଏହା ଦେଶବ୍ୟାପୀ ୪୧ଟି ଷ୍ଟୋରକୁ ଏହାର ଉପସ୍ଥିତିକୁ ସଂପ୍ରସାରଣ କରିଛି । ବ୍ରାଣ୍ଡର ବର୍ଦ୍ଧିତ ସଂପ୍ରସାରଣ ମଧ୍ୟରେ ଦିଲ୍ଲୀରେ ଛଅଟି ଆଉଟଲେଟ୍, ମୁମ୍ବାଇ ଏବଂ ହାଇଦ୍ରାବାଦରେ ଚାରିଟି, ପୁଣେରେ ତିନୋଟି, ଅହମ୍ମଦାବାଦ, ଜୟପୁର, ପାଟନା ଏବଂ ବାଙ୍ଗାଲୋରରେ ଦୁଇଟି ଲେଖାଏଁ ଷ୍ଟୋର ରହିଛି । ସେହିଭଳି ଇନ୍ଦୋର, ଯୋଧପୁର, ସୁରଟ, ବିଜୟୱାଡା, ଭୁବନେଶ୍ୱର, ଲକ୍ଷ୍ନୌ, ପ୍ରୟାଗରାଜ, କାନପୁର, ଆଗ୍ରା, ଗୟା, ଜମ୍ମୁ, ଛତ୍ରପତି ସମ୍ଭାଜୀନଗର, ଚଣ୍ଡିଗଡ, ମାଙ୍ଗାଲୋର, କୋଲକାତା ଏବଂ ବର୍ତ୍ତମାନ କଟକ ଭଳି ଗୁରୁତ୍ୱପୂର୍ଣ୍ଣ ସହରଗୁଡିକରେ ଗୋଟିଏ ଷ୍ଟୋର ରହିଛି । ଏହି ଶୁଭାରମ୍ଭ ଅବସରରେ ଫ୍ରାଂଚାଇଜ ମାଲିକ ସଞ୍ଜୀବ ହଂସ, ସଙ୍ଗୀତା ହଂସ, ଇନ୍ଦ୍ରିୟା ରିଟେଲ ମୁଖ୍ୟ ଅମିତ ଧରପ, ଇନ୍ଦ୍ରିୟା ଫ୍ରାଞ୍ଚାଇଜ ମୁଖ୍ୟ ଗୌରବ କୁମାର, ଇଷ୍ଟର ଆଂଚଳିକ ବ୍ୟବସାୟ ମ୍ୟାନେଜର ଦୀପଞ୍ଜନ ସେନଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

ଏହି ଅବସରରେ ଇନ୍ଦ୍ରିୟାର ସିଇଓ ସନ୍ଦୀପ କୋହଲି କହିଛନ୍ତି, "ଆମର ସମ୍ପ୍ରସାରଣ ଯାତ୍ରାରେ ଓଡିଶା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି, ଏବଂ ଭୁବନେଶ୍ୱରରେ ଆମର ପ୍ରଥମ ଷ୍ଟୋର ପ୍ରତି ସକାରାତ୍ମକ ପ୍ରତିକ୍ରିୟା ପ୍ରକୃତରେ ପ୍ରେରଣାଦାୟକ ହୋଇଛି । କଟକରେ ଆମର ଦ୍ୱିତୀୟ ଷ୍ଟୋରର ଶୁଭାରମ୍ଭ ସହିତ, ଆମେ କେବଳ ଓଡିଶାରେ ନୁହେଁ ବରଂ ପୂର୍ବାଂଚଳରେ ଇନ୍ଦ୍ରିୟାର ଉପସ୍ଥିତିକୁ ଆହୁରି ସୁଦୃଢ କରିବାକୁ ଉତ୍ସାହିତ । ଆମର ସଂଗ୍ରହଗୁଡିକ ଏହି ଅଂଚଳର ଅନନ୍ୟ ଐତିହ୍ୟକୁ ପ୍ରତିଫଳିତ କରିବା ପାଇଁ ଚିନ୍ତାଶୀଳ ଭାବରେ ପ୍ରସ୍ତୁତ କରାଯାଇଛି, ଯାହା ସମୟର କଳାକୃତିକୁ ସମସାମୟିକ ସୁନ୍ଦରତା ସହିତ ମିଶ୍ରଣ କରିଛି, ଯାହା ନିଶ୍ଚିତ କରିଥାଏ ଯେ ଆମର ଅଳଙ୍କାର ଆଜିର ଗ୍ରାହକଙ୍କ ସ୍ୱାଦ ସହିତ ପ୍ରତିଫଳିତ ହୁଏ । ଏହି ଶୁଭାରମ୍ଭ ଏହି ସାଂସ୍କୃତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡିକରେ ଅଳଙ୍କାର ପ୍ରେମୀଙ୍କ ନିକଟରେ ଗୁଣାତ୍ମକ କାରିଗରୀ ଆଣିବା ପାଇଁ ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରେ ।"

# କିରାଣୀ ଇସାରାରେ ଚାକିରି ନିଲାମ

**ଜଳେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଜଳେଶ୍ୱର ବ୍ଲକ ଅଧିନ, ବିଭିନ୍ନ ପଞ୍ଚାୟତରେ ଲୋକମାନଙ୍କ ଦ୍ୱାରା ଗଢ଼ି ଉଠିଥିବା ୧୭ଟି ଏଡେଡ ହାଇସ୍କୁଲରେ ଶିକ୍ଷକ ଓ କର୍ମଚାରୀଙ୍କ ମରୁଡ଼ି ପଡିଛି । ତତ୍କାଳୀନ ପରିଚାଳନା କମିଟି ଦ୍ୱାରା ଅଞ୍ଚଳର ଶିକ୍ଷିତ ବେକାର ଯୁବକମାନଙ୍କୁ ନିଯୁକ୍ତି ଦିଆଯାଇ ଶିକ୍ଷାଦାନ ଆରମ୍ଭ ହୋଇଥଲା । ପରେ ସରକାର ସ୍ୱୀକୃତି ପ୍ରଦାନ କରି ସେମାନଙ୍କୁ ପୂର୍ଣ୍ଣ ବୈକୈୟା ରାଶି ପ୍ରଦାନ ସହ ମୋଟା ଅଙ୍କର ବେତନ ଦେଇ ଆସୁଛନ୍ତି । ଉକ୍ତ ଏଡେଡ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଶିକ୍ଷକ ଓ କର୍ମଚାରୀ ଅବସର ନେବା ପର ପାଠପଢ଼ା ସହ ଆନୁସଙ୍ଗିକ କାର୍ଯ୍ୟ ଏକ ପ୍ରକାର ଠପ ହୋଇଯାଇଛି । କେତେକ ହାଇସ୍କୁଲକୁ ସରକାର, ଜଣେ ଦୁଇ ଜଣ ଶିକ୍ଷକ ଯୋଗାଇ ଥିବା ବେଳେ, ଆବଶ୍ୟକ ଶିକ୍ଷକ ଅଭାବ ସହ ଅନୁଷ୍ଠାନ କର୍ମଚାରୀ ଶୂନ୍ୟ ହୋଇ ପଡ଼ିଛି । ସ୍ୱୟଂସହାୟକ ଗୋଷ୍ଠୀ ଓ ଅତିଥି ଶିକ୍ଷକମାନଙ୍କ ଦ୍ୱାରା କେତେକ ବିଦ୍ୟାଳୟରେ କାମଚଳା କାର୍ଯ୍ୟ ହେଉଛି । ସରକାରୀ ଚାକିରିର ଭାଉ ଅମୂଲ ମୂଲ ଥିବାବେଳେ କେତେକ ଦୁର୍ନୀତି ଖୋର କର୍ମଚାରୀ ଏହାର

### ୧୭ ଏଡେଡ ହାଇସ୍କୁଲରେ ଗୁପ୍ତ ଚୁକ୍ତିନାମା !

ଫାଇଦା ନେଉଛନ୍ତି । ଏହି ସୁଯୋଗରେ ବାଲେଶର ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟର ଜନୈକ ଦାସ ସାଙ୍ଗିଆଧାରୀ କର୍ମୀ କିରାଣୀ, ଏଡେଡ ହାଇସ୍କୁଲରେ ଆଶାୟୀ ଯୁବକଙ୍କୁ ଚାକିରି ଦେବା ଲୋଭ ଦେଖାଇ ମୋଟା ଅଙ୍କରେ ଅର୍ଥ ଉଠାଉଥିବା ଚର୍ଚ୍ଚା ଜୋର୍ ଧରିଛି । ବିଭିନ୍ନ ଦଲାଲ ମାଧ୍ୟମରେ, ବିଦ୍ୟାଳୟକୁ ଗୁପ୍ତ ସୂଚନା ଦେଇ, ଏତିକି ପରିମାଣରେ ଟଙ୍କା ଦେଲେ ସଚିବାଳୟ ମାଧ୍ୟମରେ ଗଳାବାଟରେ ଚାକିରୀ କରେଇବେ ବୋଲି ଭରସା ଦେଉଛନ୍ତି । ସରକାରଙ୍କ ବିନା ଅନୁମତିରେ କୌଣସି ନିଯୁକ୍ତି ବ୍ୟବସ୍ଥା ନଥିବା ବେଳେ, କାହା ଇଙ୍ଗିତରେ କିରାଣୀ ଜଣଙ୍କ ଚାକିରୀ ବାଣ୍ଟୁଛନ୍ତି ସେ ନେଇ ଶିକ୍ଷାବିତମାନେ ଆଶ୍ଚର୍ଯ୍ୟ ଚକିତ ହୋଇଛନ୍ତି । ତାଙ୍କ ପ୍ରରୋଚନାରେ ପରିଚାଳନା କମିଟି ଓ ପ୍ରଧାନ ଶିକ୍ଷକଙ୍କୁ ହାତ କରି, ଶିକ୍ଷକମାନେ ନିଜ ପୁଅ, ପୁତୁରା, ସମ୍ପର୍କୀୟଙ୍କୁ ଚାକିରି ଦେବା ଲାଗି ରାତି ଅଧିଆ ଗୁପ୍ତ ଚୁକ୍ତିନାମା (ରେଜୁଲେସନ) ପାସ କରୁଛନ୍ତି । ଅଞ୍ଚଳରେ ବହୁ ଉଚ୍ଚ ଶିକ୍ଷିତ ଯୁବକ ଯୁବତୀ ବେକାର ରହିଥିବା ବେଳେ, କାର୍ଯ୍ୟରତ ଶିକ୍ଷକମାନେ, ନିଜ ନିଜ ପୁଅ ଓ ସମ୍ପର୍କୀୟମାନଙ୍କ ନିଯୁକ୍ତି ଲାଗି ଲକ୍ଷ ଲକ୍ଷ ଟଙ୍କାର ମୂଲଚାଲ କରୁଛନ୍ତି । କେତେକ ହାଇସ୍କୁଲରେ ଗୁପ୍ତରେ ରେଜୁଲେସନ ପାସ କରାଯାଇଥିବା ବେଳେ, ଅନ୍ୟ ଶିକ୍ଷକ ଏହାକୁ ଅନୁଷ୍ଠାନ ପ୍ରତି ବିଶ୍ୱାସ ଘାତକତା ଏବଂ ବେଆଇନ ଦର୍ଶାଇ ଚୁକ୍ତିନାମା ଖାତାକୁ ଚିରି ଦେଇଥିବା ଘଟଣା ହାଟରେ ପଡ଼ି ଦାଣ୍ଡରେ ଗଡୁଛି । ଖାଲି ଏତିକି ନୁହେଁ, ସେହି କିରାଣୀ ଜଣକ ଦଲାଲ ମାଧ୍ୟମରେ ରାତି ଅଧିଆ ସମ୍ପୃକ୍ତ ହାଇସ୍କୁଲରେ ପହଞ୍ଚି ବେଆଇନ ନିଯୁକ୍ତି ପ୍ରକ୍ରିୟାକୁ ପ୍ରୋତ୍ସାହନ ଦେଉଛନ୍ତି । ଏସମ୍ପର୍କରେ ସରକାରଙ୍କ ପକ୍ଷରୁ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନଥିବା ବେଳେ, ସମ୍ପୃକ୍ତ କିରାଣୀ ଜଣଙ୍କ କୋଟି କୋଟି ଟଙ୍କା ଅଗ୍ରୀମ ଉଠାଇ ଥିବା ଶିକ୍ଷକ ମହଲରେ ଫୁସୁରୁ ଫାସର ହେଉଛି । ବିଗତ ଦିନରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବହୁ ଅନିୟମିତତା ନଜରକୁ ଆସିଥିବା ବେଳେ କାରପଟଦାର କିରାଣୀଙ୍କ ଭୂମିକା ଓ ଘଟଣା ସମ୍ପର୍କରେ ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକ ରହିଛି ।

## ଦମକଳ କେନ୍ଦ୍ର ସ୍ଥାପନ ଦାବି

**ବୈଶିଙ୍ଗା:ଏକ୍ସପ୍ରେସ୍ ନ୍ୟୁଜ୍**

ବର୍ଷବର୍ଷ ଧରି ବୈଶିଙ୍ଗା ଠାରେ ଏକ ଦମକଳ କେନ୍ଦ୍ର ସ୍ଥାପନ ପାଇଁ ଅଞ୍ଚଳବାସୀ ପ୍ରଶାସନ ତଥା ରାଜ୍ୟ ସରକାରଙ୍କ ଠାରେ ଦାବି କରିଆସୁଥିଲେ ମଧ୍ୟ କାହାରି ନିଦ ଭାଙ୍ଗୁନାହିଁ । ଆଜି ସିନା ସବୁଆଡ଼େ ପକ୍କା ଛାତ ଘର ହୋଇଯାଇଛି ମାତ୍ର ଯେତେବେଳେ ନଡ଼ା ଛପର, ଟାଇଲ, ଦିସ୍ତା ଘରେ ଯେତେବେଳେ ଘର ତିଆରି କରି ବସବାସ କରୁଥିଲେ ସେତେବେଳେ ଘର ପୋଡିର ଭୟା ବହତା ଥିଲା ତାହା ନ ଦେଖିଲେ ଲୋକେ ବିଶ୍ୱାସ କରିପାରିବେ ନାହିଁ । ଏଭଳି ଲୋମ ହର୍ଷଣକାରୀ ଘଟଣା ଗଡଦେଉଳିଆ, ହୋତାପୁର, ଜାମନଣ୍ଡା, ବୈଶିଙ୍ଗା, ପାଟଳୀପୁରା ଗ୍ରାମରେ ପୂର୍ବରୁ ଘଟିଥିଲା ଯେଉଁଥିରେ କି ଗ୍ରାମର ଶହ ଶହ ଘର ଧଂସ ସ୍ତୂପରେ ପରିଣତ ହୋଇ ଯାଇଥିଲା । ସେତେବେଳେ ବାରିପଦା, ବାଲେଶର, ଜଳେଶର, ସୋର ଆଦି ସ୍ଥାନରୁ ଦମକଳ ଗାଡି ବୈଶିଙ୍ଗା ପହଞ୍ଚିବାକୁ ଦୁଇରୁ ତିନି ଘଣ୍ଟା ଲାଗୁଥିଲା, ଯାହା ପାଇଁ ଧନଜୀବନକୁ ରକ୍ଷା କରା ଯାଇ ପାରୁ ନଥିଲା । ସାଧୀନତା ପରଠାରୁ କେତେ ବିଧାୟକ, ମନ୍ତ୍ରୀ ବୈଶିଙ୍ଗା ନିର୍ବାଚନ ମଣ୍ଡଳୀରୁ ପ୍ରତିନିଧି କରିଥିଲେ ମଧ ଦମକଳ କେନ୍ଦ୍ର ସ୍ଥାପନ ପାଇଁ କାହାରି ଆଗ୍ରହ ନ ଥିବାର ପରିଲକ୍ଷିତ ହୋଇଥିଲା । ବୈଶିଙ୍ଗା ନିର୍ବାଚନ ମଣ୍ଡଳୀ ଥିବା ସମୟରେ ବୈଶିଙ୍ଗା ଠାରେ ବ୍ଲକ କାର୍ଯ୍ୟାଳୟ କାର୍ଯ୍ୟକାରୀ କରୁଛି ବୋଲି ସରକାରଙ୍କର ଦସ୍ତାବିଜ ରହିଛି । କେଉଁ କାରଣରୁ ବୈଶିଙ୍ଗା ଏବଂ ଏହାର ଆଖପାଖ ଅଞ୍ଚଳରେ ସଂଖ୍ୟାଧିକ ପଞ୍ଚାୟତ ଥିଲେ ମଧ ନିର୍ବାଚନ ମଣ୍ଡଳୀର ଉପାନ୍ତ ଅଞ୍ଚଳ ବେତନଟୀ ଠାରେ ବ୍ଲକ କାର୍ଯ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନ କରାଯିବା ସହିତ ଦମକଳ କେନ୍ଦ୍ର ସ୍ଥାପନ କରାଗଲା । ମାତ୍ର ଏହି ନିର୍ବାଚନ ମଣ୍ଡଳୀର ସୀମା ପୁରୁଣିଆ – ଅଁଳା ଠାରୁ ବେତନଟୀକୁ ୨୮/୩୦ କି.ମି. ପୁରୁଣିଆ ଗ୍ରାମ ପଞ୍ଚାୟତ ଠାରୁ ମଧ ୨୮ କିମି. ଦୂର କାରଣରୁ ଦମକଳ କେନ୍ଦ୍ର ପହଞ୍ଚିବାରେ ବିଳମ୍ବ ହୁଏ । ଘରପୋଡ଼ି ବ୍ୟତୀତ ଦୁର୍ଘଟଣା, ବନ୍ୟା, ବାତ୍ୟା ଆଦି ଦୁର୍ବିପାକ ପାଇଁ ଦମକଳ ବାହିନୀଙ୍କ ସହଯୋଗ ନିତାନ୍ତ ଜରୁରୀ । ଏଥିପାଇଁ ପୂର୍ବରୁ ଥିବା ଏହି ଦାବିକୁ ବର୍ତ୍ତମାନ ବୁଦ୍ଧିଜୀବି ମହଲରେ ପୁନର୍ବାର ଦାବି ଜଣାଇଛନ୍ତି । ଆଗାମୀ ଦିନରେ ଏହି ଦାବିକୁ ବିଚାରକୁ ନିଆ ଯାଇ ନୂଆ ସରକାର ଏ ଦିଗରେ ଗୁରୁତ୍ୱ ଦେବେ ବୋଲି ଅଞ୍ଚଳବାସୀ ଦୃଢ ଭାବେ ଆଶାବ୍ୟକ୍ତ କରିଛନ୍ତି ।

## ପ୍ରହସନ ପାଲଟିଛି ସିଏମ ପୋଷଣ ଯୋଜନା

**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରହସନ ପାଲଟିଛି ରାଜ୍ୟ ସରକାରଙ୍କ ପୋଷଣ ଯୋଜନା । ଘୋଷଣା କରି ପ୍ରଶାସନ ଚୁପ ବସିବା ବେଳେ ଧାର ଉଦ୍ଧାର କରିବା ସହ ଶିକ୍ଷକ ଓ ଶ୍ରୀ କ୍ଷତ୍ରି ନିଜ ପକେଟରୁ ପଇସା ଦେଇ ରାସନ ଅଣି ବିଦ୍ୟାଳୟରେ ଚଳାଇଛନ୍ତି ଖାଦ୍ୟ ବଣ୍ଟନ । ଆଠମାସ ପୂର୍ବେ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ଆରମ୍ଭ କରିଥିଲେ । ଏହି ଯୋଜନା ମାଧ୍ୟମରେ ବିଦ୍ୟାଳୟରେ ପାଠପଢୁଥିବା ନବମ ଦଶମ ଛାତ୍ରଛାତ୍ରୀଙ୍କୁ ପ୍ରଥମଥର ପାଇଁ ଦେଇଥିଲେ ମଧ୍ୟାହ୍ନ ଭୋଜନ, ରାଜ୍ୟ ସରକାର ଏବେ ଏହି ଯୋଜନା ପାଇଁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀମାନେ ରାସନ ଉଦ୍ଧାର ଆଣିବାକୁ ବାଧ ହେଉଛନ୍ତି । ଶିକ୍ଷକ ଶିକ୍ଷୟତ୍ରୀ, ଏହି ଯୋଜନା ଧାର ଉଦ୍ଧାର କରି ଚାଲିଥିବା ବେଳେ ଆଗକୁ ଅନୁଦାନ ରାଶି ନ ଆସିଲେ, ଯୋଜନାର ଭବିଷ୍ୟତକୁ ନେଇ ଉଠିଲାଣି ପ୍ରଶ୍ନ । କଟକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ



ଉଦାସନିତା ପାଇଁ ଧାର ଉଦ୍ଧାରରେ ଶିକ୍ଷକମାନେ ଚଳାଇଛନ୍ତି ଯୋଜନା, ସୂଚନା ଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମାଧ୍ୟାହ୍ନ ଭୋଜନରେ ଯୋଡ଼ିଛନ୍ତି ରାଜ୍ୟ ସରକାର । ଏପ୍ରିଲ ପହିଲାରୁ ଏହାର ଶୁଭାରମ୍ଭ ହେଲା, କିନ୍ତୁ କାର୍ଯ୍ୟକାରୀ ହେଉ ହେଉ ଦୁଇ ମାସ ବିତି ଗଲା ପ୍ରଥମ ଥର ପାଇଁ ଗୋଟିଏ ଛାତ ତଳେ ଶିଶୁ ବଟିକାଠୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମାଗଣାରେ ମଧ୍ୟାହ୍ନ ଭୋଜନ ଦିଆଯିବା ବେଳେ କେତେକ ଶିକ୍ଷକ ମତବ୍ୟକ୍ତ କରିଛନ୍ତି ଜୁଲାଇ ପରଠାରୁ ଅନୁଦାନ ମିଳିବା ବନ୍ଦ ହୋଇଗଲାଣି, ପରଠାରୁ ଆଣିଥିବା ଅନୁଦାନ ରାଶିରେ ଛାତ୍ରଛାତ୍ରୀଙ୍କୁ ଖାଇବାକୁ ଦିଆଯାଉଛି । ନିଆଳୀ ବ୍ଲକରେ ନବମ ଦଶମ ଶ୍ରେଣୀ ପ୍ରାୟ ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପଢୁଥିବା ବେଳେ ପଞ୍ଚମାସ ଭିତରେ ଶିକ୍ଷକମାନେ ନିଜ ପକେଟରୁ ଦେଇଥିବା ଅର୍ଥ ପାଇନଥିବା ବେଳେ ଏବେ ମାଧାହ୍ନ ଭୋଜନ ଦେବା ସମ୍ଭବ ପର ନୁହେଁ । ନିଆଳୀ ବ୍ଲକରେ ପଞ୍ଚହଜାର ନବମ ଦଶମ ଛାତ୍ରଛାତ୍ରୀ ମାଧାହ୍ନ ଭୋଜନ ଖାଇବା ପାଇଁ ଭବିଷ୍ୟତକୁ ନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି, ଆଗକୁ ଅନୁଦାନ ନିୟମିତ ନ ମିଳିଲେ ହଜାର ହଜାର ପିଲା ମାଧାହ୍ନ ଭୋଜନ ପାଇଁ ସିଧାସଳଖ ପ୍ରଭାବିତ ହେବେ । ଅପର ପକ୍ଷରେ ବୁଦ୍ଧିଜିବି କହିଛନ୍ତି ମୁଖ୍ୟମନ୍ତ୍ରୀଙ୍କ ପୋଷଣ ଯୋଜନା ଏକ ପ୍ରହସନ ପାଲଟିଛି । ଯଦି ଓ ଅନୁଦାନ ନାହିଁ କେମିତି ଚାଲିଛି ଯୋଜନା ବିନା ଅନୁଦାନରେ ଯୋଜନା ଚଳାଇବା ପାଇଁ କ'ଣ ରହିଛି ଶିକ୍ଷକମାନଙ୍କ ସ୍ୱାର୍ଥ, ଅନୁଦାନ ନଥାଇ କାହିଁକି ଦେଉଛନ୍ତି ଖାଦ୍ୟ । ତାହାକୁ ନେଇ ବଡ଼ ପ୍ରଶ୍ନ ଛିଡା ହେଇଛି । ଦେଖିବାକୁ ବାକି ରହିଲା ଯୋଜନା ସଫଳ ହେବ ନାଁ ବନ୍ଦହୋଇଯିବ । ଏ ନେଇ ନିଆଳୀ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଅନନ୍ତ ନାରାୟଣ ସିଂଙ୍କୁ ପଚାରିବାରୁ ଟଙ୍କା ଆସୁନାହିଁ କଷ୍ଟେ ମଷ୍ଟେ ଶିକ୍ଷକମାନେ ମଧାହ୍ନ ଭୋଜନ ଚଳାଇଛନ୍ତି ।

## ନିର୍ବାଚନ ଆୟୁକ୍ତଙ୍କ ସମୀକ୍ଷା

**ଭଦ୍ରକ:ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ପଞ୍ଚାୟତ ଏବଂ ନିର୍ବାଚନୀ କାର୍ଯ୍ୟସମୂହକୁ ସୁଚାରୁ ଭାବରେ ନିଷ୍ପାଦନ ପାଇଁ ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀ ଭଦ୍ରକ କଲେକ୍ଟରେଟକୁ ଦିନିକିଆ ସରକାରୀ ସମୀକ୍ଷା ଯାତ୍ରା କରିଛନ୍ତି । ଏହି ସମୟରେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଓ ପ୍ରଗତି ପର୍ଯ୍ୟାଲୋଚନା ବୈଠକ ଆୟୋଜିତ ହେଇଥିଲା । ଜିଲ୍ଲାପାଳ ଦିଲୀପ ରାଉତରାୟଙ୍କ ଅଧକ୍ଷତାରେ ହୋଇଥିବା ଏହି ସମୀକ୍ଷା ବୈଠକରେ ଭୋଟର ତାଲିକା ସଂଶୋଧନ, ମତଦାନ କେନ୍ଦ୍ର ସୁବିଧା, କର୍ମଚାରୀ ନିଯୁକ୍ତି, ଆବଶ୍ୟକ ସାମଗ୍ରୀ ପ୍ରସ୍ତୁତି, ମାଇକ୍ରୋ ପ୍ଲାନ ପ୍ରସ୍ତୁତି ଇତ୍ୟାଦି ବିଷୟରେ ଆଲୋଚନା ହେଲା । ନିର୍ବାଚନ ଆୟୁକ୍ତ ଜିଲ୍ଲା ପ୍ରଶାସନଙ୍କ ପ୍ରସ୍ତୁତି ପ୍ରତି ସନ୍ତୋଷ ପ୍ରକାଶ କରି ଭୋଟରମାନଙ୍କ ପାଇଁ ସବୁ ପ୍ରକାର ସୁବିଧା ଉପଲବ୍ଧ କରାଇବାକୁ ନିର୍ଦ୍ଦେଶ ଦେଲେ । ସମସ୍ତ ଅଧିକାରୀଙ୍କୁ ସମୟସୀମା ମଧ୍ୟରେ ସମସ୍ତ କାମ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଏଡିଏମ, ସବ-କଲେକ୍ଟର, ବ୍ଲକ ଅଧିକାରୀ, ନିର୍ବାଚନ ଶାଖା ଅଧିକାରୀଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ସାକ୍ଷୀଗୋପାଳ:ଏକ୍ସପ୍ରେସ୍ ନ୍ୟୁଜ୍**

ଉତ୍କଳମଣି ଗୋପବନ୍ଧୁ ବିଦ୍ୟାନିକେତନ ଝାରଡ଼ା, ରାଧାକୃଷ୍ଣପୁରଠାରେ ଉତ୍କଳମଣି ଗୋପବନ୍ଧୁଙ୍କର ଏକ ଆବକ୍ଷ ପ୍ରତିମୂର୍ତ୍ତୀ ବିଶିଷ୍ଟ ଶିକ୍ଷାବିତ ଓ ସାମାଜିକ କର୍ମୀ ସତ୍ୟବାଦୀ ଦାଶଙ୍କ କରକମଳରେ ବିଦ୍ୟାଳୟ ପ୍ରାଙ୍ଗଣରେ ପ୍ରତିଷ୍ଠା ହୋଇଯାଇଛି । ଏହି ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ବିଦ୍ୟାଳୟ ପ୍ରକୋଷ୍ଠରେ ପ୍ରଧାନଶିକ୍ଷୟିତ୍ରୀ ସୁନନ୍ଦା ପାତ୍ରଙ୍କ ପୌରୋହିତ୍ୟରେ ଏକ ସାରସ୍ୱତ ସଭାର ଆୟୋଜନ କରାଯାଇଥିଲା । ମୁଖ୍ୟଅତିଥି ଶ୍ରୀ ଦାଶ ଉତ୍କଳମଣିଙ୍କ ବହୁମୁଖୀ ପ୍ରତିଭା ଏବଂ ଓଡ଼ିଶା ପ୍ରଦେଶ ଗଠନରେ ଅବଦାନ ସମ୍ପର୍କରେ ଭାବଗର୍ବକ ଆଲୋଚନା କରିଥିଲେ । ସମ୍ମାନୀତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳୀ ସେଠୀ, ଶିକ୍ଷାବିତ୍ ଯୁଗଳ ଚରଣ ସୁବୁଦ୍ଧି ଏବଂ ଆଲୁମିନି ସଭାପତି କ୍ଷୀରୋଦ କୁମାର ମଙ୍ଗରାଜ ପ୍ରଭୃତି ଯୋଗଦେଇ ବିଦ୍ୟାଳୟର ନାମକରଣର ଆଜି ଯଥାର୍ଥତା ହୋଇଛି ବୋଲି ବକ୍ତବ୍ୟରେ କହିଥିଲେ । ଏହି ସଭାରେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ କରୁଣାକର ମହାପାତ୍ର, ଟିକନ ଚନ୍ଦ୍ର ପେଣ୍ଟାଇ, ପ୍ରାକ୍ତନ ଶିକ୍ଷକ ସୁରେନ୍ଦ୍ର ନାଥ ସ୍ୱାଇଁ, ସୁଧୀର ଚନ୍ଦ୍ର ନରେନ୍ଦ୍ର, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟସଭ୍ୟାମାନେ ଯୋଗଦେଇ ଦୀର୍ଘ ଦିନପରେ ବିଦ୍ୟାଳୟ ପୂର୍ଣ୍ଣାଙ୍ଗ ପ୍ରାପ୍ତ ହୋଇଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ । ଛାତ୍ରଛାତ୍ରୀମାନେ ଉତ୍କଳମଣି ଗୋପବନ୍ଧୁଙ୍କ ଲିଖିତ କବିତା ପାଠ କରିଥିଲେ । ଶିକ୍ଷକ ସୁଧୀର ଚନ୍ଦ୍ର ନାୟକ ମଞ୍ଚ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମର ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଣଶିକ୍ଷକ କର୍ମଚାରୀମାନେ ସହଯୋଗ କରିଥିଲେ ।


**ANCHALIKA DEGREE MAHAVIDYALAYA**
**KSHATRIYABARPUR, GANJAM-761123**

Contact No-9437348113 Mail-id-adm.199091@gmail.com

**Tender Call Notice**

Sealed tenders are invited from reputed registered Dealers for supply and Installation of the thirty Nos CC camera (HD/IP) with Accessories, one water Filter Double tap 40L, two water Purifier RO/UV/VF, one Inverter with Battery (160 Ah) and six steel Almirah for office.

The tender must be submitted in sealed Cover. The bidder should attach GST Regd. certificate, PAN No.and firm registration copy. The authority reserve the right to reject the tender without assigning any reason. The last date of Submission is 21 days of Publication.

Sd/-
PRINCIPAL






**ପୂର୍ବ ତଟ ରେଳପଥ**

ନିଲାମ କ୍ୟାଟଲଗ୍ ନଂ. SDCM-KUR-EMR

ଲଟ୍ ନଂ./ବର୍ଗ: MSS-KUR-BBS-MedStn-107-25-1 (Misc-Static-Services-Medical facilities at station)

**ବିବରଣୀ :** ଭୁବନେଶ୍ୱର ରେଳ ଷ୍ଟେସନରେ ପ୍ରମୁଖ ଜରୁରୀକାଳୀନ ଚିକିତ୍ସା ସେବା ପ୍ରଦାନକାରୀ ଦ୍ୱାରା ଜରୁରୀକାଳୀନ ମେଡିକାଲ୍ ରୁମ୍ (EMR)ର ପରିଚାଳନା ଅର୍ଥାତ୍ ରେଳ ଷ୍ଟେସନରେ ରେଳ ଯାତ୍ରୀ/ ପର୍ଯ୍ୟଟକ/ ବ୍ୟକ୍ତିବିଶେଷ ଯାହାଙ୍କୁ ଜରୁରୀକାଳୀନ ଚିକିତ୍ସା ସେବାର ଆବଶ୍ୟକତା ରହିଛି, ସେମାନଙ୍କୁ ଜରୁରୀକାଳୀନ ମେଡିକାଲ୍ ରୁମ୍ (EMR)ରେ ଅହୋରାତ୍ର ଜରୁରୀକାଳୀନ ଚିକିତ୍ସା ସେବା ପ୍ରଦାନ କରିବା ନିମନ୍ତେ ପରାମର୍ଶ ଶୁଳ୍କ ଗ୍ରହଣକରି ସ୍ୱାସ୍ଥ୍ୟ ସେବାରେ ଅନ୍ତର୍ଭୁକ୍ତ ସାର୍ବଜନୀକ ଏବଂ ବେସରକାରୀ ଚିକିତ୍ସାଳୟ/ ନର୍ସିଙ୍ଗ ହୋମ୍/ ପଲିକ୍ଲିନିକ/ କ୍ଲିନିକ/ ପ୍ରାଇଭେଟ୍ ପ୍ରାକ୍ଟିସନର/ କମ୍ପାନୀ/ ଫାର୍ମ/ ସଂସ୍ଥା/ NGO'sଙ୍କ ଦ୍ୱାରା ବ୍ୟବସ୍ଥା ସହିତ ରେଳ ଯାତ୍ରୀ/ ପର୍ଯ୍ୟଟକଙ୍କ ନିମନ୍ତେ ଦେୟ ଆଧାରରେ ମେଡିକାଲ୍ ଷ୍ଟୋର ସ୍ଥାପନ, ଅହୋରାତ୍ର ଆମ୍ବୁଲାନ୍ସ ସେବା ଏବଂ ଜରୁରୀକାଳୀନ ମେଡିକାଲ୍ ରୁମ୍ (EMR)ରେ ବେସରକାରୀ ମେଡିକାଲ୍ ପ୍ରାକ୍ଟିସନରଙ୍କୁ ନିଯୁକ୍ତି କରିବା ବ୍ୟବସ୍ଥା ।

ନିଲାମ ଆରମ୍ଭ ତାରିଖ ଓ ସମୟ : ତା.29.12.2025 ରିଖ 1100 ଘଟିକାରେ, ନିଲାମ ବନ୍ଦ ହେବା ତାରିଖ ଓ ସମୟ : ତା.29.12.2025ରିଖ 1130 ଘଟିକାରେ ।

ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ www.ireps.gov.inରେ ଉପଲବ୍ଧ ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼

PR-900/Q/25-26



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

CAD-2682

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪
ଇପିଏବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍ ସାଇଟ୍: https://oshb.org

**ବିଜ୍ଞାପନ**

ପତ୍ର ସଂଖ୍ୟା: ୨୬୮ ତା: ୪.୧୨.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଗୃହ ନଂ ଏଲ୍.ଆଇ.ଜି-୧-୩୩୮ (LIG-1-338), ଡୁମୁଡୁମା, ୩ୟ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ଆଶୁତୋଷ ସାହୁ, ପିତା- ଗଙ୍ଗାଧର ସାହୁ, ସା-ଇଚିଣ୍ଡା, ପୋ/ଥାନା- ରାଇରଙ୍ଗପୁର, ଜିଲ୍ଲା-ମୟୂରଭଞ୍ଜଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଉକ୍ତ ଆବଣ୍ଟନ ଗ୍ରହୀତା ଶ୍ରୀ ଆଶୁତୋଷ ସାହୁ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ମହମ୍ମଦ ସଲିମ, ପିତା- ମହମ୍ମଦ ଅଜିମ, ସା-ସେଏଡ୍ ସାହି, ଯଦୁପୁର, ଜାମା ମସ୍ଜିଦ୍ ନିକଟ, ପୋ-ଡୁମୁଡୁମା, ଥାନା- ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତା'ହେଲେ ଏହି ନୋଟିସ ପ୍ରକାଶନର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0977/2526


# ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 13th December, 2025 Saturday | RNI Regd. No. ODIODI/2009/28880


## ମୃତ୍ୟୁ ପରବର୍ତ୍ତୀ ସ୍ମୃତି

**ହେଲ୍‌ଥ ଟନିକ୍**



ତିନିଜଣ ମଦ୍ୟପ ବନ୍ଧୁ ଏକତ୍ର ବସି ମୃତ୍ୟୁ ପରବର୍ତ୍ତୀ ସ୍ଥିତି ନେଇ ଆଲୋଚନା କରୁଥାନ୍ତି। ଦୁଇଜଣ ପ୍ରଥମ ଜଣକୁ ପଚାରିଲେ- ମରିଗଲା ପରେ ତୁ କୋଉଠୁ ରହିବାକୁ ଚାହୁଁ?

ପ୍ରଥମ ଜଣକ କହିଲା- ମୁଁ ଚାହେଁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସମାଧି ନିକଟରେ ମୋର ସ୍ମୃତି ସାଇତା ହୋଇ ଥାଉ।

ଦ୍ୱିତୀୟ ଜଣକ କହିଲା- ମୁଁ ଚାହେଁ ନେହରୁଙ୍କ ସମାଧି ନିକଟରେ ମୋର ସମାଧି ତିଆରି ହେଉ।

ତୃତୀୟ ଜଣକକୁ ପଚାରିବାରୁ ସେ କହିଲା- ମୋର ଇଚ୍ଛା ମାଧୁରୀ ଦିକ୍ଷୀତ ସମାଧି ପାଖରେ ମୋର ସମାଧି ତିଆରି ହେଉ।

ଅନ୍ୟ ଦୁଇଜଣ ପଚାରିଲେ- ହଇରେ, ମାଧୁରୀ ଦିକ୍ଷୀତ କ'ଣ ମଲାଣି? ସିଏ ପରା ବଞ୍ଚିଛି।

ତୃତୀୟ ମଦ୍ୟପ ଚଟାପଟ କହିଲା- ମୁଁ ବି କୋଉ ମଲିଣି ଯେ? ମୁଁ ବି ତ ବଞ୍ଚିଛି ନା!

# ରାହୁଲଙ୍କ ପ୍ରସ୍ତାବରେ ରାଜି ହେଲେ ସରକାର

**ନୂଆଦିଲ୍ଲୀ,୧୨।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଲୋକସଭାରେ ଆଜି ଗୋଟିଏ

**ବିରଳ ଘଟଣା**

ବିରଳ ଘଟଣା ଘଟିଛି। କଂଗ୍ରେସ ସାଂସଦ ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ବିତର୍କ ପ୍ରସ୍ତାବରେ ବିନା କୌଣସି ବାଧାରେ ରାଜି ହୋଇଛନ୍ତି ସରକାର। ଭାରତର ଭୟଙ୍କର ବାୟୁ ପ୍ରଦୂଷଣ ସମ୍ପର୍କରେ ରାହୁଲ ଗାନ୍ଧି ଗୋଟିଏ ଜରୁରୀ ଓ ଗଠନମୂଳକ ବିତର୍କ ପାଇଁ ଆହ୍ୱାନ ଦେଇଥିଲେ। ଏହା ଲୋକଙ୍କ ସ୍ୱାସ୍ଥ୍ୟଗତ ପ୍ରସଙ୍ଗ ବୋଲି ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାହୁଲ ଗାନ୍ଧି ଆଲୋଚନା ପାଇଁ ଦାବି କରୁଥିବା ବେଳେ ସରକାର ଏଥିରେ ରାଜି ହୋଇଛନ୍ତି।



ଆଜି ଲୋକସଭାର ଶୂନ୍ୟକାଳରେ କଂଗ୍ରେସ ନେତା ରାହୁଲ ଗାନ୍ଧି କହିଥିଲେ ଯେ "ଭାରତର ବଡବଡ ସହର ଏବେ ଭୟଙ୍କର ତଥା ବିଷାକ୍ତ ବାୟୁ ମଧ୍ୟରେ ରହୁଛନ୍ତି। ଅଧିକାଂଶ ସହରରେ ଅବସ୍ଥା ସମାନ। ଲକ୍ଷଲକ୍ଷ ପିଲା ଫୁସଫୁସ ଜନିତ ରୋଗରେ ପୀଡିତ ହେଉଛନ୍ତି। ସେମାନଙ୍କ ଭବିଷ୍ୟତ ନଷ୍ଟ ହେଉଛି। ଲୋକଙ୍କୁ କ୍ୟାନ୍ସର ହେଉଛି। ବୟସ୍କ ଲୋକମାନେ ନିଃଶ୍ୱାସ ନେବାକୁ ସଂଘର୍ଷ କରୁଛନ୍ତି। ଏହା ଏମିତି ଏକ ପ୍ରସଙ୍ଗ ଯେଉଁଥିରେ ସରକାର ଆମ ସହ ଏକମତ ହେବେ ବୋଲି ମୋର ଆଶା।"

ରାହୁଲ ଗାନ୍ଧି ଆହୁରି କହିଥିଲେ ଯେ ଏହା ଏମିତି ଏକ ପ୍ରସଙ୍ଗ ଯେଉଁଥିରେ ପୂରା ଗୃହ ଏକମତ ହେବ। ଏହା ଆଦୌ ବିଚାରଧାରାର ପ୍ରସଙ୍ଗ ନୁହେଁ। ଏହି ପ୍ରସଙ୍ଗରେ ଉଭୟ ସରକାର ଓ ବିରୋଧୀ ଦାୟିତ୍ୱର ସହ ମତ ରଖିବା ଦରକାର। ସରକାର ପୂର୍ଣ୍ଣକାଳୀନ ବିତର୍କ ପାଇଁ ସମୟ ବାହାର କରିବା ସହ ପଦକ୍ଷେପ ନେବାକୁ କମିଟି ଗଠନ କରନ୍ତୁ ବୋଲି ସେ କହିଥିଲେ।

ରାହୁଲଙ୍କ ପ୍ରସ୍ତାବ ଉପରେ ମତ ରଖିଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ। ତାଙ୍କ କହିବା କଥା ଯେ ସରକାର ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ପୂର୍ବରୁ ହିଁ ରାଜି ରହିଥିଲେ। ଏଥିପାଇଁ ଲୋକସଭାର ବିଜନେସ ପରାମର୍ଶଦାତା କମିଟି ଆଲୋଚନା ପାଇଁ ସମୟ ନିର୍ଦ୍ଧିଷ୍ଟ କରିବେ। ରାହୁଲ ଗାନ୍ଧି ଉଠାଇଥିବା ପ୍ରସଙ୍ଗ ବିଜନେସ ପରାମର୍ଶଦାତା କମିଟିର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପ୍ରଥମ ଦିନରୁ ସରକାର ସମସ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବାକୁ ରାଜି ଥିବା କହିଥିଲେ। ସବୁ ପ୍ରସଙ୍ଗର ସମାଧାନ ଓ ବିରୋଧୀଙ୍କ ପରାମର୍ଶ ନେବାକୁ ସରକାର ରାଜି ଅଛନ୍ତି। ଏହି ପ୍ରସଙ୍ଗ କେମିତି ଆଲୋଚନା ହେବ, ତା'ର ବିଚାର ଆମେ କରୁଛୁ। ଆମେ ଏହି ପ୍ରସଙ୍ଗରେ ଆଲୋଚନା କରିବାକୁ ରାଜି ଅଛୁ ବୋଲି ସେ କହିଛନ୍ତି।

# ବଳରାମ ହତ୍ୟା ଘଟଣାରେ ମା-ପୁଅ କୋର୍ଟ ଚାଲାଣ

**ରାଜନଗର,୧୨।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ରାଜନଗର ପଚାଂୟତ ଡିଆପାରୀ ଗ୍ରାମର ବଳରାମ ସେଠୀଙ୍କର ଗଳିତ ଶବ ଗତ ସୋମବାର ଦିନ କାଙ୍କଦିଆ କଙ୍କଡାଖାଇ(ହଂସୁଆ ନଦୀ ପଠା) ଜଙ୍ଗଲରୁ ଉଦ୍ଧାର କରାଯାଇଥିଲା । ଏହି ହତ୍ୟା ଘଟଣାରେ କୋଇଲିପୁର ପଚାଂୟତ କାଙ୍କଦିଆ ଗ୍ରାମର ଭାଗ୍ୟଧର ଜେନାଙ୍କ ସ୍ତ୍ରୀ ଶଶୀକଳା ଜେନା ଓ ପୁଅ ସୁରଂଜନ ଜେନାଙ୍କୁ ପୋଲିସ ରାଜନଗର ଜେଏମଫସିଙ୍କ କୋର୍ଟକୁ ଚାଲାଣ କରିଛି। ଜାମିନୀ ନାମଂଜୁର ହେବାରୁ ମା ଓ ପୁଅଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ପୂର୍ବରୁ ଏହି ଘଟଣାରେ ଭାଗ୍ୟଧରଙ୍କ ବିବାହିତା ଝିଅ ଜାମିନୀ ସ୍ୱାଇଁ(୨୭), ତେତେଲଙ୍ଗା ଗ୍ରାମର ବିଘ୍ନେଶ୍ୱର ମଳିକ ଓ ଭାଗ୍ୟଧରଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା । ସୂଚନା ଥାଉକି, ଡିଆପାରୀ ଗ୍ରାମର ବଳରାମ ସାନବଡଗୋପାଳପୁର ବୀଣାପାଣୀ ବଜାରରେ ଥିବା ସରକାରୀ ବିଦେଶୀ ମଦ ଦୋକାନ ସମ୍ମୁଖରେ ଚାଖଣା ଦୋକାନ କରିଥିଲା। ବଳରାମ ନଭେମ୍ବର ମାସ ୩୦ତାରିଖ ଦିନ ରାତି ୭ଟା ସମୟରେ ନିଜ ବାଇକରେ ଭୋଜି ଖାଇବାକୁ କହି ଯାଇଥିଲେ ମଧ ଘରକୁ ଫେରିନଥିଲେ। ଚଳିତ ମାସ ୧ତାରିଖ ଦିନ ବଳରାମ ନିଖୋଜ ନେଇ ତାଙ୍କ ପୁଅ ବୁବୁ ସେଠୀ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାରେ ତାଙ୍କର ମୋବାଇଲ ନମ୍ବରକୁ ଟ୍ରାକିଂ କରିବାରୁ କୋଇଲିପୁର ପଚାଂୟତରେ ସୁଇଚ ଅଫ ହୋଇଥିବା ଜାଣିବାକୁ ପାଇଥିଲା । ୪ତାରିଖ ଦିନ କୋଇଲିପୁର ପଚାଂୟତ କଙ୍କଦିଆ ଗ୍ରାମର ଭାଗ୍ୟଧର ଜେନାଙ୍କ ସହ ଅନ୍ୟ ୪ଜଣଙ୍କୁ ପୋଲିସ ଥାନାକୁ ଆଣି ପଚରା ଉଚରା କରିବା ପରେ ଛାଡି ଦେଇଥିଲା । ବଳରାମଙ୍କ ସହିତ ଅଧିକ ଫୋନ କଲ କରି କଥା ହୋଇଥିବା ଭାଗ୍ୟଧରଙ୍କ ପରିବାର ଉପରେ ପୋଲିସ ନଜର ରଖିଥିଲା । ଭାଗ୍ୟଧରଙ୍କୁ ଛାଡିବା ପରେ ତାଙ୍କ ପରିବାର ଲୋକେ ଫେରାର ହୋଇଯାଇଥିଲେ । ଯାହାକୁ ନେଇ ପୋଲିସର ସନ୍ଦେହ ସୃଷ୍ଟି ହୋଇଥିଲା। ପୋଲିସ ଜାମିନୀ ଲୁଚିଥିବା ରାଜପୁର ପଚାଂୟତ ବଳଭଦ୍ରପ୍ରସାଦ ଗ୍ରାମରୁ ଥାନାକୁ ଆଣି ପଚରା ଉଚରା କରିବା ପରେ ବଳରାମର ମୃତ୍ୟୁ ନେଇ ତଥ୍ୟ ଉଗାଳିଥିଲା। ସୋମବାର ଦିନ ଜାମିନୀକୁ ନେଇ ଏହି ବ୍ଲକ କୋଇଲିପୁର ପଚାଂୟତ ନଦୀରେ ଲୀନ ହେଉଥିବା ପୁରୁଣା କାଙ୍କଦିଆ ଗାଁ ନିକଟ ପୋଖରୀରୁ ସେ ବ୍ୟବହାର କରୁଥିବା ସ୍ପ୍ଲେଣ୍ଡର ପ୍ଲସ ବାଇକ ସହ ଜ୍ୟାକେଟ ଓ ତାର ଗଳିତ ଶବ ଉଦ୍ଧାର କରିଥିଲା। ହତ୍ୟା ଘଟଣାରେ ଭାଗ୍ୟଧରଙ୍କ ସହିତ ତାଙ୍କ ସ୍ତ୍ରୀ ଶଶୀକଳା, ବିବାହିତା ଝିଅ ଜାମିନୀ ଓ ପୁଅ ସୁରଂଜନଙ୍କ ସହ ତେତେଲଙ୍ଗା ଗ୍ରାମର ବିଘ୍ନେଶ୍ୱରଙ୍କୁ ମିଶାଇ ମୋଟ ୫ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।

# ପ୍ରଭାବଶାଳୀଙ୍କ କବଜାରେ ସରକାରୀ ଜାଗା

**ପଟ୍ଟାମୁଣ୍ଡାଇ,୧୨।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଅଂଚଳରେ ବହୁ ମୂଲ୍ୟବାନ ସରକାରୀ ଜମି ପ୍ରଭାବଶାଳୀଙ୍କ କବଜାରେ ରହିଛି। ସରକାରଙ୍କ ବାରମ୍ବାର ତାଗିତ ସ୍ୱତେ ମଧ୍ୟ ଏମାନେ ସରକାରୀଜମିକୁ ବର୍ଷ ବର୍ଷ ଧରି ନିଜ ଆୟତରେ ରଖି ଘରବାରି କରିବା ସହ ବ୍ୟବସାୟ ପ୍ରତିଷ୍ଠାନ ନିର୍ମାଣ କରିଛନ୍ତି। ମାତ୍ର ତହସିଲ ନିକଟରେ ସରକାରୀ ଜମିର ପ୍ରମାଣ ଅଭାବରୁ ଉଚ୍ଛେଦ କରାଯାଇପାରୁନାହି। ଫଳରେ ପ୍ରଭାବଶାଳୀ ମାନେ ପଟ୍ଟାମୁଣ୍ଡାଇ ଅଂଚଳର ପରିବହନ, ଗୃହ ରାସ୍ତା ବିଭାଗ, ବିଦ୍ୟୁତ ବିଭାବ ଜଗା ସମେତ ପୁରୁଣା ଗୋବରୀ ନଦୀ, ନୟନଜୋରୀ, କେନାଲ ଓ ରାଜସ୍ୱ ବିଭାଗର ମୂଲ୍ୟବାନ ଜାଗା ନିଜନାମକୁ ନେଇ ବିକ୍ରୀପଟ୍ଟା କରିଚାଲିଛନ୍ତି। ଯାହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଗୁରୁବାର ପ୍ରଭାବଶାଳୀ ଜମି ଜବରଦଖଲକାରୀଙ୍କ ଉପରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀଙ୍କ କଡା ଚେତାବନୀ ଅଂଚଳରବାସୀଙ୍କ ମନରେ ଆସ୍ୱସ୍ତୀ ପ୍ରକାଶ ପାଇଛି ।

ଗୁରୁବାର ଅପରହ୍ନରେ ଗଣମାଧ୍ୟମକୁ ପ୍ରତିକ୍ରୀୟାଦେଇ ରାଜସ୍ୱ ମନ୍ତ୍ରୀ କହିଥିଲେ ଯେ ପ୍ରଭାବଶାଳୀ ଜବରଦଖଲକାରୀମାନଙ୍କ ନିକଟରେ ଧନ ସମ୍ପତି, ପର୍ଯ୍ୟାପ୍ତ ଥାଇ ସେମାନେ ଲୋଭରେ ଜବରଦଖଲ କରିଛନ୍ତି। ସେମାନଙ୍କ ଠାରୁ ଜବରଦଖଲ ଜମି ସରକାର ଛଡ଼ାଇ ନେବେ । ସମୟ ଅଛି ସରକାରୀ ଜମି ଫେରାଇ ଦିଅନ୍ତୁ। ନହେଲେ ଉଚ୍ଛେଦ ପ୍ରକ୍ରିୟାରେ ହେବାକୁ ଥିବା ଖର୍ଚ୍ଚ ଅର୍ଥ ପ୍ରଭାବଶାଳୀ ଜମି ଜବରଦଖଲକାରୀଙ୍କ ଠାରୁ ଆଦାୟ କରାଯିବ । ଯିଏ ବାଧକ ସାଜିବ ସେମାନଙ୍କୁ ଦଣ୍ଡିତ କରାଯିବ। ଆବଶ୍ୟକତା ପାଇଁ ଭୂମିହୀନ ଗରିବ ଜବରଦଖଲ କରିଥିଲେ ୪ ଡିସିମିଲ୍'ଜାଗା ପାଇବେ । ଭାଜପା ସରକାର ଆସିବା ପରେ ଓଡ଼ିଶାକୁ ସମ୍ପୂର୍ଣ୍ଣ ଭାବେ ଜବରଦଖଲ ମୁକ୍ତ କରିବାକୁ ବିଭାଗ କାମ କରୁଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଯାହାକୁ ନେଇ ଜଣେ ଅବସରପ୍ରାପ୍ତ ତହସିଲ କର୍ମଚାରୀ ନିଜନାମ ଗୋପନ ରଖି କହିଛନ୍ତି ଜବରଦଖଲ ଉଚ୍ଛେଦପାଇଁ ବହୁ ନେତାମନ୍ତ୍ରୀ ଭାଷଣବାଜୀ କରୁଛନ୍ତି । ନୂତନ ସରକାର ଗଠନ ଦିନରୁ ଜବରଦଖଲ ଉଚ୍ଛେଦନେଇ ପଦକ୍ଷେପ ନିଆଯାଇଛି। ଗତ ଅଗଷ୍ଟରେ ଜବରଦଖଲ ଜମି ୩ମାସ ମଧ୍ୟରେ ସରକାରୀ ଖାତାକୁ ଆଣିବାକୁ ସରକାରଙ୍କ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏନେଇ ହାଇକୋର୍ଟ ବେଂଚରେ ମଧ୍ୟ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ପକ୍ଷରଖିଥିଲେ। ହେଲେ ତାହାର କୌଣସି ଫଳପ୍ରଦ ହେଲାନାହିଁ । ତହସିଲ ପକ୍ଷରୁ ଉଚ୍ଛେଦପାଇଁ ନୋଟିସ କରାଯାଉଛି। ସେମାନେ ଉଚ୍ଚନ୍ୟାୟାଳରୁ ସ୍ଥଗିତାଦେଶ ଆଣି ପ୍ରକ୍ରୀୟାକୁ ବାଟବଣା କରୁଛନ୍ତି। ଜବରଦଖଲ ଥିବା ବିଭାଗୀୟ ଜାଗାକୁ ସରକାରୀ ଅଧିନକୁ ଆଣିବାକୁ ମାଲିମକଦ୍ଦମା ହେଉଥିଲେ ମଧ୍ୟ ପ୍ରମାଣ ଅଭାବରୁ ବାଦ ଦିଆଯାଇ ଜବରଦଖଲକାରୀଙ୍କ ସପକ୍ଷରେ ଆଦେଶ ହେଉଛି । ଏହିପରି ପଟ୍ଟାମୁଣ୍ଡାଇ ସହରରେ ସରକାରୀ ଜମି ଜବରଦଖଲ ବଢି ଚାଲିଛି। କେତେକ ଦୁନୀର୍ତୀ ଖୋର ଅଧିକାରୀଙ୍କ ପାଇଁ ବିଭିନ୍ନ ସ୍ଥାନରେ ବହୁ ମୂଲ୍ୟବାନ ସରକାରୀ ଜମି ପ୍ରଭାଶାଳିମାନେ ଅବୈଧ ଭାବେ ଜବରଦଖଲରେ ରଖି ନିଜ ନାମକୁ କାରାଇ ମଲେମାଲ ହୋଇଚାଲିଛନ୍ତି। ଯେ ପର୍ଯ୍ୟନ୍ତ ସ୍ଥାନୀୟ ପ୍ରଶାସନର ଉଚ୍ଛେଦ ପାଇଁ ଆନ୍ତରିକତା ରହିବନାହିଁ ସେପର୍ଯ୍ୟନ୍ତ ପ୍ରଭାବଶାଳି ଜବରଦଖଲକାରୀଙ୍କୁ ହଟାଇବା ସମ୍ଭବ ହେବାନହିଁ ବୋଲି ସେ କହିଛନ୍ତି।

ସାମଜିକକର୍ମୀ ପ୍ରବିର ନାୟକ, କ୍ଷୀରୋଦ ମଲିକ, ବୁଦ୍ଧିଜିବୀ ପ୍ରଫୁଲ୍ଲ ଦାଶ କୁହନ୍ତି ପଟ୍ଟାମୁଣ୍ଡାଇ ପୌରାଂଚଳରେ ସରକାରୀ ଜମି ଜବର ଦଖଲ ସ୍ଥିତି ସଂଗୀନ। କିଛି ପ୍ରଭାବଶାଳି ଲୋକ ଜମିଦାରଙ୍କ ଗୁମାସ୍ତା ମାଖନଲାଲ ଓ ଜମିଦାରଙ୍କ ପୁଅ ମାନଙ୍କ ଠାରୁ ହାତ ଲେଖା ଆଣି ଭୋଗଦଖଲ କରୁଥିଲେ । ପରେ ୧୯୩୫/୧୯୮୦ରେ ହୋଇଥିବା ବନ୍ଦୋବସ୍ତରେ ଚଂଚକତା କରି ସ୍ଥାନୀୟ ତହସିଲଦାର ଓ ଚକବନ୍ଦିର ଜଣେ କୌଉତିକିଆ ଅମିନକୁ ଧରି ଏକର ଏକର ସରକାରୀ ଜମି ନିଜନାମରେ କରାଇ ନେଇଛନ୍ତି। ବିଶେଷକରି ପୋତା ଗୋବରୀ ନଦୀ କିସମ ଥିବା ବେଳେ ଏହା କିପରି ନାମକୁ ହେଲା ତାହା ପ୍ରଶ୍ନବାଚୀ ସୃଷ୍ଟିକରିଛି । ଏସବୁ ସ୍ଥାନିୟ ପ୍ରଶାସନ ଜାଣି ମଧ୍ୟ ଅଜଣା ହୋଇ ରହୁଛି। ପଟ୍ଟାମୁଣ୍ଡାଇ, ବେଲତଳ, ଦକ୍ଷିଣଦୀଆ ପୋଖରିଆପଡା ମୌଜାର କେତେକ ସରକାରୀ ଜମି ଜବର ଦଖଲରେ ଅଛି । ଭୂଲେଖ ନକସାରେ ରଖିତ ଜମି ଥିବା ବେଳେ ତାହା ଏବେ ଜବରଦଖଲକାରିଙ୍କ କବଜାକୁ ଚାଲିଯାଇଛି । ଏହି ସବୁ ମୌଜାର ସରକାରୀ ଜମି ଶାବକ ଓ ହାଲ୍ ଖାତାକୁ ନିରୀକ୍ଷଣ କଲେ ସେଠାରେ ଜମି ଜାଲିଆତିର ପରଦା ଖୋଲିବ ବୋଲି ସେମାନେ କହିଛନ୍ତି ।






## ପ୍ରଥମ ପୃଷ୍ଠାରୁ...

### ବିଜେପି ଖାତାରେ...

କହିଛନ୍ତି। ଅଜୟ ମାକନ କହିଛନ୍ତି, ୨୦୦୪ରେ ବିଜେପି ବ୍ୟାଙ୍କ ଖାତାରେ ୮୭.୯୬ କୋଟି ଥିଲା। ୨୦ ବର୍ଷ ମଧ୍ୟରେ ବିଜେପିର ବ୍ୟାଙ୍କ ବାଲାନ୍ସ ୧୦,୧୦୭.୨ କୋଟି ଟଙ୍କାରେ ପହଞ୍ଚିଛି। ଏହି ସମୟ ଅବଧି ମଧ୍ୟରେ କଂଗ୍ରେସର ବାଲାନ୍ସ ୩୮.୪୮ କୋଟିରୁ ବଢ଼ି ମାତ୍ର ୧୩୩.୯୭ କୋଟି ଟଙ୍କାରେ ପହଞ୍ଚିଛି। ସେ କହିଛନ୍ତି, ୨୦୦୪ରେ ବିଜେପି ଖାତାରେ ୮୭.୯୬ କୋଟି ଟଙ୍କା ଥିବା ବେଳେ କଂଗ୍ରେସ ପାଖରେ ଥିଲା ୩୮ କୋଟି। ୨୦୦୯ରେ କଂଗ୍ରେସ ପାଖରେ ୨୨୧ କୋଟି ଟଙ୍କା ଥିବା ବେଳେ ବିଜେପି ପାଖରେ ତାଠୁ କମ୍ ୧୫୦ କୋଟି ଟଙ୍କା ଥିଲା। ୨୦୧୯ ଆସୁ ଆସୁ କଂଗ୍ରେସ ଏବଂ ବିଜେପି ମଧ୍ୟରେ ଏହି ଗ୍ୟାପ ଅଧିକ ବଢ଼ିଥିଲା। ୨୦୧୯ରେ ବିଜେପି ପାଖରେ ୩,୫୬୨ କୋଟି ଟଙ୍କା ଥିବା ବେଳ କଂଗ୍ରେସ ଖାତାରେ ଥିଲା ୩୧୫ କୋଟି ଟଙ୍କା। କଂଗ୍ରେସ ଠାରୁ ବିଜେପିର ୧୧ ଗୁଣ ଅଧିକ ଅର୍ଥ ଥିଲା। ୨୦୨୪ରେ ବିଜେପି ଖାତାରେ ୧୦,୧୦୭.୨ କେଟି ଟଙ୍କା ଥିବା ବେଳେ କଂଗ୍ରେସ ଖାତାରେ ଥିଲା ୧୩୩.୯୭ କୋଟି ଟଙ୍କା। କଂଗ୍ରେସ ଠାରୁ ବିଜେପି ଖାତାରେ ୭୫ ଗୁଣ ଅଧିକ ଅର୍ଥ ରହିଛି ବୋଲି ମାକନ କହିଛନ୍ତି। ନିର୍ବାଚନ ସମୟରେ ବିଜେପି, କଂଗ୍ରେସ ପଛରେ ଇଡି ଲଗାଇ ଏହାର ଫଣ୍ଡ କମ୍ କରିବାକୁ ପ୍ରୟାସ କରୁଛି। କଂଗ୍ରେସକୁ ଦାନ କରିବାକୁ ଚାହୁଁଥିବା ବଡ଼ ବ୍ୟବସାୟୀ ଏବଂ ଶିଳ୍ପପତିଙ୍କୁ ତଦନ୍ତ ଏଜେନ୍ସି ଲଗାଇ ବିଜେପି ରୋକିଦେଉଛି ବୋଲି ଅଜୟ ମାକନ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, 'ମୁଁ ବହୁ ଶିଳ୍ପପତିଙ୍କ ସହ କଥା ହୋଇଛି। ସେମାନେ କଂଗ୍ରେସ ସରକାର ସମୟରେ ୬୦:୪୦ ଅନୁପାତରେ ଅର୍ଥ ଦେଉଥିଲେ। ଏବେ କଂଗ୍ରେସକୁ ୯୫:୫ ଅନୁପାତରେ ମଧ୍ୟ ଦାନ କରିବାକୁ ଭୟ କରୁଛନ୍ତି। ଯେତେବେଳେ ସେମାନେ ଏପରି କରିବେ, ଇଡି ଏବଂ ଆଇଟି ସେମାନଙ୍କ ପଛରେ ଆସିବ।' ସେ ପ୍ରଶ୍ନ କରିଛନ୍ତି ଯେ, ଶାସକ ଦଳ ପାଖରେ ବିରୋଧୀ ଦଳ ତୁଳନାରେ ୭୫ ଗୁଣ ଅଧିକ ଟଙ୍କା ଥିବା ପରିସ୍ଥିତିରେ ଗଣତନ୍ତ୍ର କିପରି ବଞ୍ଚିପାରିବ।

ଅଜୟ ମାକନ ନିର୍ବାଚନ କମିଶନଙ୍କ ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ବିହାରରେ ଆଦର୍ଶ ଆଚରଣ ସଂହିତା ଲାଗୁ ହେବା ପରେ କିଭଳି ମହିଳା ରୋଜଗାର ଯୋଜନା ଲାଗୁ ହେଲା ବୋଲି ସେ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ଯଦି ଅମ୍ପାୟର କୌଣସି ଦଳର ଜର୍ସି ପିନ୍ଧିବେ, ତେବେ ଅନ୍ୟ ଦଳ କରିବେ କ'ଣ? ଯଦି ଅମ୍ପାୟର ମ୍ୟାଚ୍ ଫିକ୍ସିଂ କରିବେ, ଖେଳାଳି କ'ଣ କରିବେ? ସେପଟେ ଅଜୟ ମାକନଙ୍କ ଅଭିଯୋଗର ଜବାବ ଦେଇଛି ବିଜେପି। ବିଜେପି ସାଂସଦ ସୁଧାଂଶୁ ତ୍ରିବେଦୀ କହିଛନ୍ତି, ସେମାନଙ୍କର ଅଭିଯୋଗର ସମାଧାନ ପାଇଁ ଉପଲବ୍ଧ ଉପାୟ ବ୍ୟବହାର କରିବା ପରିବର୍ତ୍ତେ ସେମାନେ (କଂଗ୍ରେସ)ହଙ୍ଗାମା କରୁଛନ୍ତି। ଯେତେବେଳେ ଏକ ଦଳ ଅନୁଭବ କରେ ଯେ, ଜଣେ ବ୍ୟାଟର ଆଉଟ୍ ହୋଇଛନ୍ତି, କିନ୍ତୁ ଅମ୍ପାୟର ତାହା ଘୋଷଣା କରିନାହାନ୍ତି, ତେବେ ସେମାନେ ରିଭ୍ୟୁ ନେଇପାରିବେ । ରିଭ୍ୟୁ ପାଇଁ ଥାର୍ଡ ଅମ୍ପାୟରଙ୍କ ପାଖକୁ ଯିବା ପରିବର୍ତ୍ତେ, କଂଗ୍ରେସ ସାମ୍ବାଦିକ ସମ୍ମିଳନୀ କରିଆସୁଛି। ଥାର୍ଡ ଅମ୍ପାୟର ନିଜକୁ ନଜେ ନିଷ୍ପତ୍ତି ଶୁଣାଇବା ଆଶାରେ କଂଗ୍ରେସ ରହିଛି ବୋଲି ସେ କହିଛନ୍ତି।

### ସୁନାମ ଅର୍ଜିଥିବା...

ପଟ୍ଟାମୁଣ୍ଡାଇ ବ୍ଲକ ଅଂଚଳର ୫,୩୬,୦୨୬ ଲୋକଙ୍କ ମଧ୍ୟରୁ ୫୧ ପ୍ରତିଶତ ଜିଲା ବାହାରେ କାର୍ଯ୍ୟରତ ଅଛନ୍ତି । ଏମାନଙ୍କ ମଧ୍ୟରୁ ୬୨ ଭାଗ ପାଣିପାଇପ ମିସ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ତେବେ ଏହି କୁଶଳୀ ଶ୍ରମିକଙ୍କ ଡାଟାବେସ ନଥିବାରୁ ସରକାରୀ ପ୍ରୋତ୍ସାହନ ମିଳି ପାରୁନାହିଁ। ପଟ୍ଟାମୁଣ୍ଡାଇର ନରେନ୍ଦ୍ର ରାଉତ କହବା କଥା ଯେ, ଏଠାକାର କୁଶଳୀ କାରିଗରମାନେ ଦେଶ ବିଦେଶରେ ମଧ୍ୟସ୍ଥି, ଠିକାଦାର, ବିଲଡରଙ୍କ ଜରିଆରେ ପାଣି ପାଇପ କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି। ବହୁ ସମୟରେ ଏହି ଶ୍ରମିକଙ୍କ ନିର୍ଯାତନା ଖବର ଆସିଥାଏ । ସେହିପରି ଭିସା, ପାସପୋର୍ଟ ଆଦି ସମସ୍ୟା ରହିଛି । ଏହି ସମୟରେ ପ୍ରଶାସନ ପକ୍ଷରୁ ସାହାଯ୍ୟର ଆବଶ୍ୟକତା ଥିବା ବେଳେ ପରିଚୟ ଓ କାର୍ଯ୍ୟସ୍ଥଳୀର ତଥ୍ୟ ଅଭାବରୁ ଯୋଗାଯୋଗ ସମ୍ଭବ ହେଉନାହିଁ । ଏଥିସହିତ ଶ୍ରମ ବିଭାଗ ପକ୍ଷରୁ ଡାଟା ବେସ ପ୍ରସ୍ତୁତ କରାଯାଇ ଏକ ଟୋଲ ଫ୍ରି ନମ୍ବର ଦେଲେ ଜିଲା ବାହାରେ ରହୁଥିବା ଶ୍ରମିକଙ୍କ ସମସ୍ୟା କିଛି ଲାଘବ ହୋଇପାରିବ । ହେଲେ ଏଥିରୁ କିଛି ମିଳିବାର ସମ୍ଭାବନା ନଥିବାରୁ ଜିଲ୍ଲା ଶ୍ରମ ବିଭାଗ ନିଜର ଉତ୍ତରଦାୟିତ୍ୱକୁ ଏଡ଼ାଇ ଆସିଛି । ଧୂଆମୂଳା ଅଧୂଆମୂଳାକୁ ସମାନ କରି ହଜାର ହଜାର ସଂଖ୍ୟାରେ ଲେବର କାର୍ଡ଼ ପ୍ରଦାନ କରିବା ଏବଂ ସେମାନଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରି ପଦାଧିକାରୀମାନେ ପ୍ରତ୍ୟେହ ହାତ ଚିକ୍କଣ କରିବାରେ ମାତିଥିବା ଅଭିଯୋଗ ହୋଇଛି ।

### ଜନଗଣନାରେ ଖର୍ଚ୍ଚ...

ହେବ। ଦ୍ୱିତୀୟ ପର୍ଯ୍ୟାୟ ଫେବୃଆରୀ ୨୦୨୭ରେ ଜନଗଣନା ହେବ।' କେନ୍ଦ୍ର ମନ୍ତ୍ରୀ ଆହୁରି କହିଛନ୍ତି, ପ୍ରଥମଥର ପାଇଁ ଏକ ଡିଜିଟାଲ ଜନଗଣନା କରାଯିବ, ଯେଉଁଥିରେ ଏକ ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ତଥ୍ୟ ସଂଗ୍ରହ କରାଯିବ। ଏହି ଆବେଦନ ହିନ୍ଦୀ, ଇଂରାଜୀ ଏବଂ ଆଞ୍ଚଳିକ ଭାଷାରେ ଉପଲବ୍ଧ ହେବ। ଏହି ଜନଗଣନାରେ ବର୍ତ୍ତମାନ ନିବାସରେ ରହିବାର ଅବଧି ଓ ପ୍ରବାସର କାରଣ ସମ୍ପର୍କରେ ପଚରା ଯିବ। ଭାରତରେ ଜନଗଣନାରେ ଇତିହାସ ୧୫୦ ବର୍ଷରୁ ଅଧିକ ପୁରୁଣା ଓ ପ୍ରତ୍ୟେକ ଜନଗଣନାରେ ପିଛିଲା ଜନଗଣନାର ଅଭିଜ୍ଞତାକୁ ଧ୍ୟାନରେ ରଖାଯାଏ। ମନ୍ତ୍ରୀମଣ୍ଡଳ କମିଟି ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ଜନଗଣନାରେ ଜାତି ଆଧାରିତ ଗଣନା ମଧ୍ୟ କରାଯିବ।

### ନିର୍ମାଣାଧୀନ...

ଲିମିଟେଡ, କୋହ୍ଲାପୂର, ବମ୍ବେ ଦ୍ୱାରା ନିର୍ମାଣାଧୀନ ଏହି ପାଣି ଟାଙ୍କିରେ କାମ କରୁଥିଲା। ତାଙ୍କ ସଂପର୍କୀୟ ଭିଣୋଇ ନୟାଗଡ ଜିଲ୍ଲା ସାନଓରଡ଼ା ଗ୍ରାମର ପ୍ରଶାନ୍ତ ସ୍ୱାଇଁ ପୋଲିସକୁ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ପହଂଚି ଶବକୁ ଜବତ କରିବା ସହ ୩୦/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଠାରେ ପ୍ରଶ୍ନ ଉଠୁଛି ଯେ, ନିର୍ମାଣାଧିନ ବହୁ ଉଚ୍ଚ ବିଶିଷ୍ଟ ପାଣି ଟାଙ୍କି ନିର୍ମାଣରେ ଶ୍ରମିକମାନେ ଅସୁରକ୍ଷିତ ଭାବେ କାମ କରୁଥିବା ବେଳେ ପ୍ରଶାସନ ଦୃଷ୍ଟି ନଦେବା ଦୁର୍ଭାଗ୍ୟର ବିଷୟ। ପ୍ରଶାସନର ଅବହେଳା ପାଇଁ ଜଣେ ଗରୀବ ଶ୍ରମିକର ଜୀବନ ଅକାଳରେ ଚାଲି ଗଲା ବୋଲି କୁହାଯାଉଛି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲ୍ଲା ଲେବର କମିଶନର ପ୍ରଦୀପ କୁମାର ମହାନ୍ତିଙ୍କୁ ପଚାରିବାରୁ ମୁ ଏବେ ଶୁଣିଲି,ସମ୍ପୃକ୍ତ ଠିକା କମ୍ପାନୀ ବିରୁଦ୍ଧରେ ମକଦ୍ଦମା ରୁଜୁ କରାଯିବା ସହ ଶ୍ରମିକଙ୍କ ପରିବାରକୁ କ୍ଷତି ପୂରଣ ମିଳିବାର ବ୍ୟବସ୍ଥା ହେବ ବୋଲି କହିଥିଲେ।

### ତୃତୀୟ ବିଶ୍ୱଯୁଦ୍ଧ...

ଭାବରେ ୟୁକ୍ରେନକୁ ସହାୟତା ପ୍ରଦାନ କରିବାକୁ ଇଚ୍ଛୁକ ହେବ। ତଥାପି, ସେ ନିରାଶା ପ୍ରକାଶ କରିଛନ୍ତି ଯେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର୍ ଜେଲେନ୍ସକି ଆମେରିକାର ଶାନ୍ତି ଯୋଜନାରେ ସହଜରେ ରାଜି ହୋଇନଥିଲେ, ଯାହା କିଭ ଉପରେ ଚାପ ବୃଦ୍ଧି କରିଥିଲା।

### ବଦଳିଲା...

ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ ଏହି ଯୋଜନାକୁ ଲାଗୁ କରାଯାଇଥିଲା। ଏହା ସମୟକ୍ରମେ ସବୁଠାରୁ ବଡ କେନ୍ଦ୍ରୀୟ ନିଯୁକ୍ତି ଯୋଜନାରେ ପରିଣତ ହୋଇଛି।

### ଜାତୀୟ ଆୟର...

ବା ପାଖାପାଖି ୧୦୫୮ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଏହି ରିପୋର୍ଟକୁ ୨୦୦ରୁ ଅଧିକ ବ୍ୟକ୍ତି ପ୍ରସ୍ତୁତ କରିଥାନ୍ତି। ରିପୋର୍ଟ ପାଇଁ ୧୮୦ ଦେଶରୁ ତଥ୍ୟ ଏକତ୍ର କରାଯାଇଥାଏ। ଭାରତରେ ୧୦୦ ପୁରୁଷଙ୍କ ତୁଳନାରେ କେବଳ ୧୫.୭% ମହିଳାଙ୍କ ପାଖରେ ରୋଜଗାର ରହିଛି। ଗତ ଦଶନ୍ଧି ମଧ୍ୟରେ ଏଥିରେ କୌଣସି ସୁଧାର ଦେଖିବାକୁ ମିଳିନାହିଁ । ସମଗ୍ର ବିଶ୍ୱ କଥା ଯଦି ବିଚାରକୁ ନିଆଯାଏ ତେବେ ବିଶ୍ୱର ଶ୍ରେଷ୍ଠ ୧୦% ଧନୀଙ୍କ ପାଖରେ ୭୫% ସମ୍ପତ୍ତି ରହିଛି । ବିଶ୍ୱର ନିମ୍ନ ସ୍ତରରେ ଥିବା ୫୦% ଲୋକଙ୍କ ପାଖରେ ମାତ୍ର ୨% ସମ୍ପତ୍ତି ରହିଛି। ବିଶ୍ୱର ମୋଟ ଆୟରେ ଏହି ୧୦% ଲୋକଙ୍କ ଅଂଶ ୫୩% ଥିବାବେଳେ ନିମ୍ନ ସ୍ତରରେ ଥିବା ୫୦% ଲୋକଙ୍କୁ ମିଳୁଛି କେବଳ ୮% ଆୟ। ଅସମାନତାରେ ଦକ୍ଷିଣ ଆଫ୍ରିକା ପରେ ଭାରତ ରହିଛି। ଦକ୍ଷିଣ ଆଫ୍ରିକାର ଶ୍ରେଷ୍ଠ ୧୦% ଧନୀଙ୍କ ପାଖରେ ୮୫% ସମ୍ପତ୍ତି ଥିବାବେଳେ ଜାତୀୟ ଆୟରେ ଏମାନଙ୍କ ଅଂଶ ରହିଛି ୬୬%। ଲାଟିନ୍ ଆମେରିକୀୟ ଦେଶ ଯେପରି ବ୍ରାଜିଲରେ ଶ୍ରେଷ୍ଠ ୧୦% ଧନୀଙ୍କୁ ମିଳୁଛି ୬୦% ଜାତୀୟ ଆୟ। ୟୁରୋପରେ ସ୍ୱିଡେନ୍ ଏବଂ ନରୱେ ଭଳି ଦେଶ ଭଲ ସ୍ଥାନରେ ଥିବା ଜଣାପଡିଛି।


## ଜିଲ୍ଲା ସଂସ୍କୃତି ପରିଷଦ, ନବରଙ୍ଗପୁର



### ବାର୍ତ୍ତା

# ମଣ୍ଡେଇ

### ମହୋତ୍ସବ-୨୦୨୫ର ଶୁଭକାମନା

ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ନବରଙ୍ଗପୁର ଜିଲ୍ଲାର କଳା, ସଂସ୍କୃତି, ଐତିହ ଓ ପରମ୍ପରାର ସାଂସ୍କୃତିକ ଉତ୍ସବ "ମଣ୍ଡେଇ ମହୋତ୍ସବ-୨୦୨୫" ଏବଂ "ପଲ୍ଲୀଶ୍ରୀ ମେଳା" ମହା ଉଲ୍ଲାସ ଓ ଉଦ୍ଦୀପନା ମଧ୍ୟରେ ସ୍ଥାନୀୟ ସୂତନ ମଣ୍ଡେଇ ପଡ଼ିଆ ହିର୍ଲି ଠାରେ ଆସନ୍ତା ଡିସେମ୍ବର ୧୨ ତାରିଖ ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ସମଗ୍ର ଜିଲ୍ଲାର ଭିନ୍ନ ଭିନ୍ନ ଅଞ୍ଚଳର ନୃତ୍ୟ, ସଙ୍ଗୀତ, ବାଦ୍ୟ, ଲୋକଗୀତ ତଥା ସଂସ୍କୃତିକୁ ନିଜସ୍ୱ ଢଙ୍ଗରେ ବଞ୍ଚେଇ ରଖିବା ଏବଂ ଏହାର ପ୍ରଚାର ପ୍ରସାର ଦିଗରେ "ମଣ୍ଡେଇ" ଏକ ବଳିଷ୍ଠ ମଞ୍ଚ ଯାହା କେବଳ ରାଜ୍ୟ କାହିଁକି ସାରା ଭାରତ ବର୍ଷରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ମହୋତ୍ସବର ଅନ୍ୟତମ ଆକର୍ଷଣ "ପଲ୍ଲୀଶ୍ରୀ ମେଳା" ରାଜ୍ୟ ତଥା ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା କାରିଗରଙ୍କ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବା ସହ "ମଣ୍ଡେଇ ସ୍ମରଣିକା" ପ୍ରକାଶନ ପାଠକ ମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବ ବୋଲି ଆଶା କରୁଛି ।

ଏହି ଅବସରରେ ମୁଁ ନବରଙ୍ଗପୁର ଜିଲ୍ଲାର ସମସ୍ତ ଭାଇଭଉଣୀଙ୍କୁ ମଣ୍ଡେଇ-୨୦୨୫ ର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ ସହ ଏହି ସାଂସ୍କୃତିକ ମହୋତ୍ସବରେ ବହୁ ସଂଖ୍ୟାରେ ଯୋଗ ଦେଇ ସମସ୍ତ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ସ୍ୱାଗତ କରୁଛି ।



**ଡଃ ମହେଶ୍ୱର ସ୍ୱାଇଁ**
ଜିଲ୍ଲାପାଳ ତଥା ଅଧ୍ୟକ୍ଷ,
ଜିଲ୍ଲା ସଂସ୍କୃତି ପରିଷଦ, ନବରଙ୍ଗପୁର

ସୌଜନ୍ୟ-
ଶୁଭେନ୍ଦୁ ବିଶ୍ୱାସ,
ADH, Nabarangpur



Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460

Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ | Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ